

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୨ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 April 2026

Vol.No. 36 ■ No.97 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ପଶ୍ଚିମବଙ୍ଗରେ ପରିବର୍ତ୍ତନର ହୁଙ୍କାର ଦେଲେ ପ୍ରଧାନମନ୍ତ୍ରୀ: ଭ୍ରଷ୍ଟାଚାର ବିରୋଧରେ ଆସିବ 'ଶ୍ୱେତପତ୍ର'

ନୂଆଦିଲ୍ଲୀ,୧୧/୪ : ପଶ୍ଚିମବଙ୍ଗର ରାଜନୈତିକ ରଣାଙ୍ଗନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ବିରୋଧରେ ଏକ ଶାଣିତ ଆକ୍ରମଣ କରିଛନ୍ତି । ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ସମର୍ଥନ ଦେଖି ଟିଏମସି ଏବେ 'ପ୍ୟାନିକ୍ ମୋଡ୍' ବା ଆତଙ୍କିତ ଅବସ୍ଥାରେ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ଦ୍ଧମାନ ଓ ଜଙ୍ଗିପୁରଠାରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରି ସେ ଘୋଷଣା କରିଛନ୍ତି ଯେ, ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ, ତେବେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ହେବା



ସହ ରାଜନୈତିକ ହିଂସାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରୁ ସମସ୍ତ ଅନୁପ୍ରବେଶକାରୀଙ୍କୁ ବିଦା କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେବା ସହ ସେମାନଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଦଣ୍ଡିତ କରାଯିବ ବୋଲି କହିଛନ୍ତି । ରାଜ୍ୟରେ ଚାଲିଥିବା 'ସିଣ୍ଡିକେଟ୍ ରାଜ୍' ଓ ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ବିଜେପି ସରକାର ଏକ ଶ୍ୱେତପତ୍ର ଜାରି କରିବ ବୋଲି ସେ ସୂଚନା ଦେଇଛନ୍ତି । ଏଥିସହିତ ରାଜନୈତିକ ହିଂସାର ତଦନ୍ତ ପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ତଦନ୍ତ କମିଶନ ଗଠନ କରାଯିବ। ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଟିଏମସି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ବନ୍ଦ କରାଯିବ ନାହିଁ, ବରଂ ସେଥିରୁ ଦୁର୍ନୀତିକୁ ହଟାଇବା ସହ ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ କରାଯିବ ।

◆◆ପୃଷ୍ଠା ୭

## ସରିଲା ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତି କାର୍ଯ୍ୟ: ଏପ୍ରିଲ ୧୩ରୁ ଗଣାଯିବ ଭିତର ରତ୍ନ ଅଳଙ୍କାର



ପୁରୀ, ୧୧/୪ (ନି.ପ୍ର): ଶେଷ ହେଲା ବାହାର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ। ଆଜି ଚତୁର୍ଥ ଦିନରେ ପୂର୍ବାହ୍ନ ୧୧ଟା ୪୫ରୁ ସନ୍ଧ୍ୟା ୬ଟା ୩୫ ପର୍ଯ୍ୟନ୍ତ ଅର୍ଥାତ୍ ୬ ଘଣ୍ଟା ୫୫ ମିନିଟ୍ ଧରି ଚାଲିଥିଲା ରତ୍ନ ଅଳଙ୍କାର ଗଣତି କାର୍ଯ୍ୟ। ଏପ୍ରିଲ ୧୩ ତାରିଖରୁ ଆରମ୍ଭ ହେବ ଭିତର ରତ୍ନ ଅଳଙ୍କାର ଗଣତି କାର୍ଯ୍ୟ। ପୂର୍ବ ନିର୍ଦ୍ଧାରିତ ଏସଓପି ଅନୁଯାୟୀ ଜିଲ୍ଲା ଟ୍ରେଜେରୀରେ ଥିବା ଚାବିକୁ ଅଣାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଣାଯିବ। ଆସନ୍ତା ୧୩ ତାରିଖ ଓ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଗଣାଯିବ ଭିତର ରତ୍ନ ଭଣ୍ଡାର । ଆସନ୍ତାକାଲି ରବିବାର ଥିବାରୁ ଗଣତି ବନ୍ଦ ରହିବ। ୧୮ ତାରିଖ ପରେ ବାହାର ଚନ୍ଦନ ଯାତ୍ରା ଯୋଗୁଁ ବନ୍ଦ ରହିବ ଗଣତି କାର୍ଯ୍ୟ । ୧୯୭୮ ତାଲିକା ଅନୁସାରେ, ବାହାର ରତ୍ନଭଣ୍ଡାରରେ ୭୯ଟି ସୁନା ଓ ୩୯ଟି ରୁପା ଦ୍ରବ୍ୟ ରହିଛି। ଏବେ ଗଣତି ବେଳେ ୧୪୮ଟି ଦ୍ରବ୍ୟ ମିଳିଛି। ଯାହାକୁ ୨୦୨୬ର ନୂଆ ତାଲିକାରେ ଯୋଡା ଯାଇଛି। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତି ମଣତି ବନ୍ଦ ରହିବ। ଏହାପରେ ୧୬ ରୁ ୧୮ ଯାଏଁ ପୁଣିଥରେ ଗଣତି ମଣତି କରାଯିବ। ତେବେ ତାଲିକା ଅନୁଯାୟୀ ଥିବା ନାମ ଅନୁସାରେ ୨ଟି ଦ୍ରବ୍ୟ ଚିହ୍ନଟ ହୋଇ ପାରିନାହିଁ। ତେଣୁ ଏହି ଦୁଇଟିକୁ ମଧ୍ୟ ଉଲ୍ଲେଖ କରାଯାଇଛି।

## ଆତଙ୍କବାଦୀଙ୍କ ପାଇଁ ଓଡ଼ିଶା ପାଲଟିଛି ସୁରକ୍ଷିତ ସ୍ଥାନ: ୬ ମାସ ହେବ ରାଜଧାନୀରେ ଲୁଚିଥିଲା ସନ୍ଦିଗ୍ଧ ଆତଙ୍କୀ ଇମ୍ରାନ

ଭୁବନେଶ୍ୱର, ୧୧/୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଗିରଫ ହୋଇଛି ସନ୍ଦୀଗ୍ଧ ଆତଙ୍କବାଦୀ। ୟୁନିଟ୍-୬ ଅଞ୍ଚଳରୁ ଏହି ଆତଙ୍କୀକୁ ଗିରଫ କରିଛି ଦିଲ୍ଲୀ ପୁଲିସ ସ୍ପେଶାଲ ବ୍ରାଞ୍ଚ। ଅଭିଯୁକ୍ତକୁ ଗିରଫ କରାଯିବା ପରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଅଧିକ ଜେରା ଚଳାଇଛି ସ୍ୱତନ୍ତ୍ର ଟିମ୍। ଅଭିଯୁକ୍ତ ପାକିସ୍ତାନର ଆତଙ୍କୀ ସଙ୍ଗଠନ ସହ ଲିଙ୍କରେ



ଥିବା ସନ୍ଦେହ କରାଯାଉଥିବା ବେଳେ ଏହା ଉପରେ ଅଧିକ ଖୋଳତାଡ ଜାରି ରଖିଛି ପୁଲିସ୍। ସନ୍ଦୀଗ୍ଧ ଆତଙ୍କବାଦୀ ଶେଖ ଇମ୍ରାନ୍। ବାପା ସରକାରୀ ଚାକିରି କରୁଥିବାରୁ ସରକାରୀ କ୍ୱାର୍ଟର୍ସରେ ସୁରକ୍ଷିତ ଭାବେ ରହି ଗୁପ୍ତ ଅପରେସନ ଚଳାଉଥିଲା ୨୨ ବର୍ଷିୟ ଯୁବକ। ଭୁବନେଶ୍ୱରର ଗଙ୍ଗା ନଗର ୟୁନିଟ୍-୬ ଅଞ୍ଚଳରେ ଥିବା ଘରୁ ଇମ୍ରାନକୁ ଗିରଫ କରିଛି ଓଡ଼ିଶା ପୋଲିସ୍ ଏବଂ ଦିଲ୍ଲୀ ପୋଲିସର ଏକ ଯୁଗ୍ମ ଟିମ୍ । ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଇମ୍ରାନକୁ ଗିରଫ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅନଲାଇନ୍ କାର୍ଯ୍ୟକଳାପକୁ ନେଇ ଦିଲ୍ଲୀ ପୁଲିସର ସନ୍ଦେହ ଘେରକୁ ଆସିଥିଲା ଇମ୍ରାନ। ସେଥିପାଇଁ ପ୍ରାୟ ୬ ମାସ ପୂର୍ବେ ଓଡ଼ିଶାକୁ ପଳାଇଆସିଥିଲା ଇମ୍ରାନ। ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଭାରତ-ବିରୋଧୀ ପ୍ରଚାର କରୁଥିଲା।

◆◆ପୃଷ୍ଠା ୭

## ମହାରାଷ୍ଟ୍ରର ତିନୋଟି ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ

ନୂଆଦିଲ୍ଲୀ,୧୧/୪ : ମହାରାଷ୍ଟ୍ରର ତିନୋଟି ଜିଲ୍ଲା - ହିଙ୍ଗୋଲି, ନାନ୍ଦେଡ ଏବଂ ପରଭାନୀରେ ଶନିବାର ସକାଳ ପ୍ରାୟ ୮:୦୦ ଟା ସମୟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା।ନେସନାଲ ସେଣ୍ଟର ଫର ସେସ୍ମୋଲୋଜି ଏହି ଭୂମିକମ୍ପର ତୀବ୍ରତା ୪.୭ ମାପିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ହିଙ୍ଗୋଲି ଜିଲ୍ଲାର ଭାସମାତ ତହସିଲ ଅନ୍ତର୍ଗତ ଶିରଲି ଗ୍ରାମରେ ଭୂମି ତଳେ ୧୦ କିଲୋମିଟର ତଳେ ଅବସ୍ଥିତ ଥିଲା। ଏହି ତିନୋଟି ଜିଲ୍ଲାର ପ୍ରଶାସନ ବର୍ତ୍ତମାନ ଭୂମିକମ୍ପ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରୁଛି।

◆◆ପୃଷ୍ଠା ୭

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଛଗନ ଭୁଜବଲଙ୍କ ହେଲିକପ୍ଟର



ନୂଆଦିଲ୍ଲୀ,୧୧/୪ : ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ଏନସିପି ନେତା ଛଗନ ଭୁଜବଲଙ୍କ ହେଲିକପ୍ଟର ଶନିବାର ଦୁର୍ଘଟଣାଗ୍ରସ୍ତ ହେବାରୁ ଅଳ୍ପକେ ବର୍ତ୍ତି ଯାଇଛି। ହେଲିକପ୍ଟରଟି ହେଲିପ୍ୟାଡରେ ଅବତରଣ କରିବା ପରିବର୍ତ୍ତେ ପାର୍କିଂରେ ଅବତରଣ କରିଥିଲା। ଅଧିକାରୀମାନେ କହିଛନ୍ତି ଯେ, ଭିଭିଆଇପିଙ୍କ ଆଗମନ ପାଇଁ ଏକ ଉପଯୁକ୍ତ ହେଲିପ୍ୟାଡ୍

◆◆ପୃଷ୍ଠା ୭

## କଣ୍ଠଶିଳ୍ପୀ ଆଶା ଭୋସଲେ ଅସୁସ୍ଥ: ହସ୍ପିଟାଲରେ ଚାଲିଛି ଚିକିତ୍ସା

ନୂଆଦିଲ୍ଲୀ,୧୧/୪ : ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହେଲେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେ । ମୁମ୍ବାଇର ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜାତୀୟ ଗଣମାଧ୍ୟମରେ ସୂଚନା । ଅନେକ ଫିଲ୍ମରେ ସେ ଗୀତ



ଗାଇଛନ୍ତି । ସ୍ୱର୍ଗତ ଲତା ମଙ୍ଗେସକରଙ୍କ ସେ ସାନ ଭଉଣୀ । ତେବେ ମେଡିକାଲରେ ଭର୍ତ୍ତି ହେବା ପରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ଶୁଭେଚ୍ଛୁ ଓ ପ୍ରଶଂସକ । ସେପଟେ ବ୍ରିଚ୍ କାଣ୍ଡି ହସ୍ପିଟାଲର ଡାକ୍ତର ପ୍ରତୀତ ସମଦାନୀଙ୍କ ସୂଚନା ମୁତାବକ ଆଜି ତାଙ୍କୁ ହୃଦଘାତ ହୋଇଛି । ଏହାପରେ ତାଙ୍କୁ ତୁରନ୍ତ ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଏନେଇ ଆଶାଙ୍କ ପରିବାର ତରଫରୁ କୌଣସି ସୂଚନା ଦିଆଯାଇନାହିଁ । ସୂଚନା ଥାଉକି ପ୍ରସିଦ୍ଧ ଗାୟୀକା ଆଶାଙ୍କୁ ଏବେ ୯୨ ବର୍ଷ ବୟସ ଚାଲିଛି । ସେ ୭୦ ବର୍ଷ ଧରି ସଂଗୀତ ଦୁନିଆରେ ଆକ୍ଟିଭ୍ ରହିଛନ୍ତି । ସେ ଭିନ୍ନ ଭିନ୍ନ ଭାଷାରେ ୧ ହଜାରରୁ ଅଧିକ ଗୀତ ଗାଇଛନ୍ତି । ତାଙ୍କୁ ୨୦୦୦ ମସିହାରେ ଦାଦା ସାହେବ ଫାଲକେ ପୁରସ୍କାର ମିଳିଥିଲା । ସେହିଭଳି ୨୦୦୮ ମସିହାରେ ତାଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଆର୍ନିୟା ସେକ୍ଟରରୁ ସନ୍ଦିଗ୍ଧ ପାକିସ୍ତାନୀ ବେଲୁନ୍ ଉଦ୍ଧାର

ନୂଆଦିଲ୍ଲୀ,୧୧/୪ : ଶନିବାର ସକାଳ ପ୍ରାୟ ୬ଟା ୫୫ ସମୟରେ ସୀମା ପୋଲିସ ପୋଷ୍ଟ ସାଇ ସେକ୍ଟର ଅର୍ନିଆ ଅଧୀନରେ ଥିବା ଗାରୋରେ ନାଲା ନିକଟସ୍ଥ ସର୍ଦାରୀ ଖେଳ ପଡ଼ିଆରେ ଏକ ସନ୍ଦିଗ୍ଧ ପାକିସ୍ତାନୀ ବେଲୁନ୍ ଦୃଶ୍ୟମାନ ହୋଇଥିବା ପୋଲିସ ସୂଚନା ପାଇଥିଲା। ବର୍ଡର ପୋଲିସ ପୋଷ୍ଟ ସାଇର ଏକ ପୋଲିସ ଦଳ ତୁରନ୍ତ ଘଟଣାସ୍ଥଳରେ ପହଂଚି ଥିଲେ। ଏହି ସବୁଜ ଏବଂ ଧଳା ବେଲୁନକୁ ଧରାଯାଇଥିଲା। ଅଧିକ ତଦନ୍ତ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ଧାର ହୋଇଥିବା ସାମଗ୍ରୀକୁ ସୀମା ପୋଲିସ ପୋଷ୍ଟ ସାଇରେ ରଖାଯାଇଛି। ବସ୍ତୁର ଉତ୍ସ ଏବଂ ଉଦ୍ଦେଶ୍ୟ ଜାଣିବା ପାଇଁ ଅଧିକ ଅନୁସନ୍ଧାନ ଚାଲିଛି। ପୋଲିସ ସତର୍କ ରହିଛି ଏବଂ ଜନସାଧାରଣଙ୍କୁ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା କାର୍ଯ୍ୟକଳାପ ବିଷୟରେ ନିକଟସ୍ଥ ପୋଲିସ ଷ୍ଟେସନରେ ରିପୋର୍ଟ କରିବାକୁ ଅନୁରୋଧ କରିଛି ବୋଲି ଅଧିକାରୀମାନେ କହିଛନ୍ତି।

## ଟ୍ରିବ୍ୟୁନାଲ ଅବଧି ଆଉ ୯ମାସ ବଢ଼ିଲା: ୨୦ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୧୧/୪ (ନି.ପ୍ର): ମହାନଦୀ ଜଳବିବାଦର ସମାଧାନ ପାଇଁ ଗଠିତ ମହାନଦୀ ଜଳ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଆଉ ୯ମାସ ପାଇଁ ବୃଦ୍ଧି କରିଛନ୍ତି । ଏନେଇ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ମାଧ୍ୟମରେ ଜଳବିବାଦର ସମାଧାନ ହେବ





ବୋଲି ଶାସକ ବିଜେପି ଆଶାବ୍ୟକ୍ତ କରିଥିବାବେଳେ ବିଜେଡି ଏହି ଅବଧି ବୃଦ୍ଧିକୁ ନେଇ ଚିନ୍ତା ବ୍ୟକ୍ତ କରିଛି। କଂଗ୍ରେସ ଆଉ ପାଦେ ଆଗକୁ ଯାଇ ପଂଚାୟତ ନିର୍ବାଚନ ପୂର୍ବରୁ ମହାନଦୀ ଜଳବିବାଦର ସମାଧାନ ନହେଲେ ବିଜେପିର ସମସ୍ତ ୨୦ ସାଂସଦଙ୍କ ବାସଭବନକୁ କଂଗ୍ରେସ ଘେରାଉ କରିବ

◆◆ପୃଷ୍ଠା ୭

## ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ : ଖୁବ୍‌ଶୀଘ୍ର ଦୁଇଟି ରାଜ୍ୟକୁ ଯିବ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର, ୧୧/୪ (ନି.ପ୍ର): ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ । ଗ୍ରାମାଞ୍ଚଳରେ ପାନୀୟ ଜଳ ପରିଚାଳନା ଏବଂ ରକ୍ଷଣ ବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ରହିବ ବଡ଼ ଭୂମିକା। ନିଗମ ଗଠନ ନେଇ ଖୁ ଶୀଘ୍ର ଦୁଇଟି ରାଜ୍ୟକୁ ଯିବ ସ୍ୱତନ୍ତ୍ର ଟିମ। ମଧ୍ୟ ପ୍ରଦେଶ ଏବଂ କର୍ଣ୍ଣାଟକକୁ ଟିମ ଯାଇ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ। ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାର୍ଯ୍ୟ କରିବ। ୨୦୭ମେଗା ପ୍ରକଳ୍ପ, ୧୮ହଜାର ୭୦୦ ସିଙ୍ଗଲ ଭାଲ୍ଭ, ୬ହଜାର ୫୫୧ ସୋଲାର ସିଷ୍ଟମ ପରିଚାଳନାକୁ ନିଗମ ନିରୀକ୍ଷଣ କରିବ। ନୂଆ ନୀତିରେ ମେଗା ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣ ବେକ୍ଷଣ ଦାୟିତ୍ୱ ୫ବର୍ଷ ପାଇଁ ଗୋଟିଏ ଏଜେନ୍ସିକୁ ଦିଆଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ଓ ଜଳଯୋଗାଣ ମନ୍ତ୍ରୀ ରବି ନାୟକ।

## ବିନା ଅନୁମତିରେ ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ହୋଇପାରିବନି ଆନ୍ଦୋଳନ, ହରତାଳ କି ସଭାସମିତି

ଭୁବନେଶ୍ୱର, ୧୧/୪ (ନି.ପ୍ର): ବିନା ଅନୁମତିରେ ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ହୋଇପାରିବନି ଆନ୍ଦୋଳନ, ହରତାଳ କି ସଭାସମିତି। ଶିକ୍ଷାନୁଷ୍ଠଆନରେ ଆଇସିସି ଓ ଆଣ୍ଟି ରାଗିଂ କମିଟି ନଥିଲେ ଆଡମିଶନ ବେଳେ ଲାଗିବ କଟକଣା। ବିଶ୍ୱବିଦ୍ୟାଳୟରୁ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନ ସବୁଠି ଏଭଳି ଅନେକ ନିୟମ କଡ଼ାକଡ଼ି ପାଳନ ପାଇଁ ଉଚ୍ଚଶିକ୍ଷା ବିଭାଗ ଦେଇଛି ୧୧ ପୃଷ୍ଠା ବିଶିଷ୍ଟ



ଆଦର୍ଶ ଆଚରଣବିଧି ପାଳନ ପାଇଁ ଲମ୍ବା ଚିଠି। ଯାହାକୁ ଶିକ୍ଷାନୁଷ୍ଠାନମାନେ ସ୍ୱାଗତ କରିଥିବା ବେଳେ ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍ କିନ୍ତୁ ଭିନ୍ନ ମତ ପୋଷଣ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗିବ ଆଦର୍ଶ ଆଚରଣବିଧି। ବିନା ଅନୁମତିରେ କଲେଜରେ ହୋଇ ପାରିବନି ଆନ୍ଦୋଳନ କି ସଭା ସମିତି। ଅଣଛାତ୍ରଙ୍କ ସମେତ ପୂର୍ବତନ ବିଦ୍ୟାର୍ଥୀଙ୍କ ପ୍ରବେଶ ଉପରେ ବି ଲାଗିବ କଟକଣା। ସବୁ କ୍ୟାମ୍ପସରେ ଆଇସିସି କମିଟି ଏବଂ ଆଣ୍ଟି ରାଗିଂ ସହ ବିବାଦ ସମାଧାନ କମିଟି ରହିବା ବାଧ୍ୟତାମୂଳକ। ବିଶ୍ୱବିଦ୍ୟାଳୟରୁ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନ, ସବୁଠି ନିୟମ ହେବ କଡ଼ାକଡ଼ି। ଶିକ୍ଷକ ଓ ଛାତ୍ରଛାତ୍ରୀ କେହି ବି ଉଲ୍ଲଂଘନ କଲେ ହେବ ଆକ୍ସନ। ଏ ହେଉଛି ଉଚ୍ଚଶିକ୍ଷା ସେହି ମଡେଲର ୧୧ ପେଜର ସେହି ଲମ୍ବା ଚିଠି। ଉଚ୍ଚଶିକ୍ଷା ବିଭାଗ ଅଧିନରେଥିବା ସବୁ ଶିକ୍ଷାନୁଷ୍ଠାନକୁ ଆଦର୍ଶ

◆◆ପୃଷ୍ଠା ୭

## କୁନୋ ଜାତୀୟ ଉଦ୍ୟାନରେ ୪ ଶାବକ ଜନ୍ମଦେଲା ଭାରତରେ ଜନ୍ମିତ ଚିତା

ନୂଆଦିଲ୍ଲୀ,୧୧/୪ : ମଧ୍ୟପ୍ରଦେଶର ସିଓପୁରସ୍ଥିତ କୁନୋ ଜାତୀୟ ଉଦ୍ୟାନରେ ଭାରତରେ ଜନ୍ମିତ ଏକ ଚିତା ୪ଟି ଶାବକକୁ ଜନ୍ମ ଦେଇଛି। ୨ ବର୍ଷର ମା' ଚିତା ଦକ୍ଷିଣ ଆଫ୍ରିକାରୁ ଆସିଥିବା ଚିତା 'ଗାମିନି'ଠାରୁ ଜନ୍ମଲାଭ କରିଥିଲା। ଗତବର୍ଷ ଦୁହେଁ ଏକାଠି ବୁଲୁଥିବାର ଦେଖାଯାଇଥିଲା। ବନ୍ୟ ଅଧିକାରୀ ଭାରତରେ ଜନ୍ମିତ ଏହି ଚିତା ନିଜର ଶାବକ ଜନ୍ମ ଦେବା ଘଟଣାକୁ ଏକ ବଡ଼ ସଫଳତା ବୋଲି କହିଛି। ଜାତୀୟ ଉଦ୍ୟାନର ଫିଲ୍ଡ ଡାଇରେକ୍ଟର ଉତ୍ତମ ଶର୍ମା। କହିଛନ୍ତି, ଚିତାମାନେ ପୂର୍ବରୁ ଜଙ୍ଗଲ ସହିତ ଖାପ ଖୁଆଇ ସାରିଛନ୍ତି ଓ ମୁକ୍ତ ଭାବରେ ବିଚରଣ କରୁଛନ୍ତି। ତେବେ ଜଙ୍ଗଲରେ ମିଳନ ଏବଂ ଛୁଆ ଜନ୍ମ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ପ୍ରଥମ ଥର ପାଇଁ ଜଙ୍ଗଲରେ ପାଳିତ ଭାରତୀୟ ଜନ୍ମିତ ମାଈ ଚିତା ଏନ୍‌କ୍ଲୋଜର ବାହାରେ ପ୍ରସବ କରିଛି। ପୂର୍ବରୁ ପ୍ରଥମ ଭାରତୀୟ ଜନ୍ମିତ ମାଈ ଚିତା ମୁଖୀ ଏନ୍‌କ୍ଲୋଜର ଭିତରେ ପ୍ରସବ କରିଥିଲା।

# ଈଶାଣୀ ବୈଶାଖୀ ମହୋତ୍ସବ ମହାଡମ୍ବରରେ ଉଦ୍‌ଘାଟିତ



ବାଲେଶ୍ୱର, ୧୧/୪ (ନି.ପ୍ର): "ଗୋଟିଏ ଦେଶର ବିକାଶ, ସେହି ଦେଶର ବ୍ୟକ୍ତିସତ୍ତାଙ୍କ ଉପରେ ନିର୍ଭର କରିଥାଏ। ଏକତା ହିଁ ସେହି ଦେଶର ପ୍ରଗତି ପାଇଁ ଜନଗଣଙ୍କୁ ଲୋଡ଼ିଥାଏ। ଯେତେଦିନ ଯାଏଁ ମୁଁ ବଂଚିଥିବି ଈଶାଣୀ ଲବଣ ସତ୍ୟାଗ୍ରହ ମିନି ଷ୍ଟାଡ଼ିୟମ୍‌ର ସର୍ବାଙ୍ଗୀନ ପ୍ରଗତି ପାଇଁ ମୋର ସେବା ଅବ୍ୟାହତ ରହିବ" ବୋଲି ଏକାଦଶ ସଂସ୍କରଣ ବୈଶାଖୀ ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ଉଦ୍‌ଘାଟନ କରି ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣାର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ନିଜର ପ୍ରତିଶ୍ରୁତି ରଖିଥିଲେ। ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଅତିଥିମାନଙ୍କ ଭିତରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ରହି ଈଶାଣୀ ଖେଳପଡ଼ିଆର ସାମଗ୍ରୀକ ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କ ସହଯୋଗ କରାଇବା ପାଇଁ ସମ୍ମତିପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି-କଥାକାର ସୁବକ୍ତା ପ୍ରଶାନ୍ତ ଦାସ ଶ୍ରଦ୍ଧାପୂର୍ଣ୍ଣ ସଂପର୍କ ଦ୍ୱାରା ହିଁ 'ବସୁଧୈବ କୁଟୁମ୍ବକମ୍' ବାଣୀର ଯଥାର୍ଥତା ପାଳନ କରିବା ପାଇଁ ଈଶାଣୀ ଲବଣ ସତ୍ୟାଗ୍ରହ ଗ୍ରାମାଞ୍ଚଳର ଜନଗଣଙ୍କୁ ଉତ୍ସାହ-ଉଦ୍ଦୀପନା ପ୍ରଦାନ କରିଥିଲେ। ସାରଗାଁ ଗ୍ରାମପଞ୍ଚାୟତ ସମିତି ସଦସ୍ୟ ସୂର୍ଯ୍ୟ କୁମାର ମିଶ୍ର, ଗୁଡ଼୍ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ଲମ୍ବୋଦର ପ୍ରଧାନ ଏବଂ ମା' ଭାରତୀ ଗୋ ସେବା କେନ୍ଦ୍ର ବାଲେଶ୍ୱରର ଜୀତେନ୍ଦ୍ର ସ୍ୱାଇଁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ଏବଂ ସାଧାରଣ ସଂପାଦକ ଭାଗବତ ସାହୁ ପ୍ରାରଂଭିକ ସୂଚନା ଦେବା ସହ ସଂପାଦକୀୟ ବିବରଣୀ ରଖିଥିଲେ। ଉପସଭାପତି କବି ଶ୍ରୀଦେବ ସମଗ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସନ୍ଧ୍ୟାକୁ ନିଷ୍ପାଦନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପଣ୍ଡିତ ଅଜୟ କୁମାର ପଣ୍ଡାଙ୍କ ଦ୍ୱାରା ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା।

# ଟିଳୋ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

ଭଦ୍ରକ, ୧୧/୪ (ନି.ପ୍ର): ଶୁକ୍ରବାର ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢୀ ଯୋଗ ଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ନିଜର ଆଚରଣ ଓ ଉଚାରଣରେ ପିଲାଙ୍କ ପାଇଁ ପ୍ରେରଣାଦାୟୀ ହୁଅନ୍ତୁ ବୋଲି କହିଥିଲେ । ଉଦ୍‌ଘାଟକ ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢନ୍ତୁ ଏବଂ ଭଲ ଚାକିରୀ କରନ୍ତୁ କିନ୍ତୁ ନିଜର ସ୍ୱାଭିମାନ ଓ ସମ୍ମାନକୁ ଜଳାଞ୍ଜଳୀ ଦେଇ କୌଣସି କାର୍ଯ୍ୟ କରନ୍ତୁ ନାହିଁ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ସମାଜରେ ଭଲ ମଣିଷର ଅଭାବ ରହିଛି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ସହନଶୀଳତା ସଫଳତାର ପାହାଚରେ ପହଚାଂଇଥାଏ ବୋଲି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ବିଡିଓ ସୀତାକାନ୍ତ ରାଉତ, ସରପଚଂ ସଂଗ୍ରାମ କେଶରୀ ଜେନା, ପୁରାତନ ଛାତ୍ର ସଂସଦ ସଭାପତି ନରୋତମ ସ୍ୱାଇଁ, ସମ୍ପାଦକ ଡ.ମନ୍ମଥ କୁମାର ରାଉଳ, ବିଇଓ ସୁକୀତ କର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରୀତାରାଣୀ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୁରାତନ ଛାତ୍ର ଇଂ.ଲକି ମାଷ୍ଟର ସ୍ୱାଇଁ ଅତିଥି ପରିଚୟ ଓ ମଂଚ ସଂଯୋଜନା, ଶିକ୍ଷୟିତ୍ରୀ ବସୁନ୍ଧରା ଜେନା ବାର୍ଷିକ ବିବରଣୀ ପାଠ ଏବଂ ପୁରାତନ ଛାତ୍ର ମାଧବାନନ୍ଦ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା କାଳନ୍ଦି ଚରଣ ବେହେରାଙ୍କ ସମେତ ସମସ୍ତ ଅତିଥି ମାନଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉତ୍କଳ ସଂଗୀତ ଗାନ କରାଯାଇଥିଲା । ୨ୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତୀ କମିଟିର ଉପଦେଷ୍ଟା ଲିଙ୍ଗରାଜ ସ୍ୱାଇଁ, ବିଶ୍ୱନାଥ ଓଝା, ଧନେଶ୍ୱର ଜେନା, ସଭ୍ୟା ପଙ୍କଜିନୀ ଲେଙ୍କା, ବନ୍ଦନା ରାଉତ, କବିତା ସାହୁ, ଶେଫାଳୀ ଜେନା, ସଭ୍ୟ ହୃଷିକେଶ ପୃଷ୍ଟି, ରମାକାନ୍ତ ପାଣିଗ୍ରାହୀ, ମକରଧ୍ୱଜ ଲେଙ୍କା, ପରମେଶ୍ୱର ବାରିକ, ଅଶୋକ ଖିଲାର, ପ୍ରଣବ କିଶୋର ଲେଙ୍କା, ସ୍ମୃତି ରଞ୍ଜନ ସ୍ୱାଇଁ, ସୁଧାଂଶୁ ଶେଖର ନାୟକ, ଆଲୋକ ରାଉତ, ସନ୍ତୋଷ ଜେନା, ପ୍ରମୋଦ ଗୋଛାୟତ, ସଞ୍ଜୟ ସାମଲ, ସନାତନ ଲେଙ୍କା, ତାଡକେଶ୍ୱର ମହାପାତ୍ର, ସୁଶାନ୍ତ ସାହୁ, ଧିରେନ୍ଦ୍ର ସାମଲ, ଧ୍ରୁବ ଚରଣ ସାହୁ, ମାଧବାନନ୍ଦ ବିଶ୍ୱାଳ, ପ୍ରଦୀପ ପଡିଆରୀ, ଦୀପକ କୁମାର ସାହୁ, ଅଶ୍ୱିନୀ ସାହୁ, ନିରୋଦ ଜେନା, ଅଜିତ ପଡିଆରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ କମଳାକାନ୍ତ ନାୟକ, ତାପସ କୁମାର ନାୟକ, ଗୟାଧର ମଲ୍ଲିକ, ଶିକ୍ଷୟିତ୍ରୀ ସାଗରିକା ପୁହାଣ, ନିଳିମା ମଞ୍ଜରୀ ରାଉତ, ଗୀତାଞ୍ଜଳୀ ଚାନ୍ଦ,ମୌନାବତୀ ସାମଲ, ଅଲିଭା ପଣ୍ଡା, ଲକ୍ଷ୍ମୀରାଣୀ ସାହୁ, ବାସନ୍ତୀଲତା ଜେନା, ସୁମିତ୍ରା ବେହେରା, ଗୌରୀବାଳା ପାତ୍ର, ତେଜଶ୍ରୀ ଦିବ୍ୟାର୍ଚ୍ଚନା ରାଉତ, ସହାୟକ ପ୍ରଫୁଲ୍ଲ କୁମାର ବାରିକ, କର୍ମଚାରୀ ସନ୍ତୋଷ କୁମାର ବେହୁରା, ସୁବ୍ରତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଭଏସ୍ ଅଫ୍ ମିଡ଼ିଆ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ

କେନ୍ଦୁଝର, ୧୧/୪ (ନି.ପ୍ର): ସହର ସ୍ଥାନୀୟ ରୋଟାରିଭବନ ଠାରେ ଭଏସ୍ ଅଫ୍ ମିଡ଼ିଆ ତରଫରୁ ଏକ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବପ୍ରଥମେ କେନ୍ଦୁଝରର ଆରାଧ୍ୟାଦେବି ମା'ତାରିଣୀଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟାଟିକୁ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭଏସ୍ ଅଫ୍ ମିଡ଼ିଆର ରାଜ୍ୟସଭାପତି ଡକ୍ଟର ପ୍ରଭାତ କୁମାର ମିଶ୍ର ଯୋଗଦେଇ ଭଏସ୍ ଅଫ୍ ମିଡ଼ିଆ ହେଉଚି ଏକ ଅନ୍ତର୍ଜାତୀୟ ସଂଗଠନ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସ୍ୱାର୍ଥ ହକ ନ୍ୟାଯ୍ୟ ଦାବିନେଇ ଏହି ସଂଗଠନ ସଦାସର୍ବଦା କାର୍ଯ୍ୟ କରିଥାଏ ବୋଲି କହିବା ସହ ସାମ୍ବାଦିକମାନଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭଏସ୍ ଅଫ୍ ମିଡ଼ିଆ ତରଫରୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ବୀମା ଗୃହ ଋଣ ଏବଂ ଶିକ୍ଷାନିମନ୍ତେ ଋଣ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହି ସଭାରେ ଜିଲ୍ଲା ସଂଗଠନର ସଭାପତି ଶ୍ରୀ ଯୁକ୍ତ ସୁଧଳ କୁମାର ସେଠୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଶଶୀଭୂଷଣ ସିଂ ଏବଂ ଉପଦେଷ୍ଟା ସଞ୍ଜୟ କୁମାର ପଣ୍ଡା ମଂଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡସ୍ତରୀୟ ସୂଚନା ଲୋକସମ୍ପର୍କ ଅଧିକାରିଣୀ ଜ୍ୟୋତିରମଇ ନାଏକ ଉପସ୍ଥିତ ଥିଲେ। ଭଏସ୍ ଅଫ୍ ମିଡିଆ ତରଫରୁ ଯେଉଁ ସାମ୍ବାଦିକ ବୃନ୍ଦଙ୍କର ନାମ ପଞ୍ଜିକୃତ ହେଇଚି ସେମାନଙ୍କୁ ରାଜ୍ୟମୁଖ୍ୟ ଡକ୍ଟର ମିଶ୍ର କାର୍ଡ ଦେବା ସହ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁ ଗଣମାଧ୍ୟମର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ସାମ୍ବାଦିକ ସତ୍ୟଜିତ ମିଶ୍ର କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ।

# ସମ୍ବଲପୁର ସରକାରୀ ମହିଳା କଲେଜ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ମାନସିକ ନିର୍ଯ୍ୟାତନା ଅଭିଯୋଗ

ସମ୍ବଲପୁର, ୧୧/୪ (ନି.ପ୍ର): ସମ୍ବଲପୁର ସରକାରୀ ମହିଳା କଲେଜର ଜନୈକା ସ୍ନାତକୋତର ଛାତ୍ରୀଙ୍କ ପ୍ରତି ଇଂରାଜୀ ବିଭାଗର ସହକାରୀ ଅଧ୍ୟାପକ ଡ. ପୀତାମ୍ବର ବେହେରା ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ, ଅଶ୍ଳୀଳ ମନ୍ତବ୍ୟ ସହ ଆହୁରି ଅନେକ ଅପରାଧିକ କାଣ୍ଡ ଘଟାଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏପରିକି ଅଭିଯୁକ୍ତ ଅଧ୍ୟାପକ ଜଣକ ତାଙ୍କୁ ଦୀର୍ଘ ଦିନ ଧରି ମାନସିକ ନିର୍ଯ୍ୟାତନା ଦେବା ସହ ଅଶାଳୀନ ମନ୍ତବ୍ୟ ଦେଉଥିବା ନେଇ ଛାତ୍ରୀ ଜଣକ ନିଜ ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଅଧ୍ୟାପକ ବେହେରା ଶ୍ରେଣୀ ଗୃହରେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ଅପମାନିତ କରିବା ସହ ବିଭିନ୍ନ ପ୍ରକାରର ଅଶ୍ଳୀଳ କଥା କହି ହଇରାଣ କରୁଥିଲେ। ଏପରିକି ତାଙ୍କୁ ଜେଲ୍ ପଠାଇବା ଓ କ୍ୟାରିୟର ନଷ୍ଟ କରିଦେବା ଭଳି ଧମକ ଦେଉଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗତ ମାର୍ଚ୍ଚ ୧୯ ତାରିଖରେ କଲେଜ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କଲେଜର ସମ୍ମାନ ଓ ସହକର୍ମୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କଲେଜ କର୍ତ୍ତୃପକ୍ଷ ପଛଘୁଂଚା ଦେଇଥିବା କୁହାଯାଉଛି। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ବାରମ୍ବାର ଶୁଣାଣି ହେଉଥିଲେ ମଧ୍ୟ ଏହି ଅଭିଯୋଗ ଉପରେ କୌଣସି ନିର୍ଯ୍ୟାସ ଓ ସମାଧାନ ଅଦ୍ୟାବଧି ହୋଇନାହିଁ। ଏଭଳି ଅଭିଯୋଗ ସମ୍ପର୍କରେ ଜାଣିବା ପରେ ଆଜି ପ୍ରୋଗ୍ରେସିଭ ସମ୍ବଲପୁର ଓ ବିଜେଡି ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ଏପରିକି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଲେଜ ଅଧ୍ୟାପକଙ୍କୁ ସାକ୍ଷାତ କରି ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଯୋଗେଶ ଚନ୍ଦ୍ର ଭୋଇ ଏଭଳି ପରିସ୍ଥିତିରେ ହଡ଼ବଡ଼ ହୋଇପଡିବା ସହ ନିଜ ସଫେଇରେ କହିଛନ୍ତି ଯେ, ଏହି ଅଭିଯୋଗ ହସ୍ତଗତ ହେବା ପରେ କଲେଜର ଆଭ୍ୟନ୍ତରୀଣ କମିଟିକୁ ଏହାର ତଦନ୍ତ ଭାର ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ତଦନ୍ତ ଚାଲିଥିବା ବେଳେ ଅଧ୍ୟାପକଙ୍କୁ କ୍ଲାସ ନେବାକୁ ବାରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ପରୀକ୍ଷା ପାଖେଇ ଆସୁଥିବାରୁ ଏବଂ ଅନ୍ୟ କର୍ମଚାରୀ ଅନୁପସ୍ଥିତ ଥିବାରୁ ଛାତ୍ରୀମାନଙ୍କ ପାଠପଢାରେ ଯେପରି ଅସୁବିଧା ନହୁଏ, ସେଥିପାଇଁ ଅଭିଯୁକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାକୁ ବାଧ ବାଧକରେ ଅନୁମତି ଦିଆଯାଇଥିଲା। ତେବେ ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବର୍ତମାନ ପୁନର୍ବାର ଉକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାରୁ ବାରଣ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

ବଲାଙ୍ଗୀର, ୧୧/୪ (ନି.ପ୍ର): ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ବିଭୂତି ଭୂଷଣ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ କୁଳପତି ବିଶ୍ୱବିଦ୍ୟାଳୟ ପରିସରରେ ପହଂଚିବା ପରେ ତାଙ୍କୁ ଏନ୍‌ସିସି କେଡ଼େଟମାନଙ୍କ ତରଫରୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ମଲ୍ଲିକ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗୀୟ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶ୍ୱବିଦ୍ୟାଳୟର ବିଦାୟୀ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।ଏହା ପରେ ପୂର୍ବତନ କୁଳପତି ନୂତନ କୁଳପତିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସର ରେ ବିଶ୍ୱବିଦ୍ୟାଳୟ ତରଫରୁ ନୂତନ କୁଳପତିଙ୍କୁ ସ୍ୱାଗତ ଓ ବିଦାୟୀ କୁଳପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ନିମନ୍ତେ ଏକ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ସମାରୋହକୁ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ଦାଶ ସଂଯୋଜନା କରିଥିବା ବେଳେ ନୂତନ କୁଳପତି ଏବଂ ବିଦାୟୀ କୁଳପତିଙ୍କ ସମେତ କୁଳସଚିବ ଶ୍ରୀଯୁକ୍ତ ହରପ୍ରସାଦ ଭୋଇ ମଂଚାସୀନ ଥିଲେ। ବିଦାୟୀ କୁଳପତିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଏବଂ ସ୍ମୃତି ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଶ୍ୟାମ ଭୋଇ, ବିତ ନିୟନ୍ତ୍ରକ ଶ୍ରୀ ଚନ୍ଦ୍ରମଣି ମିର୍ଦ୍ଧା, ମହାବିଦ୍ୟାଳୟ ଉନ୍ନୟନ ପରିଷଦ ର ନିର୍ଦ୍ଦେଶକ ଡକ୍ଟର ଜିତେନ୍ଦ୍ର କୁମାର ପ୍ରଧାନ, ଏଚ୍ ଆର୍ ଡି ସି ଡାଇରେକ୍ଟର ପ୍ରଫେସର ରାଜକିଶୋର ପାତ୍ର, ସେକ୍ସନ ଅଫିସର ରନ୍ କୁମାର ରାଉତଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ରେ

ପୁରୀ, ୧୧/୪ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ ତାରିଖରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳା ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ, ଜିଲ୍ଲାର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇ ପାରିବେ। ଏହି ନିଯୁକ୍ତି ମେଳାରେ ୮ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ, ଆଇଟିଆଇ ଓ ଡିପ୍ଲୋମା ପାସ କରିଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ମାନେ ଅଂଶଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ। ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଜ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତକାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ। ଏତଦ ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀ ମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗ ଗୁଡିକରେ ସ୍ୱଳ୍ପ ଅବଧିର ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ପଞ୍ଜିକୃତ କରିବେ। ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବେ। ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟ ପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ। ପୁରୀ ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଅପ୍ରେଲ ୧୭ ତାରିଖ ଦିନ ୧୦ଟା ସମୟରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆ ଠାରେ ଅଂଶଗ୍ରହଣ କରିବାକୁ ନିୟୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ।

ଏହି ଗଣମାଧ୍ୟମ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନ ଏନ୍‌ଏସି ୧ ନମ୍ବର ୱାର୍ଡର ଆକ୍ସନ ପ୍ଲାନ୍: ଅଡିଟୋରିୟମ ହଲ ଏବଂ ଇ-ଲାଇବ୍ରେରୀ ନିର୍ମାଣ ହେଉ

ଭୁବନ, ୧୧/୪ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦର ସର୍ବାଧିକ ଶିକ୍ଷିତ,ସଚେତନ ୱାର୍ଡ ଭାବେ ପରିଚିତ ୧ ନମ୍ବର ୱାର୍ଡରେ ଲୋକପ୍ରିୟ କାଉନସିଲର ଗିରିଧାରୀ ସାହୁ ୨୦୨୬-୨୭ ବର୍ଷ ନିମନ୍ତେ ଆକ୍ସନ ପ୍ଲାନ୍(କାର୍ଯ୍ୟ ଖସଡା) ପ୍ରସ୍ତୁତ କରି ଜନ ସାଧାରଣଙ୍କ ମତ ଲୋଡ଼ିଛନ୍ତି। କାଉନସିଲର ଶ୍ରୀ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି ଯେ, ବର୍ତମାନ ଗ୍ରୀଷ୍ମଋତୁ ଆରମ୍ଭ ରୁ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଏଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ(ଗୋଡ଼ି ପୋଖରୀ ଛକ) ଏବଂ ବଉଳ ଛକ ରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଉ। ଡାକ ବଙ୍ଗଳା ଛକ ତହସିଲଦାର ଙ୍କ ବାସଭବନ ଠାରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଳୟ ଦେଇ ଗୌରାଙ୍ଗ ବେହେରା ଘର ପର୍ଯ୍ୟନ୍ତ ରାସ୍ତାଟି ଭାଙ୍ଗିରୁଜି ଯାଇଛି। ଏହାର ପୁନଃ ନିର୍ମାଣ(ପେଭର ବ୍ଲକ ରାସ୍ତା) କରାଯାଉ। ବର୍ଷା ଦିନ ପୂର୍ବରୁ ଆଦର୍ଶ ପୋଖରୀ 'ଗୋଡ଼ି ପୋଖରୀ 'ର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ। ଭୁବନ - ଢ଼େଙ୍କାନାଳ ମୁଖ୍ୟ ରାସ୍ତାର ଆଇସିଆଇସିଆଇ ବ୍ୟାଙ୍କ ନିକଟରୁ ସଦାନନ୍ଦ ନାୟକଙ୍କ ଘର ପର୍ଯ୍ୟନ୍ତ ରାସ୍ତାକୁ ପେଭର ବ୍ଲକ ରାସ୍ତା ନିର୍ମାଣ। କୋଦଣ୍ଡ ପୃଷ୍ଟି ଘର ଠାରୁ ପ୍ରଭାତ କୁଅଁର ଘର ପର୍ଯ୍ୟନ୍ତ ସିସି ରୋଡ ନିର୍ମାଣ। ଟୋଲଙ୍କବେରେଣି ସ୍ଥିତ ବିପଦ ସଙ୍କୁଳ କେନାଲ ବ୍ରିଜ୍ କୁ ଭାଙ୍ଗି ସମତଳ ରାସ୍ତା ନିର୍ମାଣ। ପ୍ରଭାତ କୁଅଁର ଘର ଠାରୁ ବାଙ୍କନିଧି ବିହାରୀ ଘର ପର୍ଯ୍ୟନ୍ତ ସି ସି ରୋଡ ନିର୍ମାଣ। କେନାଲ ଦକ୍ଷିଣ ପାର୍ଶ୍ୱର ଜମି ଜବର ଦଖଲ ମୁକ୍ତ କରାଯାଇ ସେଠାରେ ଏକ କମ୍ୟୁନିଟୀ ହଲ ଏବଂ ଏକ ଶିଶୁ ଉଦ୍ୟାନ ନିର୍ମାଣ। ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ସମ୍ମୁଖ ପେଭର ବ୍ଲକ ରାସ୍ତାର ପୁନଃ ନିର୍ମାଣ। ସିନେମା ହଲ ଛକ ଦ୍ୱିବେଦୀ କ୍ଲିନିକ୍ ଠାରୁ ନନ୍ଦ ଗୁରୁ ଘର ପର୍ଯ୍ୟନ୍ତ ସିସି ରୋଡ ନିର୍ମାଣ। ପୁରୁଣା ମହିଳା ମହାବିଦ୍ୟାଳୟ ସ୍ଥାନରେ ପୂର୍ବ ପ୍ରସ୍ତାବିତ ଅଡିଟୋରିୟମ ହଲ ନିର୍ମାଣ ଏବଂ ସୂଚନା କେନ୍ଦ୍ର ଓ ପାଠାଗାର ଜାଗାରେ ପ୍ରସ୍ତାବିତ ଅତ୍ୟାଧୁନିକ ଇ-ଲାଇବ୍ରେରୀ ନିର୍ମାଣ କରାଯିବାକୁ ନଗରପାଳ ଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏହା ବାଦ୍ ଜନସାଧାରଣଙ୍କ ମତାମତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଯିବ ବୋଲି କାଉନସିଲର ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଆଗରପଡା କଲେଜର ରକ୍ତଦାନ ଶିବିର

ଭଦ୍ରକ, ୧୧/୪ (ନି.ପ୍ର): ଓଡିଆପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ଆଗରପଡା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୟୁଥ୍ ରେଡକ୍ରସର ଅଧାପିକା ସନ୍ଧ୍ୟାରାଣୀ ନାୟକ, ସାଂସ୍କୃତିକା ସମ୍ପାଦିକା ଅଧାପିକା ପ୍ରେମଲତା ଦାଶ, ସାବିତ୍ରୀ ମଞ୍ଜରୀ ଦାସ, ରାଜେନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ନାୟକ, ରବିନ୍ଦ୍ର ମୋହନ ପଣ୍ଡା, ମହେଶ୍ୱର ମଲ୍ଲିକ୍, ମୁଖ୍ୟ ସହାୟକ ଅଶୋକ କୁମାର ସାହୁଙ୍କ ସମେତ ଏନସିସି, ଏନ୍‌ଏନ୍‌ଏସ୍ ସମସ୍ତ କର୍ମକର୍ତା ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର , ୧୧/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକକୁ ଉପଖଣ୍ଡ ମାନ୍ୟତା ଦାବୀରେ ଆଖପାଖ ଅଂଚଳର ବାସିନ୍ଦା ମାନଙ୍କ ପକ୍ଷରୁ ତରଭା ବ୍ଲକ୍ ସାମ୍ବାଦିକ ସଂଘ ଏକ ଦାବୀପତ୍ର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଛି । ଏହି ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଯାଇଥିବା ବେଳେ ଏହାର ନକଲ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ବଲାଙ୍ଗିର ସାଂସଦ, ସୋନପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ଅଛି ଯେ, ତରଭାକୁ ଏକ ପୃଥକ ଉପଖଣ୍ଡରେ ପରିଣତ କରିବା ପାଇଁ ଆମର ଦୀର୍ଘ ବର୍ଷର ଦାବୀ ରହିଛି । ଏହି ଦାବୀ ଏହି ଅଂଚଳର ଭୌଗଳିକ, ପ୍ରଶାସନିକ ଓ ଜନସଂଖ୍ୟା ଉପରେ ଆଧାରିତ ଯାହା ୧୯୯୨ ମସିହାରୁ ଲଗାତାର ପ୍ରସଙ୍ଗ ରହି ଆସିଛି । ସୁବର୍ଣ୍ଣପୁର ଜିଲ୍ଲାରେ ଅବସ୍ଥିତ ଏକ ମହତ୍ୱପୂର୍ଣ୍ଣ ସହର, ଯାହା ଜିଲ୍ଲାର ପଶ୍ଚିମାଂଚଳର ପ୍ରଶାସନିକ ଓ ଅର୍ଥନୈତିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ୧୯୬୭ ମସିହାରେ ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି)ରେ ପରିଣତ ହୋଇଥିବା ତରଭାରେ ତିନୋଟି ରାଜସ୍ୱ ଗ୍ରାମ (ତରଭା, ଅନ୍ତର୍ଡ଼ା ଓ ଫଟାମୁଣ୍ଡା) ରହିଛି । ୧୨ଟି ୱାର୍ଡରେ ବିଭକ୍ତ ଏହି ସହରର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାପକ ତରଭା ତହସିଲ ଓ ବ୍ଲକର କ୍ଷେତ୍ରଫଳ ୩୩୦ ବର୍ଗ କିମି ଏବଂ ଜନସଂଖ୍ୟା ୧୨୭୦୨୬ (୨୦୧୧ ଜନ ଗଣନା ଅନୁଯାୟୀ) ରହିଛି । ତରଭା ବ୍ଲକ ଅଧୀନରେ ୨୧ଟି ଗ୍ରାମ ପଂଚାୟତ ଯାହା ଏହି ଅଂଚଳର ବ୍ୟାପକ ଗ୍ରାମୀଣ ପ୍ରସାରଣ ଓ ପ୍ରଶାସନିକ ଭାରକୁ ଦର୍ଶାଉଛି । ଏହି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ (ଜେଏମଏଫସି) କୋର୍ଟ ଭଳି ଆବଶ୍ୟକ ପ୍ରଶାସନିକ ଭିତ୍ତିଭୂମି ରହିଛି, ଯାହା ଏହାକୁ ଉପଖଣ୍ଡ ମୁଖ୍ୟାଳୟ ଭାବରେ କାର୍ଯ୍ୟ କରିବାକୁ ପୂର୍ବ ପ୍ରସ୍ତୁତ କରିଛି । ତରଭା ବ୍ଲକରେ ତିନୋଟି ଡିଗ୍ରୀ କଲେଜ ଓ ସାତୋଟି ଯୁକ୍ତ-୨ କଲେଜ, ୨୧ଟି ହାଇସ୍କୁଲ, ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । ତରଭା ତହସିଲ ଅଧୀନରେ ୭ଟି ଆରଆଇ ସର୍କଲ ରହିଥିବା ବେଳେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪ଟି ପିଏଚ୍ସି ଓ ୧୪ ଟି ସବ ସେଂଟର ଅଛି । ତରଭା ଅଂଚଳରେ ୨ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୩ଟି ଓଡିଶା ଗ୍ରାମୀଣ ବ୍ୟାଙ୍କ ରହିଛି । ତରଭା ଆଇସିଡିଏସ ଅଧୀନରେ ୨୬୧ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି । ଏଠାରେ ପ୍ରାଣୀଧନ ଚିକିତ୍ସାଳୟ , କୃଷି କାର୍ଯ୍ୟାଳୟ, ଜଳସେଚନ ବିଭାଗ ପ୍ରଭୃତି କାର୍ଯ୍ୟାଳୟ ମାନ ରହିଛି । ୪୮୯.୯ ବର୍ଗ କିମି ପରିବ୍ୟାପ୍ତ ତରଭା ଥାନା ଅଧୀନରେ ୨ଟି ପୁଲିସ ଫାଣ୍ଡି ରହିଛି । ଏହା ଅଧୀନରେ ମୋଟ ୨୪ ଟି ଗ୍ରାମ ପଂଚାୟତ ରହିଥିବାବେଳେ ଜନସଂଖ୍ୟା ୧ ଲକ୍ଷ ୩୦ ହଜାର (୨୦୧୧ ଜନଗଣନା)ରୁ ଅଧିକ ରହିଛି । ଏହି ଦାବୀକୁ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ନିବେଦନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ଅନୁଷ୍ଠିତ ହେଲା ଶିକ୍ଷାବିତ୍ ଶାଶୀକାନ୍ତ ସାମଲଙ୍କ ସ୍ମୃତି ସମାରୋହ

ବାଲେଶ୍ୱର , ୧୧/୪ (ନି.ପ୍ର): ଦିବଂଗତ ଆଦର୍ଶ ଛାତ୍ରବତ୍ସଳ କୃତିଶିକ୍ଷକ ଶଶୀକାନ୍ତ ସାମଲଙ୍କ ସ୍ମୃତିରେ ଗଠିତ ଶଶୀକାନ୍ତ ସାମଲ ସ୍ମୃତି କମିଟି ପକ୍ଷରୁ ତାଙ୍କର ଦ୍ୱିତୀୟ ଶ୍ରାଦ୍ଧତିଥିରେ ଭୀମପୁରା ସ୍ଥିତ ବାସଭବନ ପରିସରରେ ଏକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ସ୍ମୃତି କମିଟି ପକ୍ଷରୁ ପ୍ରଦତ୍ତ ପ୍ରଥମ 'ଶଶୀକାନ୍ତ ସାମଲ ସ୍ମୃତି ସମ୍ମାନ - ୨୦୨୫' ପ୍ରଦାନ ସହ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁଷ୍ଠିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ରମାକାନ୍ତ ବେହେରା ଯୋଗଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ'ର ପ୍ରତିଷ୍ଠାତା ଡ.



କାଳୀପଦ ପଣ୍ଡା, ବରେଣ୍ୟ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନିର ସଂପାଦିକା କବି ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ତଥା ସମ୍ମାନିତ ଅତିଥି ଭାବେ ଚନ୍ଦନ କୁମାର ଚାନ୍ଦ ଓ ମନୋରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଡ. ଦେବସ୍ମିତା ଦାସଙ୍କୁ ଆଦର୍ଶ ଶିକ୍ଷକ ଓ ଛାତ୍ରଗୌରବ ସମ୍ମାନ -୨୦୨୫ ସ୍ମୃତି କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ସ୍ମୃତି ସମାରୋହରେ ଭୀମପୁରା ଗ୍ରାମର ବହୁ ଗ୍ରାମବାସୀ ତଥା ବିଭିନ୍ନ ସ୍ଥାନରୁ ନିମନ୍ତ୍ରିତ ୪ ସାମଲଙ୍କ କୃତି ଛାତ୍ରଛାତ୍ରୀ ଓ ଆତ୍ମୀୟସ୍ୱଜନ ଯୋଗଦାନ କରିଥିଲେ। ସ୍ମୃତି କମିଟିର ସଂପାଦକ ଡ. ସୁବର୍ଣ୍ଣକେଶରୀ ସାମଲ ସମାରୋହରେ ପରୋହିତ୍ୟ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଏପ୍ରିଲ ୨୦୨୬
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୦ ଦସ୍ୟୁ ଅଙ୍ଗୁଳିମାଳା (କ)

ତତ୍ପରେ ସେ ଏହି ଆଙ୍ଗୁଳି ହାଡ଼କୁ ନେଇ ଏକ ମାଳା ପ୍ରସ୍ତୁତ କରୁଥିଲେ। ତେଣୁ ସେ 'ଅଙ୍ଗୁଳିମାଳ' ନାମରେ ପରିଚିତ ଥିଲେ।

ଏବେ ସେ ସବୁଠାରୁ ନିଷ୍ଠୁର, ରକ୍ତପିପାସୁ, ନିର୍ଦ୍ଦୟ ହୋଇଗଲେ ଏବଂ ଦୈନିକ ଯାହାକୁ ଭେଟିଲେ ତାକୁ ହତ୍ୟା କଲେ। ତତ୍ପରେ ଲୋକମାନେ ତନି, ଚାରି, ଆଠ, ଦଶ, କୋଡ଼ିଏ, ତିରିଶ - ଏହିପରି ଦଳବଦ୍ଧ ହୋଇ ଯିବାକୁ ଲାଗିଲେ। ତଥାପି, "ମୁଁ ଅଙ୍ଗୁଳିମାଳ। ଦୌଡ଼ି ପଳାଅ ନାହିଁ!" ଶୁଣିବା ମାତ୍ରେ ସେମାନେ ଥରି ଉଠିଲେ ଓ ଆଉ ଦୌଡ଼ି ଯାଇପାରିଲେ ନାହିଁ। ତାପରେ ଅଙ୍ଗୁଳିମାଳା ସେମାନଙ୍କୁ ହତ୍ୟା କରି ପ୍ରତ୍ୟେକଙ୍କ ଗୋଟେ ଲେଖାଁ ଆଙ୍ଗୁଳି କାଟିଦେଲେ। ତା'ପରେ ଲୋକମାନେ ସେହି ରାଜପଥ ଦେଇ ଯିବା ବନ୍ଦ କରିଦେଲେ।

ଅଙ୍ଗୁଳିମାଳା ଅନ୍ୟ ଏକ ଅଞ୍ଚଳକୁ ଯାଇ ପୁଣି ହତ୍ୟା କରିବାକୁ ଲାଗିଲେ। ତତ୍ପରେ ରାଜା କୋଶଳ ଏହି ଦସ୍ୟୁକୁ ଧରିବା ପାଇଁ ଏକ ଶକ୍ତିଶାଳୀ ସେନା ଗଠନ କଲେ। ତା'ର (ଅଙ୍ଗୁଳିମାଳର) ମାଆ ମନ୍ତାନୀ ରାଜାଙ୍କ ପ୍ରସ୍ତୁତି ବିଷୟ ଶୁଣି ଗଭୀର ଭାବେ ଚିନ୍ତିତ ହୋଇପଡ଼ିଲେ। ସେ ତାଙ୍କ ସ୍ୱାମୀଙ୍କୁ କହିଲେ, "ପ୍ରିୟ, ଆମର ପୁତ୍ର ଏବେ ଏକ ଦସ୍ୟୁ ପାଲଟିଗଲାଣି। ନିଜେ ରାଜା ଆମ ପୁଅକୁ ହତ୍ୟା କରିବା ପାଇଁ ଏକ ବଡ଼ସେନା ପ୍ରସ୍ତୁତ କରୁଛନ୍ତି। ତୁମେ ଯାଇ ତାକୁ ଅଟକାଇ ପାରିବ କି ?"

"ପ୍ରିୟେ, ସେ ଏବେ ବହୁତ ଉଗ୍ର ହୋଇଯାଇଛି। ସେ ସଂପୂର୍ଣ୍ଣ ବଦଳି ଯାଇଥାଇପାରେ ଏବଂ ଯଦି ମୁଁ ସେଠାକୁ ଯାଏ ସେ ମୋତେ ମଧ ହତ୍ୟା କରିଦେଇପାରେ।" ମାତ୍ର ମାଆ ବହୁତ କୋମଳ ଓ ଦୟାଳୁ ହୃଦୟର ଥିଲେ ଏବଂ ନିଜଠାରୁ ଅଧିକ ପୁଅକୁ ଭଲପାଉଥିଲେ। ସେ ଭାବିଲେ, "ପୁଅକୁ ରକ୍ଷା କରିବା ପାଇଁ ମୋତେ ନିଜେ ଜଙ୍ଗଲକୁ ଯିବାକୁ ପଡ଼ିବ।" ସେ କିଛି ଖାଦ୍ୟପଦାର୍ଥ ନେଇ ଜଙ୍ଗଲ ଅଭିମୁଖେ ବାହାରି ପଡ଼ିଲେ।

ବର୍ତ୍ତମାନ ସୁଦ୍ଧା ଅଙ୍ଗୁଳିମାଳା ୯୯୯ ଜଣଙ୍କୁ ହତ୍ୟା କରି ସାରିଥିଲେ। ସେ ମାସମାସ ଧରି ଜଙ୍ଗଲରେ କୌଣସି ଉପଯୁକ୍ତ ଖାଦ୍ୟ, ଶୟନ, ସ୍ନାନ ବିନା କିମ୍ବା ପୋଷାକପତ୍ର ସଫା ନ କରି ବିତାଇ ସାରିଥିଲେ। ତାଙ୍କର ସଂପୂର୍ଣ୍ଣ ଶରୀର ଦୁର୍ଗନ୍ଧମୟ ହୋଇଯାଇଥିଲା। ସେ ସେହି ଜୀବନକୁ ଘୃଣା କରୁଥିଲେ ଏବଂ ଏକ ସଭ୍ୟଜୀବନ ବଞ୍ଚିବାକୁ ଚାହୁଁଥିଲେ। ତଥାପି ତାଙ୍କୁ ଆଉ ଗୋଟିଏକୁ ମାରିବାକୁ ପଡ଼ିବ। ସେ ଭାବିଲା, "ଆଜି ଯଦି ମୋ ମାଆ ବି ଆସିବେ ମୁଁ ତାଙ୍କୁ ହତ୍ୟା କରିବି ଏବଂ ଏକ ଆଙ୍ଗୁଠି କାଟି ହଜାର ଆଙ୍ଗୁଠି ପୂରଣ କରିବି।"

ଠିକ୍ ସେହିଦିନ ପ୍ରତ୍ୟୁଷରେ ବୁଦ୍ଧ ଚରିଆଡ଼େ ବୁଲିବୁଲି ଖୋଜୁଥିଲେ ଏପରି ଏକ ବ୍ୟକ୍ତିକୁ ଯାହାକୁ ସେ ସାହାଯ୍ୟ କରିପାରିବେ। ସେ ଲକ୍ଷ୍ୟକଲେ ଅଙ୍ଗୁଳିମାଳ ନିଜ ମାଆକୁ ବି ହତ୍ୟା କରିବାକୁ ସ୍ଥିର କରିଛନ୍ତି। କାରଣ ଏପରି କାର୍ଯ୍ୟ କରି ବିରକ୍ତ ହୋଇ ପୁଣିଥରେ ସଭ୍ୟମଣିଷ ହେବାକୁ ଚାହୁଁଛନ୍ତି। ବୁଦ୍ଧ ଭାବିଲେ, "ମୋତେ ତାଙ୍କୁ, ତାଙ୍କ ମାଆଙ୍କୁ ଏବଂ ଅନ୍ୟ ଲୋକମାନଙ୍କୁ ରକ୍ଷା କରିବାକୁ ପଡ଼ିବ।" ଏବଂ ନିଜର ଭିକ୍ଷାପାତ୍ର ଧରି ସେହି ଜଙ୍ଗଲ ଆଡ଼କୁ ଗଲେ ଯେଉଁଆଡ଼କୁ ଅଙ୍ଗୁଳିମାଳାର ମାଆ ପୂର୍ବରୁ ଚାଲିଚାଲି ଯାଉଥିଲେ। ତାଙ୍କୁ ଅତିକ୍ରମ କରି ବୁଦ୍ଧ ରାସ୍ତାରେ ଆଗକୁ ଆଗକୁ ଚାଲିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର,
ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## କବିତା

### ॥ ଫୁଟୁଥିବା ଚା'ର ବାସ୍ନା ॥

**ଶ୍ରୀପ୍ରସାଦ ମହାନ୍ତି**



ଆଜି କଥା କାଲିକୁ ନାହିଁ,
କିଏ କାହାକୁ ମନେରଖେ ଏତେଦିନ ?
ପାଞ୍ଚ ବର୍ଷରୁ ଅଧିକ ସମୟ ବିତି ଗଲାଣି ।

ପାଞ୍ଚ ବର୍ଷ ତଳେ କାଳେ ଚିକିତ୍ସା କରିଥିଲି ମୁଁ;
ସତ କହିଲେ ଆଦୌ ମନେ ନଥିଲା ମୋର
ମନେନଥିଲା କ'ଣ ପାଇଁ ସେ ଆସିଥିଲେ
ଆଉ କେଉଁ କେଉଁଠି ଚିକିତ୍ସା ବିଫଳ ହୋଇଥିଲା
ମୋ' ପାଖକୁ ଆସିବା ଆଗରୁ ।

ଆସାମରେ ତାଙ୍କ ଘର ଓ
କଂପାନୀ କାମ ସରିଯିବାରୁ ଫେରି ଯାଇଥିଲେ ଘରକୁ ।
ତା' ପରେ ବ୍ରହ୍ମପୁତ୍ର ଓ ମହାନଦୀରେ କେତେ ପାଣି ବହିଗଲେ !

ବ୍ରହ୍ମପୁତ୍ର ଓ ମହାନଦୀ ମଧ୍ୟରେ ସଂଯୋଗ ନାହିଁ ଯେମିତି
ସେମିତି ସଂଯୋଗ ନଥିଲା ଚିକିତ୍ସିତଙ୍କ ସହ ମୋର।

କିନ୍ତୁ ସଂଯୋଗ ଥିଲା ମୋର ଅଜାଣତରେ
ସମୁଦ୍ରରେ ମିଶୁଥିବା ବ୍ରହ୍ମପୁତ୍ରର ପାଣି
କେଉଁଠି ନା କେଉଁଠି ଛୁଉଁଥିଲା ମହାନଦୀର ପାଣିକୁ !

ଚିକିତ୍ସା ଏକ ପେଶା ଓ ବେଉସା ଏବେ ଯେଣୁ
ଯେହେତୁ ଚିକିତ୍ସକ ବି ଖାଉଟି ସୁରକ୍ଷା ଆଇନରେ ବନ୍ଧା
ବେଶୀ ଆସକ୍ତ କି ଭାବପ୍ରବଣ ହେବାକୁ ଭୟଲାଗେ ଏବେ;
ଅଧିକ ଆଗ୍ରହ ଦେଖାଇଲେ କଦର୍ଥ କରିପାରନ୍ତି କେହି କେହି !

ପାଞ୍ଚବର୍ଷ ପରେ ଗୌହାଟିରୁ ବିଶାଖାପାଟଣା ଯାଉଥିଲେ ଯୁବକ
ଫେରିବା ବାଟରେ ଓହ୍ଲାଇଲେ କଟକରେ
ମତେ ଦେଖାକରି ସେଇଦିନ ଫେରିଯିବା କଥା ।

ଦୁର୍ଭାଗ୍ୟକୁ ମୁଁ ନଥିଲି ସହରରେ
ମତେ ଅପେକ୍ଷା କଲେ ଦୁଇଦିନ ।

କେଜିକିଆ ଚା' ପ୍ୟାକେଟ୍‌ଟେ ବଢ଼ାଇ ଦେଇ କହିଲେ,
'ମା' ଦେଇଛି ।'
'ମା'ଙ୍କୁ ପ୍ରଣାମ ଜଣାଇ ଦେବ ।'
'ଆପଣ କହିଲେ ଭଲ ହେବ' କହି
ମୋବାଇଲ ଫୋନ୍ ବଢ଼ାଇ ଦେଲେ ।

- 'ପ୍ରଣାମ ମାଉସୀ' ମୁଁ କହିଲି ଓ
ଉତ୍ତର ମିଳିଲା, 'ଭଲରେ ଥାଅ ବାବା', ଆମକୁ ଭୁଲିବନି ।'
ଦୁଇଟି ମାତ୍ର ବାକ୍ୟ ଭିତରେ ଅଜସ୍ର ଭାବର ଜୁଆର
ସେ ଜୁଆରସବୁକୁ ହୁଏତ ଧରି ରଖିପାରିବନି ମହାନଦୀ
ଏମିତିକି ବ୍ରହ୍ମପୁତ୍ର ବି !
\+ \+ \+ \+
କେଜିଟିଏ ଚା' ପାଇଁ ମୁଁ ଏତେ ରଙ୍କୁଣା କାହିଁକି ?
ଘରେ ମତେ ପଚାରନ୍ତି ସମସ୍ତେ ।
ସେ'କଥା ବୁଝାଇ ହୁଏନା ।

ଭାବକୁ ଉଚ୍ଚାରିବା ପାଇଁ ଶବ୍ଦ ନାହିଁ ମୋ' ପାଖରେ
ତେବେ ବଡ଼ କଥା ହେଉଛି ଓ ମତେ ଭୟ ଲାଗେ ଯେ
ଏଇ ସଂପର୍କିତ ଆଲୋଚନା ମାଡିଯିବ ଚା'ର ଗୁଣବତ୍ତା ଆଡ଼େ;
ଆବେଗ କି ସ୍ନେହ ମମତା ଦିଶିବନି କାହାକୁ !

ମୁଁ ଭୋରରୁ ସେଇ ଚା' ତିଆରି କଲାବେଳେ
ତା'ର ବାସ୍ନା ଚହଟି ଯାଉଥାଏ ଘରସାରା
ଆଉ ସେଇ ଚା' ଫୁଟୁଥିବା ପର୍ଯ୍ୟନ୍ତ
ମୋର ଅନ୍ତରରେ ବହି ଯାଉଥାଏ
ସ୍ନେହଶୀଳା ଝରଣାଟିଏ କୁଳୁକୁଳୁ ହୋଇ।

♥ ମାର୍ଫତ୍ ରୁଦ୍ର ପ୍ରସାଦ ମହାନ୍ତି
ମାଣିଗ, ହାଉସିଂ ବୋର୍ଡ କଲୋନି, ବାଜିଚୌକ
ଢେଙ୍କାନାଳ- ୭୫୯୦୦୧
(ମୋ) ୯୮୬୧୦୭୬୫୪୯

### ॥ ଭାଗଫଳ ॥

**ସସ୍ମିତା ଦାସ**



ବହୁତ ଦିନ ହେବ
ତୁମ କଥା ଭାବୁଛି
କେମିତି ତୁମକୁ ରୂପଦେବି
କବିତାରେ ନା' ଗଳ୍ପରେ
ନା' ଉପନ୍ୟାସରେ ?
କେଉଁଥିରେ ତୁମ କଥା କହିପାରିବି ?

ତୁମେ ତ ଦୁଃଖ ଯେତିକି
ସୁଖ ବି ସେତିକି,
ଭାଗଫଳ କମ୍ କି ବେଶୀ
ବୁଝି ମୁଁ ପାରୁନି ।

ତଉଲି ବି ପାରୁନି
କେବେହେଲେ କେହି କାହାକୁ
କାର୍ପଣ୍ୟ କରିନେ
ଦେବାରେ କି ନେବାରେ ।

ଦେବାରେ ଯେ ପୂର୍ଣ୍ଣତା...
ତାହା ହିଁ ଭୋଗିଛୁ ପ୍ରତି ସମୟରେ
ପରସ୍ପରକୁ ଦେଇ ଚାଲିଛୁ
କୁଡ଼କୁଡ଼ ଦୁଃଖ,

ପାଣି ଫୋଟକା ହେଇ
ମିଳେଇ ଯାଇଛି,
ସୁଖ ବି ଏକାଠି କରି
ଆମେ ରଖି ପାରିନୁ ।

ଜୀବନଚର୍ଯ୍ୟା ଆମର ସାଧାରଣ,
ସ୍ୱପ୍ନ ଅଛି ଆମର, ଆମ ସ୍ୱପ୍ନକୁ
ସାକାର କରିବାର
ବ୍ୟାକୁଳତା ବି ଅଛି।

ବହୁବାର ଭାଙ୍ଗି ପଡ଼ିଛୁ
ପୁଣି ନିଜକୁ ଏକାଠି
କରିବାର ସାହସ ବାନ୍ଧିଛୁ,
ଅନେକବାର ଏକାଠି ଜୀବନ ଜିଇଁଛୁ।

କେଜାଣି କେତେଥର
ଠିକଣା ବଦଳିଲା ପରେ ବି
ବାରବାର ତୁମେ ଦେଖା ମିଳିଛ,
ଚିହ୍ନା ଡ଼ାକବାଲା ହାତରେ
ଅନେକବାର ଚିଠି ଦେଇଛ।

ଗୋଲାପୀ ଲଫାପାରେ
ମାଛ ମଂଜି ପରି ସୁନ୍ଦର ସୁନ୍ଦର
ଅକ୍ଷରରେ ଠିକଣା ଲେଖିଛ ।

ଯେବେ ମୁଁ ଚିଠି ଖୋଲେ
ପାଏ ତୁମ ଲୁହର
କେଇ ଟୋପା ଦାଗ
ତା' ସହିତ
ତୁମ ଦେହର ମହମହ ବାସ୍ନା,
ସବୁ ସ୍ୱପ୍ନ ଯେପରି
ପୁଣି ସତସତ ଲାଗେ ।

ଆରମ୍ଭରେ ମୋ ନାଆଁ
ଶେଷରେ ବି ମୋ ନାଆଁ
ଚିଠିର ପ୍ରତି ଶବ୍ଦରେ
ଫେଣ୍ଟାଫେଣ୍ଟି ପଦରେ
ତୁମ ଆତ୍ମୀୟତା ।

♥ ସଂପାଦିକା ନୀଳକଇଁ
ମୋ: ୯୪୩୭୪ ୪୯୮୮୨

### ॥ ଭେଟିବା ପୂର୍ବରୁ ॥

**ନିହାରିକା ରାୟ ବରାଳ**



ତମକୁ ଭେଟିବା ପୂର୍ବରୁ
ମୁଁ ଜାଣି ନଥିଲି
ଜୀବନ ଏତେ ସୁନ୍ଦର ବୋଲି
ସ୍ୱପ୍ନ ଏତେ ରଂଗୀନ ବୋଲି
ପୃଥିବୀ ଏତେ ବାସ୍ନାମୟ ବୋଲି
ବିଶ୍ୱାସ ଏତେ ଦୁର୍ମୂଲ୍ୟ ବୋଲି ।

ତମକୁ ଭେଟିବା ପୂର୍ବରୁ
ମୁଁ ଜାଣି ନଥିଲି
ଫୁଲ ଏତେ କୋମଳ ବୋଲି
ନଈରେ କାମନାର
ଜୁଆର ଥାଏ ବୋଲି
କୂଳରେ ନିଷ୍ଠିତ ଆଶ୍ରାର
ଆଶ୍ରୟ ଥାଏ ବୋଲି ।

ତମକୁ ଭେଟିବା ପୂର୍ବରୁ
ମୁଁ ଜାଣି ନଥିଲି
ପକ୍ଷୀର କାକଳିରେ ଏତେ ଗୁଂଜନ
ଥାଏ ବୋଲି
ମଳୟର ଶୀତଳତାରେ
ଜ୍ୱଳନର ପରିସମାପ୍ତି ବୋଲି
ମରୀଚିକାରେ ତୃଷ୍ଣାର
ବେପଥୁ ଥାଏ ବୋଲି
ନିଜ ଛାଇ ଏତେ ଆପଣାର ବୋଲି ।

ତମକୁ ଭେଟିବା ପୂର୍ବରୁ
ସତରେ...
ମୁଁ ଜାଣି ନଥିଲି
ପ୍ରେମ ଏତେ ପବିତ୍ର,
ଏତେ ରୋମାଞ୍ଚ,
ଏତେ ମାଙ୍ଗଳିକ ବୋଲି ।

♥ ଅନୁରାଗ
ବି /୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର
(ମୋ) ୯୪୩୭୧୨୩୨୪୮

### ॥ ଆତତାୟୀ ॥

**ସୁଧାଂଶୁ ଶେଖର ବଳ**



ତୋ ସହରେ,
ରାତି ଶୋଇଗଲା ପରେ,
କିଛି ଆତତାୟୀ ଘୁରି ବୁଲନ୍ତି
ଛାତ ଉପରେ,
କଳଙ୍କର କାଳି ବୋଳି,
ଜହ୍ନକୁ ଦୋଷ ଦିଅନ୍ତି ।

ଜହ୍ନ !!
କଣ ଦୋଷୀ ହେଇପାରେ ??
ନିଜକୁ ପ୍ରଶ୍ନ ପଚାରେ,
ମୋ ଛାତି ଥରେ,
ଲୁହ ଝରେ,
ମୁଁ ବିଦ୍ରୋହ କରେ ।

ଭାବେ..
ତଣ୍ଟି ଚିପି ହତ୍ୟା କରିବି,
ସେ ନିର୍ମମ କବିର,
ତା ଆତତାୟୀ ଛବିର,
ପଛେ ମଲେ ମରିବି ।

ମୁଁ ଆଲୁଅକୁ ଡ଼ରେ,
ଶବ୍ଦଙ୍କୁ ତାଗିଦ୍ କରେ
ଜହ୍ନ ମଉଳେ,
କଳଙ୍କ ଚାଦର ଘୋଡି,
ଛାତରୁ ତଳକୁ ଫେରେ !!!

♥ ଏ.ଇ.ସି.ଏସ୍ ଲେଆଉଟ୍,
ବେଙ୍ଗାଲୁରୁ
ମୋ : ୮୦୯୫୩୭୭୧୪୬

## ମିନିଗଳ୍ପ

### ମାମଲା (କ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଦି'ଭାଇ ମକଦ୍ଦମା ଖୋର। ସାନଭାଇର ଜମିରେ ଦଖଲଦାର ବଡ଼ଭାଇ। ସାନଭାଇ ପୈତୃକଜମି ଛାଡୁନି। ହିଡକଳି ଅଛିଣ୍ଡା ହୋଇ ପଡିଲା ଅଦାଲତରେ। ଜଗତସିଂହପୁର କଚିରୀରୁ କେସ ଗଲା କଟକ। ଦି'ଭାଇ ମହିରା ଗାଁ'ରୁ ଚାଲିଚାଲି ସକାଳ ଧରୁଆନା ମା'ମଙ୍ଗଳା ବସରେ ଉଠନ୍ତି ମୁଣ୍ଡାଳଛକରୁ। ତିନିଘଣ୍ଟା ଗପସପ କରି ଓହ୍ଲାନ୍ତି। କଚିରୀକୁ ଏକାଠି ରିକ୍ସା କରିଯାଆନ୍ତି। ସାନଭାଇ ଫକଡରାମ। ବଡ଼ଭାଇ ପଇସାବାଲା। ସାନଭାଇ ନଡିଆବିକା ପଇସା ଓକିଲକୁ ଦେଇ ଝାଡିଝୁଡି ହୋଇଯାଏ। କଚିରୀ ଭିତରେ ଆ ଓକିଲ ତା ଓକିଲ ରଡାରଡି। ମହକିଲ ହାତାହାତି। ଛୁଟି ହେଲେ ସଞ୍ଜକୁ ପୁଣି ଫେରନ୍ତି ରିକ୍ସାରେ। ଗଲାବେଳେ ରିକ୍ସା ପଇସା ଅଧାଅଧା। ଆସିଲା ବେଳେ ଘୁରୁଙ୍ଗା ମୁହଁରେ ଅନାଏ ସାନଭାଇ। ବଡ଼ଭାଇ ବିନା ତର୍କରେ ବଢେଇ ଦିଏ ପଇସା।

ବାଦାମବାଡି ବସଷ୍ଟାଣ୍ଡରୁ ଗୁଲୁଗୁଲା ଖାଇବା ବେଳକୁ ଶାଳପତର ପୁଡିଆ ଧରେଇ ଦିଏ ବଡ଼ଭାଇ। ସାନଭାଇ ନାହିଁ ନାହିଁ କରୁଥାଏ। ବଡ଼ଭାଇ ଦିମାକରେ କହେ: ନଉନୁ ବିଷ ଦଉଚି କି ?

ବଡ଼ଭାଇ ଦିଏ ବସ୍‌ଭଡା।

ଘରେ ପହଞ୍ଚିଲେ ତା ପରଦିନ ଦି'ଯାଆ ଅଣ୍ଟାରେ ଲୁଗା ଭିଡି ହାତେ ଉଞ୍ଚା ଶୂନ୍ୟକୁ ଲମ୍ଫ ଦେଉଥାନ୍ତି...

♥ ରମାଦେବୀ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୧୬

**ବିପିନ ମହାନ୍ତି**

### ତୁମ ସାଥେ ସେଲ୍ଫି



ପଠେଇଛି ଜହ୍ନ ଝରକା ସେପାଖୁ ମନଖୋଲି କଥା ହେବ
ଆମ ଗାଆଁ ଜହ୍ନ ମୋ' ପାଇଁ ତା' ହାତେ ଚୁମାଟିଏ ପଠେଇବ
କହିଥିଲ ବୋଲି ଦେଇଛି ତା'ଠାରୁ ମାଗିନେବ ମୋର ମନ
ତମ ମନ କିନ୍ତୁ ତା' ହାତେ ଦେବନି ସେଟା ଭାରି ବେଇମାନ।

ଗଲାସନ ଯେଉଁ ଚୁମା ଦେଇଥିଲ ବାଟରେ ହଜେଇଦେଲା
ହଜାରେ ପ୍ରେମିକ ଓଠରେ ଅଇଁଠା ବୁଲିବୁଲି ତାକୁ କଲା
ଯେତିକି ଚୁମା ବି ଫେରେଇଲା ମୋତେ ସମୁଦ୍ରକୁ ଶଙ୍ଖେ ପରି
ଚାଖଣା କରି ମୁଁ ଲୁହ ସାଥେ ତାକୁ ଏକା ଢ଼ୋକେ ଦେଲି ସାରି।

ତୁମ ଚୁମା ଆଣି ସିଧା ଦେବ ମୋତେ କହିଛ ସେ ଏଇଥର
ବିଶ୍ୱାସରେ ସିଏ ବିଷ ଦେବନାହିଁ ଅନ୍ତର କହୁଛି ମୋର
ଚାରି ଚଉତେଇ ଚୁମାକୁ ଲୁଚେଇ ପକେଇବ ସାତ ଗଣ୍ଠି
ପଠେଇଲା ବେଳେ ମନେ ରଖିଥିବ ଚୋର ହାତେ ଚାବିକାଠି।

ଚୁମା ସାଥେ ତୁମ ଗାଲର ଭଉଁରୀ ସେଲ୍ଫିଟାଏ ଉଠେଇବ
ଚିରି ଦେଲା ଭଳି ଛାତିର କଳିଜା ହସରୁ ଚେନାଏ ଦେବ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ବାପା ॥

**ଲତିକା ମହାପାତ୍ର**



ଖଟରେ ଲାଖି ଯାଇଛନ୍ତି ବାପା
କ୍ଷୀଣ ଦୁର୍ବଳ ଜୀର୍ଣ୍ଣଶୀର୍ଣ୍ଣ
ଅଳ୍ପ ଅଳ୍ପ ହଲୁଛି ହାତ
କଣ୍ଠରୁ ସ୍ୱର ଖୁବ ଅସ୍ପଷ୍ଟ

କଣ କହିଥାନ୍ତେ
କେଉଁ ଭାବନା ଛୁଉଁଥିବ ମନକୁ ତାଙ୍କର

ସାରା ସମୟ ସେ ଥିଲେ
ଅସମ୍ଭବ କର୍ମଚଞ୍ଚଳ
ଆଳସ୍ୟ ଛୁଇଁନାଇଁ କେବେ ତାଙ୍କ ତନ ମନ
ଅଶି ବର୍ଷରେ ବି ଜାମାରେ ଲାଗିନି
ଟିକିଏ ବି ମଳିନତା
ସପ୍ତାହର ପ୍ରତିଦିନ
ନୀଳ ଦିଆ ସଫା ବାନିଆନ
ଯାହା ଦ୍ୱିତୀୟ ବାର ପିନ୍ଧାଯାଏନା

ଫ୍ଲାସ୍କରେ ଉଷୁମ ପାଣି, ଆଖିରେ ଚଷମା
ତକିଆ ପାଖରେ କେତେ ସବୁ ବହିଙ୍କ ସ୍ତୁପ

ସେଠି ଥାଏ ପୌରୁଷ ରିଡର୍ସ ଡାଇଜେଷ୍ଟ
ଖବର କାଗଜ ଓଡ଼ିଆ ଇଂରାଜୀ ବଙ୍ଗଳା
ପେପର କଟିଙ୍ଗ
ଗୋଟେ ଛୋଟ ଚଟିଖାତା ଗାରପକା
କଲମ ସହିତ
ସେଥିରେ ଲେଖା କେତେ ସବୁ କଥା
ବାପାଙ୍କ ଚଟି ଖାତା

ଆଇପିଏଲର ତାରିଖ ତାଲିକା
ଯୋଗାସନ ନିୟମ
ନୂଆ ଛପା ଉପନ୍ୟାସର ନାଁ
ସେଥିରେ ଲେଖା

ଜିଆ ବେକରାର ହେ ଗୀତରେ
ମନଭରି ହସୁଥିବା ମୋ ବାପା
ଏବେ ନିରବ
ଅଦ୍ଭୁତ ଭାବରେ ଚୁପ

ରାଗ ଅନୁରାଗ ମାନ ଅଭିମାନର ଊର୍ଦ୍ଧ୍ୱରେ
ଭିନ୍ନ ଏକ ସତ୍ତା ଏବେ ବାପା

ତଥାପି କହନ୍ତି ଆସ୍ତେ
ଜୀବନ ଚାଲିଛି, ମୁଁ ବେଶ ଭଲ ଅଛି ।

♥ ତାଳଚେର ଥର୍ମାଲ

### ॥ ପାଉଁଜି ॥

**ଡ. ସ୍ନିଗ୍ଧା ପଣ୍ଡା**



ପାଉଁଜି ବାଜିଲେ
କାହାକୁ ଶୁଭିଯାଏ ସୁର
ସୁରରୁ ଗୀତ
ସେଇ ଗୀତ ଗଢିଦିଏ
ନୂଆ ସ୍ୱପ୍ନଟିଏ ସୃଷ୍ଟିର ?

ସତରେ କି ସୁରଟିଏ ଶୁଭେ ?
ନା ଶୁଭେ ମନ୍ତ୍ର ଉଚ୍ଚାରଣ ?
ମୋହଗ୍ରସ୍ତ କରାଏ ସଂସାର
ମୋହ ତୁଟିଗଲେ
ପାଦ ଦିଶୁଥାଏ ଉତ୍ତର ପୁରୁଷର ?

ସେ ସୁରର ପ୍ରତିଧ୍ୱନି
କାହାକୁ ବାଟ ହୁଡେଇ ଦିଏ ତ
କାହା ବାଟ ସଜଡେଇ ଦିଏ
ସବୁର ଆରମ୍ଭ ଆଗରୁ
ଗଢିଦେଇଥାଏ କିଏ ଯେ
ସବୁର ଶେଷ ପରେ ବି ରହିଯାଏ ?

କେବେ ପୁରୁଣା ହୁଏ,
କେବେ ଛିଣ୍ଡିଯାଏ,
ବଦଳେଇ ଦେଲେ ନୂଆ ସିନା ମିଳେ
ହେଲେ ସେଇ ସୁର କଣ
କେବେ ବି ବଦଳେ ? ?

♥ ସରକାରୀ ଉଚ୍ଚ ବିଦ୍ୟାଳୟ,
ଆଇଆରସି ଭିଲେଜ୍, ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦



# ପିଲାଟିଏ ସାହିତ୍ୟ ସେତେବେଳେ ପଢ଼ିବ, ଯେତେବେଳେ ସେ ପଢ଼ିବା ପାଇଁ ଯୋଗ୍ୟ ହବ : ହେମନ୍ତ କୁମାର ଘୋଷାଲ

**ହେମନ୍ତ କୁମାର ଘୋଷାଲ** ଓଡିଆ କଥା ସାହିତ୍ୟ ଜଗତର ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ। ନିଛକ ଅନୁଭବ, ବାସ୍ତବବାଦୀ ଭାବନା ଓ ଉପସ୍ଥାପନା ଭିତରେ ଋଦ୍ଧିମନ୍ତ ତାଙ୍କର ଲେଖକୀୟ ସତ୍ତା। ନିଆରା ଦୃଷ୍ଟିଭଙ୍ଗୀ ହିଁ ତାଙ୍କର ସ୍ୱତନ୍ତ୍ରତା । କେବଳ ଗଳ୍ପ କି ଉପନ୍ୟାସ ନୁହେଁ ବରଂ ସମ୍ପାଦନା ଓ ସଂଗଠନ କ୍ଷେତ୍ରରେ ସେ ସାଉଁଟିଛନ୍ତି ଅନେକ ପ୍ରେରଣା । ଜଣେ ନିୟମିତ ସ୍ତମ୍ଭ ଲେଖକ ଭାବେ ସେ ପ୍ରଦର୍ଶିତ କରିସାରିଛନ୍ତି ନିଜର ପାରଦର୍ଶିତା । "ମୁଁ ମୋ ୪୭ ବର୍ଷର ଲେଖକୀୟ ଜୀବନରେ କେବେ ମୋ ସ୍ୱାଭିମାନ ସହ ସାଲିସ କରିନି" ବୋଲି କହୁଥିବା କଥାକାରଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ସତେ କଣ ସବୁ ଆଦ୍ୟ ସ୍ଫୁରଣର ମୂହୂର୍ତ୍ତ ମନେ ଥାଏ ? ମନେଅଛି କି ମୋର ଶୁଣିଥିଲି କେବେ ପ୍ରଥମ ଥର ପାଇଁ କୋଇଲିର କୁହୁ କୁହୁ ଆଉ ହେଇଥିଲି ପୁଲକିତ ଛାତିରେ ଛାତିରେ ?? ମନେଅଛି କି ମୋର ଶୋଇଥିଲି କେବେ ମାଆର ପ୍ରଥମ ଧୋରେ ବାୟା ଧୋର ଆଉଁସାରେ ? କିନ୍ତୁ ମୋର ଏବେବି ସଫା ଜହ୍ନ ରାତି ଭଳି ସଫା ସଫା ମନେ ଅଛି ମୋର ସୃଜନର ଆଦ୍ୟ ସ୍ଫୁରଣ, ପ୍ରଥମ ଅଙ୍କୁରୋଦଗମ !! କଥା ହେଲା ସାହିତ୍ୟ ପ୍ରତି ମୋର ଝୁଙ୍କ୍ ନଥିଲା ପଞ୍ଚମ ଶ୍ରେଣୀ ଯାଏଁ । ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢିଥିଲି ଡିଟେକ୍‌ଟିଭ୍ ଉପନ୍ୟାସ ଆଉ ଗଳ୍ପ। ସେ ପୁଣି ପଢା ହଉଥିଲା କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଖ ବାଲ୍‌ଡା ଗାଆଁର ପାହାଡ ଉପରେ କଫି ଜଙ୍ଗଲରେ ନିରୋଳାରେ !! ପଢୁଥିଲି ଆଉ ମୁହୂର୍ତ୍ତ ମୂହୁର୍ତ୍ତ ଧରି ଭାବି ବସୁଥିଲି କିଏ ଏଇ ରହସ୍ୟ ବୋଧର ମଣିଷ ଯିଏ ଏତେ ଚମତ୍କାର କଥା ଭାବି ପାରୁଛି, ଆଉ ଲେଖି ପାରୁଛି ? ଏଇ ଲେଖକ ମଣିଷଟା କିପରି ? ଯାଦୁକର ନା ଭଗବାନ୍ ? ଏତେ କଥା ଆସୁଛି କିପରି ତାର ମସ୍ତିସ୍କକୁ ? ତାପରେ ଅଷ୍ଟମ ଶ୍ରେଣୀରେ କୋଷାଗୁମୁଡ଼ା (ସେତେବେଳର କୋରାପୁଟ ଜିଲ୍ଲା, ଆଉ ଏବେ ନବରଙ୍ଗପୁର ଜିଲ୍ଲାରେ ଅବସ୍ଥିତ) ହାଇସ୍କୁଲକୁ ଆସିଲି, ଆମେ ବସୁଥିଲୁ କ୍ଲାସରେ ତଳେ ଅଖା ପକେଇ କିନ୍ତୁ ଆମର ସ୍କୁଲରେ ଥିଲା ଏକ ଚମତ୍କାର ଲାଇବ୍ରେରୀ। ପ୍ରତି ସପ୍ତାହରେ ସେଠୁ ବହି ନିଏ ଆଉ ପଢ଼ି ଯାଏ !! ଟିନ ଏଜ୍ କି କଣ, ସେତେବେଳେ ପ୍ରେମ, ପ୍ରତାରଣା, ଭଲପାଇବା, ଜହ୍ନ ରାତି, ନିଛାଟିଆ ଖରାବେଳ, ଗୁମ୍ ସୁମ୍ ରାତି ଆଉ ନିର୍ଜନ ସମୁଦ୍ର ବେଳା ଭଳି ଶବ୍ଦମାନେ ମୋତେ କୁତୁକୁତୁ କରାଉଥିଲେ, ହଲଚଲ କରାଉଥିଲେ ଆଉ ଛାତିକୁ ଛନ୍ ଛନ୍ କରାଉଥିଲେ । ତେଣୁ କେବଳ ପଢୁଥିଲି ଉପନ୍ୟାସ !! ଯେତିକି ଯେତିକି ଉପନ୍ୟାସ ପଢୁଥିଲି, ସେତିକି ସେତିକି ଲେଖକ ମାନେ ମୋ ପାଇଁ ରହସ୍ୟବୋଧର ମଣିଷ ହେଇ ମୋ ଭାବନା, ମୋ ଚିନ୍ତା ରାଇଜରେ ଆସି ଉଙ୍କି ମାରୁଥିଲେ। କେମିତି ଏତେ କଥା ଜାଣି ପାରୁଛି ଏ ଲେଖକଟା । ମୋ ଭଲପାଇବାର କଥା ଆଉ ତାର ଦୁଃଖ କାହାଣୀ ?? ସବୁ ସପ୍ତାହରେ ଉପନ୍ୟାସ ପଢୁଥିବା ମୁଁ ଗୋଟାଏ ସପ୍ତାହରେ ଭେଟିଲି ଗୋଟାଏ ମୋଟା ବହିକୁ । ବହିଟି ଥିଲା ଜଣେ ଲେଖକର ଆତ୍ମଜୀବନୀ । ରହସ୍ୟ ବୋଧର ମଣିଷ ଲେଖିଛନ୍ତି ତାଙ୍କ ଜୀବନଗାଥା। କେମିତି ହେଇଥିବ ତାଙ୍କ ଜୀବନ ? କଣ କରନ୍ତି ସେ ? ଆମ ଭଳି ମଣିଷ ନା ଆଉ କିଛି। ତାଙ୍କର ଆପଣାର ଦୁନିଆ କେମିତି ? ଏତେସବୁ ବ୍ୟାଗ୍ ଭର୍ତ୍ତି ପ୍ରଶ୍ନ ସହ ମୁଁ ନେଇଥିଲି ପାଖାପାଖି ହଜାରେ ପୃଷ୍ଠାର ଲେଖକ ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଆତ୍ମ ଜୀବନୀ, 'ଅଙ୍ଗେ ଯାହା ନିଭାଇଛି' !! ଯେଉଁଦିନ ଆତ୍ମଜୀବନୀ ଶେଷ କଲି, ସେଦିନ ଲେଖିଥିଲି ଜୀବନର ପ୍ରଥମ ଗପ ! ଶାଳ ଜଙ୍ଗଲରେ ଘେରା ସେଇ ଆଦିବାସୀ ପଲ୍ଲୀରେ ଆଜିକି ୪୭ ବର୍ଷ ତଳେ ୧୯୭୯ ମସିହାରେ !! ଜଣେ ସ୍ୱାଧୀନତା ସଂଗ୍ରାମୀ ସହୀଦଙ୍କ ଜୀବନର କଥା ଥିଲା ସେଇ ଗପ !! ସେ ଆଦ୍ୟ ସ୍ଫୁରଣ କେମିତି ହେଲା ? କିଏ ପ୍ରେରଣା ଦେଲା ଲେଖିବା ପାଇଁ ? କାହିଁକି ଲେଖିଲି ? ଏବେବି ସେ ସମସ୍ତ ପ୍ରଶ୍ନ କୁହେଳିକା ମୋ ପାଇଁ କି ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋ ପ୍ରଥମ ପ୍ରଶ୍ନର ଉତ୍ତରରେ ଏଇ ପ୍ରଶ୍ନର ଉତ୍ତର ଅଛି। ମୁଁ ଭାବୁଛି ମୋ ଲେଖକୀୟ ଜୀବନର ପ୍ରେରଣା ସେଇ ଆତ୍ମଜୀବନୀ, ଶ୍ରୀଯୁକ୍ତ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର । ସେଇ ମୋର ଆଦ୍ୟ ଗୁରୁ ହେଇପାରନ୍ତି। କାରଣ ତା ପୂର୍ବରୁ ମୁଁ ଲେଖକମାନଙ୍କୁ ଭାବୁଥିଲି ସେମାନେ ଅନ୍ୟ ଦୁନିଆର ମଣିଷ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ଆପଣଙ୍କ ଏଇ ପ୍ରଶ୍ନ ରେ ଦୁଇଟି ପ୍ରଶ୍ନ ଅଛି। ଦେଖନ୍ତୁ ମୋ ହିସାବରେ ଜଣେ ସତ୍ ଲେଖକ କେବେବି ସମସ୍ୟାକୁ ପ୍ରଥମେ ତର୍ଜମା କରି ପରେ ଲେଖାଟିଏ ଲେଖିନଥାଏ। ସେପରି ହେଲେ ସେ ଲେଖକ ନୁହଁ ବରଂ ମୋ ହିସାବରେ ସେ ଜଣେ ସାମ୍ବାଦିକ ହେବ। ଯେଉଁ ଘଟଣା ଲେଖକକୁ ଛଟପଟ କରାଏ, ତା ଛାତିକୁ ଛନ୍‌ଛନ୍ କରାଏ, ତାକୁ ହନ୍ତସନ୍ତ କରାଏ, ତା ନିଦ ହଜେଇ ଦିଏ, ତା ସକାଳ, ସଞ୍ଜ ବେଳ ଆଉ ନିଛାଟିଆ ଖରାବେଳରେ ଅନ୍ୟମନସ୍କତା ଭରିଦିଏ ସେତେବେଳେ ଲେଖକଟିଏ ତାକୁ ନେଇ ଗପ କି କବିତା କି ଉପନ୍ୟାସଟିଏ ଲେଖି ଥାଏ। ଯୋଜନାବଦ୍ଧ ଭାବରେ କଣ ଗପ କବିତା ଲେଖାହୁଏ ?? ଆଉ ଆପଣଙ୍କ ଦ୍ୱିତୀୟ ପ୍ରଶ୍ନ ହେଲା ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ। ମୁଁ ଏହାକୁ ଆଦୌ ବିଶ୍ୱାସ କରେନା ଯେ ସାହିତ୍ୟ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ଲେଖାହୁଏ । ମୋ ପୂର୍ବ ଉତ୍ତରରେ ଯେଉଁ କହିଛି, ଲେଖକ କିଛି ଗୋଟାଏ ସମାଜରେ ପରିବର୍ତ୍ତନ ଆଣିବି ବୋଲି ଭାବି ଲେଖି ନ ଥାଏ। ହଁ ତା ଲେଖା ପଢ଼ି କେହି ଅନୁପ୍ରାଣିତ ହେଇ ପାରନ୍ତି। କିନ୍ତୁ ସମାଜରେ ଏକ ବିରାଟ ପରିବର୍ତ୍ତନ ଯେ ସାହିତ୍ୟ ଆଣି ପାରିବ ସେ ବିଶ୍ୱାସ ମୋର ନାହିଁ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ଏଇ ଦୁଇଟି ପ୍ରଶ୍ନର ଉତ୍ତର ମୋର, ଟିକେ ଗୋଳମାଳିଆ ଲାଗିବ ଆପଣଙ୍କୁ। ଆପଣ ଭାବିବେ ଏ ମଣିଷଟି ବୋଧେ ଦ୍ୱନ୍ଦ୍ୱରେ ଅଛି । ତଥାପି ଆପଣ ଯାହା ଭାବନ୍ତୁ ମୁଁ ମୋ ଉତ୍ତର ରଖୁଛି।

(କ) ପ୍ରଥମତଃ ଅଧିକ ସଂଖ୍ୟାରେ ଗପ ଲେଖା ହେବା ଓ ପାଠକ ସଂଖ୍ୟା ବୃଦ୍ଧି ନହେବା ଦୁଇଟା, ଅଲଗା ଅଲଗା କଥା। ତାଙ୍କ ଭିତରେ କୌଣସି ସମ୍ପର୍କ ହିଁ ନାହିଁ। କଥା ହେଲା ଲେଖା ଯାଉଥିବା ଗପ ଯଦି ପାଠକ ପାଖରେ ପହଞ୍ଚି ନପାରେ ତେବେ ସେ ତାକୁ ପଢ଼ିବ କିପରି ? ଗପ ଲେଖା ହେବା ସାଥେ ସାଥେ ତାହା ପାଠକ ପାଖରେ ପହଞ୍ଚିବାର ବି ଅଛି। ଲେଖା ଯାଉଥିବା ଗପ ଦୁଇଟି ମାଧ୍ୟମ ଦେଇ ପାଠକ ପାଖରେ ପହଞ୍ଚିବାର ସମ୍ଭାବନା ଥାଏ । ପ୍ରଥମ ମାଧ୍ୟମ ପତ୍ରିକା ଆଉ ଦ୍ୱିତୀୟ ଟି ହେଲା ବହି।

ପତ୍ରିକା କଥା କହିଲେ ଆମ ଓଡ଼ିଶାରେ ୨/୩ ଟି ପତ୍ରିକା ଯାହା ମାସିକ କି ତ୍ରୟ ମାସିକ ହିସାବରେ ବାହାରି ଥାଏ । ଆଉ ବାକି ଅସଂଖ୍ୟ, ଅଗଣିତ, ପ୍ରଚୁର ପତ୍ରିକା 'ମାମୁଁ ଘରେ ଗୋଟେ ଗାଈ, ରାତି ପାହିଲେ ମୋଟେ ନାହିଁ' ଭଳି ପୂଜା ସମୟରେ ବାହାରେ ଆଉ ତା ପରେ ନିରୁଦ୍ଦିଷ୍ଟ । ଆଉ ପୂଜା ସମୟରେ ଯେଉଁ ଟେଷ୍ଟ ପେପର୍ ସାଇଜ ଅଧିକାଂଶ (୯୦% ରୁ ଅଧିକ) ପତ୍ରିକା ବାହାରେ ତାହା ପ୍ରାୟ ଅତି ବେଶୀ ହେଲେ ୧୦୦/୧୫୦ କପି ଛପା ହୁଏ । ବର୍ଷ କୁ ଥରେ ଛପା ହଉଥିବା ପତ୍ରିକା ଯଦି ୧୫୦ କପି ହୁଏ, ତାହା କେତେ ଜଣ ପାଠକଙ୍କ ପାଖରେ ପହଞ୍ଚି ପାରିବ ??

ଦ୍ୱିତୀୟତଃ ହେଲା ବହି। ଆପଣ ଭଲ ଭାବରେ ଜାଣନ୍ତି ଆଜିକାଲି ପ୍ରକାଶକ ମାନେ ହାତରୁ ନିଜ ପଇସା ଖର୍ଚ୍ଚ କରି ଲେଖକର ବହି ଛପାନ୍ତି ନାହିଁ ! ସେମାନେ ଲେଖକର ପଇସାରେ ମାନେ ମାଛ ତେଲରେ ମାଛ ଭାଜିବା ନ୍ୟାୟରେ ବହି ଛାପି ନିଜ ପରିବାରର ଭରଣ ପୋଷଣ କରି ଥାଆନ୍ତି । ଆଉ ଯେତେବେଳେ ନିଜ ହାତରୁ ପଇସା ଖର୍ଚ୍ଚ କରି ସେ ବହି ଛାପନ୍ତି ସେଥିରୁ ଅଧିକାଂଶ ଲେଖକ ଅତି ବେଶୀ ରେ ୩୦ ରୁ ୫୦ ଖଣ୍ଡ ବହି ଛାପନ୍ତି। (କେବଳ ହେମନ୍ତ ଘୋଷାଲ ତାର ପ୍ରଥମ ଚାରୋଟି ସଙ୍କଳନ ନିଜ ହାତରୁ ପଇସା ଖର୍ଚ୍ଚ କରି ୧୦୦୦ ଲେଖାଁଏ କପି ଛାପିଥିଲା।) ଆଉ ଏଇ ୩୦/୫୦ ଖଣ୍ଡ ବହିରୁ ସାଙ୍ଗ-ସଙ୍ଗୀ, ସମ୍ପର୍କୀୟ ସମ୍ପର୍କୀୟା ଓ ଖବର କାଗଜ ଏବଂ ପତ୍ରିକାକୁ ସମୀକ୍ଷା ପାଇଁ ବାଣ୍ଟି ସାରିଲା ପରେ ଆଉ କେତେ ଖଣ୍ଡ ବଳିବ ଯେ ପାଠକ ପାଖରେ ପହଞ୍ଚିବ ! ଏହା ଆମ ସମୟର ନଗ୍ନ ବାସ୍ତବତା । ଏଥିରେ କୁହନ୍ତୁ ପାଠକ ସଂଖ୍ୟା ବଢ଼ିବ କିପରି ?? ହଁ ମୁଁ ଏଠି ଭଲ ଗପ କି ବାଜେ ଗପ ଲେଖା ହେବା କଥା କହୁନି, ସେ ଅନ୍ୟ ଏକ ପ୍ରସଙ୍ଗ, ହେଲେ ପ୍ରଥମେ ପାଠକ ପାଖରେ ଗପ ପହଞ୍ଚୁ ତ !! ତାପରେ ସେ ବାଛିବ କେଉଁ ଲେଖକର ଗପ ପଢ଼ିବ ଆଉ ପାଠକ ସଂଖ୍ୟା ବଢ଼ିବ।

(ଖ) ହଁ ଏଠି କହି ରଖେ ଯେଉଁ ଗପ ବହି ସରକାରୀ ପାଠାଗାର ପାଇଁ ମନୋନୀତ ହୁଏ, ତାର ଛପା ସଂଖ୍ୟା ୩୦୦/୪୦୦/୫୦୦ ହେଇପାରେ । ହେଲେ ସେ ସବୁ ବହି ସାଧାରଣ ପାଠକ ପାଖରେ ପହଞ୍ଚି ପାରେନା। କାରଣ ତାକୁ ସରକାର ସ୍କୁଲ କଲେଜରେ ବାଣ୍ଟନ୍ତି ଆଉ ଯଦି ବଣ୍ଟା ହୋଇପାରେନା ତେବେ ସେ ସବୁ ଉଇଙ୍କ ଖାଦ୍ୟ ପାଇଁ ବିନିଯୋଗ ହୁଏ।

(ଗ) ଆଉ ଆପଣ ମନେ ରଖନ୍ତୁ, ସରକାରୀ ଲାଇବ୍ରେରୀ ପାଇଁ ମନୋନୀତ ନ ହେଲେ କୌଣସି ପ୍ରକାଶକ ହାତରୁ ପଇସା ଖର୍ଚ୍ଚ କରି ସେ ଯେତେବଡ ଲେଖକ ହୁଅନ୍ତୁ ନା କାହିଁକି ତାଙ୍କର ବହି ୫୦୦ କପି ଛାଡ଼ନ୍ତୁ ୧୦୦ କପି ବି ଛାପିବେନି ଏଠି। ତାଙ୍କର ନ ଛାପିବାର କାରଣ ଡର। ସେ ବେପାରୀ ମଣିଷ, ତାଙ୍କ ପାଇଁ ବହି ଗୋଟାଏ ତେଲ, ଲୁଣ, ଆଉ ଆଳୁ ଚିପ୍ସ ପ୍ୟାକେଟ ଭଳି ଏକ ପ୍ରଡକ୍ଟ ମାନେ ବସ୍ତୁ। ସେ ଅର୍ଥ ଖର୍ଚ୍ଚ କରିବେ ମାନେ ତା ବଦଳରେ ଦି ପଇସା ଲାଭ ଯଦି ନ ପାଇବେ ଅର୍ଥ ବିନିଯୋଗ କରିବେ କାହିଁକି ? ତାଙ୍କ ମନରେ ଡର ଯେ ସତେ କଣ ଏ ବହି ବିକ୍ରି ହେବ ? ସେ ବିନିଯୋଗ କରିଥିବା ଅର୍ଥ ଲାଭ ସହ ଫେରି ପାଇବେ ??

(ଘ) ଯେମିତି ଟାଟା, ବିର୍ଲା ତାଙ୍କ ପ୍ରଡକ୍ଟକୁ ଆଜିକାଲି ଏଜେଣ୍ଟଙ୍କ ସହାୟତା ରେ ଦୋକାନ ଦୋକାନ ଯାଇ ବିକ୍ରି କରୁଛନ୍ତି, ସେମିତି ଯଦି ଆମ ବହି ଓ ପତ୍ରିକାକୁ ପାଠକଙ୍କ ପାଖରେ ପହଞ୍ଚାଇ ହୁଅନ୍ତା, ତେବେ ପାଠକଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ଅଛି। ଏଥିପାଇଁ ପ୍ରକାଶକ ମାନେ ଏକ ଯୋଜନାବଦ୍ଧ ଭାବେ ଉପାୟ ସ୍ଥିର କରିବାର ଆବଶ୍ୟକ ଅଛି । କାରଣ ଏ ବ୍ୟସ୍ତ ବହୁଳ ଜୀବନରେ ପାଠକର ପଢ଼ିବାର ଇଚ୍ଛା ଥିଲେବି, ତାଙ୍କ ପାଖେ ଏତେ ସମୟ ନାହିଁ ଯେ ସେ ବହି ଦୋକାନ ଯାଇ ବହି କି ପତ୍ରିକା କିଣି ପଢ଼ିବ, କିଛି ହାତଗଣତି ପାଠକଙ୍କୁ ଛାଡି ଦେଲେ । ମୁଁ ମୋର ପ୍ରଥମ ସଙ୍କଳନ ରାୟପୁର ସହରରେ ଅଫିସ ଅଫିସ ଯାଇ ବିକ୍ରି କରିବାର ଅନୁଭୂତିରୁ ଏ କଥା କହୁଛି । ଅବଶ୍ୟ ମୋତେ ଚମତ୍କାର ରେସପନ୍ସ ମିଳିଥିଲା।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଆପଣଙ୍କ ଏ ପ୍ରଶ୍ନ ସହ ମୁଁ ଆଦୌ ସହମତ ନୁହଁ। କାରଣ ପ୍ରଥମତଃ ପାଞ୍ଚ କୋଟିରୁ ଉର୍ଦ୍ଧ୍ୱ ଲୋକ କହୁଥିବା ଭାଷା ଉପରେ ସଙ୍କଟ ଆସିବ କାହିଁକି ?? ଦ୍ୱିତୀୟତଃ, ମୁଁ ଭାବୁଛି ଆଶଙ୍କା ଏଇଥି ପାଇଁ ହଉଛି ଯେ ଆଜିକାଲି ସହରରେ ଛତୁ ଫୁଟିଲା ଭଳି ଇଂରାଜୀ ମାଧ୍ୟମ ସ୍କୁଲ ଖୋଲୁଛି ବୋଲି । କିନ୍ତୁ ଆମ ରାଜ୍ୟ କଟକ, ଭୁବନେଶ୍ୱର ଅବା ବ୍ରହ୍ମପୁର ଭଳି ସହରର ରାଜ୍ୟ ନୁହେଁ । ଏଠି ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ଗାଁ ଅଛି । ହଁ ଆପଣ କହିପାରିବେ ଆଜିକାଲି କିଛି ଗାଆଁରେ ବି ଇଂରାଜୀ ମାଧ୍ୟମ ସ୍କୁଲ ଖୋଲିଲାଣି । ହେଲେ କେବଳ ଗୋଟାଏ ମୃଦୁ ଧମକ ଆସୁଛି ଇଂରାଜୀ ମାଧ୍ୟମ ସ୍କୁଲ ତରଫରୁ। ଏଇ ଧମକକୁ ପ୍ରତିରୋଧ କରିବାପାଇଁ ମୋ ମତରେ ସାହିତ୍ୟ ଅପେକ୍ଷା ସରକାରଙ୍କର ଭୂମିକା ଅଧିକ। କଥା ହେଲା ପିଲାଟିଏ ସାହିତ୍ୟ ସେତେବେଳେ ପଢ଼ିବ ଯେତେବେଳେ ସେ ପଢ଼ିବା ପାଇଁ ଯୋଗ୍ୟ ହବ। ମାନେ ସେ ଯଦି ଓଡ଼ିଆ ମାନେ ମାତୃଭାଷା ଲେଖି ପଢ଼ି ଶିଖିବନି ସେ ଗପ କି କବିତା ପଢ଼ିବ କିପରି ?? ତେଣୁ ଯେତେ ଇଂରାଜୀ ମାଧ୍ୟମ ସ୍କୁଲ ଖୋଲୁଛି ଖୋଲୁ। ମୋର ଏଠି ଏତିକି କହିବା କଥା, ପ୍ରଥମରେ ପ୍ରତି ଇଂରାଜୀ ମାଧ୍ୟମ ସ୍କୁଲରେ ଓଡ଼ିଆ ଭାଷା ବାଧ୍ୟତା ମୂଳକ ଭାବେ ପ୍ରତି ପିଲା ପଢ଼ିବା ପାଇଁ କଡ଼ା କଡ଼ି ନିୟମ କରିବା ଉଚିତ୍ ଓ ଦ୍ୱିତୀୟରେ ସରକାର ଯଦି ଓଡ଼ିଆ ମାଧ୍ୟମ ସ୍କୁଲରେ.. ପ୍ରାଇମେରୀ ସ୍ତରରୁ ଓଡ଼ିଆ ସାଥେସାଥେ ଇଂରାଜୀ ଭାଷାକୁ ପ୍ରାଧାନ୍ୟ ଦିଅନ୍ତେ (ଉପଯୁକ୍ତ ଇଂରାଜୀ ଶିକ୍ଷକ ନିଯୁକ୍ତି ଦେଇ) ତେବେ ଏ ଧମକ ପାଣିଫୋଟକା ଭଳି ଅଦୃଶ୍ୟ ହୋଇଯାଆନ୍ତା ନିମିଷକେ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଆଦୌ ନୁହଁ । ଲେଖକ ସବୁ କଣ ତା ଲେଖା ମାଧ୍ୟମରେ ଗୋଟାଏ ବି ସମସ୍ୟାର ସମାଧାନ କରି ପାରିବନି। ତାପରେ ଲେଖକକୁ ଯେତେବେଳେ ସମାଜର କୌଣସି କଥା ହନ୍ତସନ୍ତ କରାଏ ସେତେବେଳେ ସେ ତାକୁ ନେଇ ଗପ ଲେଖେ ନା କି କୌଣସି ସମସ୍ୟାର ସମାଧାନ କରିବାର ଇଚ୍ଛା ଲେଖି ଲେଖେ। ତାପରେ ଆପଣ ଗ୍ରହଣ କରନ୍ତୁ କି ନ କରନ୍ତୁ ମୁଁ କହିବି ସମାଜର ସମସ୍ତ ସମସ୍ୟାର ସମାଧାନ ଯଦି କିଏ କରି ପାରେ, ସିଏ ହେଉଛି ସଚ୍ଚୋଟ ରାଜନେତା ଆଉ ତାଙ୍କର ରାଜନୈତିକ ଇଚ୍ଛା ଶକ୍ତି । ଏଇଠି ମୁଁ କହିବି ସରକାରୀ ସ୍କୁଲର ଅବ୍ୟବସ୍ଥାକୁ ନେଇ ମୁଁ କିଛି ଗପ ଲେଖିଛି ଆଉ ଅନ୍ୟମାନେ ବି ଲେଖିଥିବେ କିନ୍ତୁ ସେ ଗପ ଦ୍ୱାରା ସେ ଅବ୍ୟବସ୍ଥା ଦୂର ହେଇ ପାରିଲା କି ଦୂର ହବ ? କିନ୍ତୁ ସଚ୍ଚୋଟ ରାଜନେତା ଓ ରାଜନୈତିକ ଇଚ୍ଛାଶକ୍ତି ଥିବା 'ଆମ ଆଦ୍‌ମୀ ପାର୍ଟି'ର ନେତାମାନେ ତାଙ୍କ ଶାସନ କାଳରେ ଦିଲ୍ଲୀରେ ଏବଂ ଏବେ ପଞ୍ଜାବରେ ସରକାରୀ ସ୍କୁଲର କାୟାକଳ୍ପ ବଦଳେଇବାରେ ସକ୍ଷମ ହେଇଛନ୍ତି।

■ **ଆପଣଙ୍କ ଗପରେ ଯୋଉ କାହାଣୀକୁ ଆମେ ଭେଟୁ ସେଥିରେ ଥାଏ ଗୋଟେ ନିଛକ ଅନୁଭବ । ଏମିତି କେମିତି ? ଆପଣ ଯାହା ଲେଖନ୍ତି ତାହା ଆପଣଙ୍କର ଜୀବନର କିଛି ଅଂଶ ବୋଲି ପାଠକ ମନେକରନ୍ତି । ଏହା ସତ କି ? ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ମୋ କାହାଣୀରେ ଆପଣ ମାନେ ଏକ ନିଛକ ଅନୁଭବ ଦେଖି ପାରୁଥିବା ଜାଣି ବାସ୍ତବରେ ମୁଁ ଅତ୍ୟନ୍ତ ଖୁସି, ପୁଲକିତ । ଜଣେ ଲେଖକ ପାଇଁ ଏହାଠୁଁ ବଳି ଆଉ ଅଧିକ କଣ ଦରକାର ? ହଁ ମୁଁ ବି କିଛି ପାଠକଙ୍କ ପ୍ରତିକ୍ରିୟାରୁ ଜାଣିଛି ସେମାନେ ଭାବନ୍ତି ମୋର ଗପ, ମୋ ନିଜ ଜୀବନର କଥା । ଅନେକ ମୋତେ ସିଧାସିଧା ପଚାରିଛନ୍ତି ବି। କିନ୍ତୁ ଏଇଠି କହି ରଖେ, ଯଦିଓ ମୋ ଗପ ମୋ ବ୍ୟକ୍ତିଗତ ଜୀବନର କଥା କି କାହାଣୀ ନୁହଁ କିନ୍ତୁ ନିଶ୍ଚିତ ଏଇ ପୃଥିବୀରେ ବାସ କରୁଥିବା ଜଣେ ମଣିଷ ଜୀବନର ସତ ଘଟଣା। ଥରେ ବିଶିଷ୍ଟ ଲେଖକ ଆର୍.କେ.ନାରାୟଣ କହିଥିଲେ ଗୋଟାଏ ପ୍ରଶ୍ନର ଉତ୍ତରରେ ଯେ, ଝର୍କା ଖୋଲିଲେ, ଝର୍କା ସେପଟେ ଅସଂଖ୍ୟ ଚରିତ୍ର, ଆଉ ତାଙ୍କୁ ନେଇ ମୁଁ ମୋ ଗପ ଲେଖେ ଆଉ ସେଇମାନେ ମୋ ଗପର ଚରିତ୍ର। ତାଙ୍କର ଏଇ କଥା ସହ ମୁଁ ୧୦୦% ସହମତ। ମୋର ଅଧିକାଂଶ ଗପର ଚରିତ୍ରକୁ ମୁଁ ନିଜେ ଭେଟିଛି କିମ୍ବା କାହାଠାରୁ ତାଙ୍କ ବିଷୟରେ ଖବର ପାଇଛି। ଏଇଥିପାଇଁ ବୋଧେ ମୋ ପାଠକଙ୍କୁ ମୋ ଗପ ବଞ୍ଚିଥିବା, ହାଡ ମାଂସଧାରୀ ମଣିଷର କଥା ଭଳି ଲାଗେ। ଆଉ ଆପଣ ଯେଉଁ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା କୁ ପ୍ରଶ୍ନ ପଚାରି ଛନ୍ତି, ତାକୁ ନେଇ ମୁଁ ଏତିକି କହିବି, ମୁଁ ଏକଦମ୍ ଆଶାବାଦୀ। ଯେହେତୁ ଓଡ଼ିଆ ସାହିତ୍ୟ ସର୍ଜନାରେ ମୁଁ ନିଜେ ସାମିଲ ଏହା କେବେହେଲେ ତଳକୁ ଖସିବନି ବୋଲି ମୋର ଦୃଢ଼ ବିଶ୍ୱାସ ବରଂ ଏହାର ଆହୁରି ଆହୁରି ଉନ୍ନତି କରିବାର ଅସଂଖ୍ୟ ସମ୍ଭାବନା ଅଛି।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କହିଲେ ମୁଁ ଏତିକି ଭାବେ, ତାହା ତାଙ୍କୁ ଉତ୍ସାହିତ କରେ, ବାସ୍ । ଅବଶ୍ୟ ସେଇ ପୁରସ୍କାରଟି କି ସମ୍ବର୍ଦ୍ଧନାଟି ନିଛକ ନିରପେକ୍ଷତାରେ, ବିନା ଧରାଧରିରେ ମିଳିଥିବା ଦରକାର । ଆଜିକାଲି ପୁରସ୍କାର ଓ ସମ୍ବର୍ଦ୍ଧନାର ସ୍ତର ଯାହା ହେଲାଣି, ଏହା ଉପରେ କିଛି କହିବା ବି ଠିକ୍ ହେବନି। ପାଠକର ନିରୁତା ଚିଠିଟିଏ କୌଣସି ପୁରସ୍କାର ଠାରୁ ବି କମ ନୁହଁ । ଏହା ଲେଖକକୁ ଆଉ ଟିକେ ଏନର୍ଜି ଦିଏ ଆହୁରି ଆହୁରି ଲେଖି ଚାଲିବାକୁ। କିନ୍ତୁ କିଛି ଲୋକ /ସାହିତ୍ୟିକ ପୁରସ୍କାରକୁ ଏକ ଷ୍ଟାଟସ୍ ସିମ୍ବଲ ଭାବନ୍ତି ଯାହା ଅତ୍ୟନ୍ତ ଦୁଃଖଦାୟକ। ସାହିତ୍ୟିକଙ୍କୁ କୌଣସି ବାର୍ତ୍ତା ଦେବା କଥା ନୁହଁ, ମୁଁ ଭାବେ। କିନ୍ତୁ ମୁଁ ମୋ କଥା କହିବି ଆଉ ମୁଁ ଭାବେ ସମସ୍ତେ ଯଦି ମୋ ଭଳି ହୁଅନ୍ତେ ଆମ ଓଡ଼ିଆ ସାହିତ୍ୟର ପାଣିପାଗ କେତେ ସୁନ୍ଦର ଆଉ ଛନ୍‌ଛନିଆ ହୁଅନ୍ତା । ମୁଁ ମୋର ୪୭ ବର୍ଷର ଲେଖକୀୟ ଜୀବନରେ କେବେ ମୋ ସ୍ୱାଭିମାନ ସହ ସାଲିସ କରିନି । ଲେଖାଟିଏ ପ୍ରକାଶ ପାଇଁ କୌଣସି ସମ୍ପାଦକର ଚାଟୁକାରିତା କରିନି । ପୁରସ୍କାର କି ସମ୍ବର୍ଦ୍ଧନା ପାଇବା ପାଇଁ କାହାର ଗୋଡ଼ହାତ ଧରିନି କି କାହା ପାଖରେ ଗୋଡ଼ ଭାଙ୍ଗି ଠିଆ ହେଇନି କି କାହାର ଚାପଲୁସି କରିନି । ଠିକ୍ କୁ ଠିକ୍ ଭୁଲ୍ କୁ ଭୁଲ୍ କହିବାର ସତ୍ ସାହସ ରଖିଛି। ସେଥିପାଇଁ କୌଣସି ହାନିଲାଭର ଅଙ୍କ କଷିନି ଏଯାଏ ।

■ **ଅକ୍ଷରେ ହେମନ୍ତ କୁମାର ଘୋଷାଲ**



ପିତା :ସ୍ୱର୍ଗତ ପଞ୍ଚାନନ ଘୋଷାଲ

ମାତା : ସ୍ୱର୍ଗତ ରେନୁବାଲା ଘୋଷାଲ

ଜନ୍ମ ତାରିଖ : ୦୨.୦୩.୧୯୬୬

ଜନ୍ମସ୍ଥାନ : ଗ୍ରାମ/ ପୋ : ଶୀର୍ଲୋ ନବଗ୍ରାମ, ଭାୟା - ରଘୁନାଥପୁର, ଜିଲ୍ଲା-କଟକ, ଓଡ଼ିଶା !

ବର୍ତ୍ତମାନର ଠିକଣା- କ୍ୱାର୍ଟର ନଂ. ୧୦୭, ଜୁହି, ବିଲ୍ଡିଂ ନଂ-୨, ବ୍ଲକ ନଂ-ବି, ତାଲପୁରୀ ଇଂଟରନ୍ୟାସନାଲ କଲୋନୀ, ପୋ: ସିଭିକ୍ ସେଂଣ୍ଟର ଭିଲାଇ, ଜିଲ୍ଲା: ଦୁର୍ଗ (ଛତିଶଗଡ଼)- ୪୯୦୦୦୬

ମୋ: ୯୮୨୭୧୭୭୮୯୯

ପ୍ରକାଶିତ ପୁସ୍ତକ :

ଗଳ୍ପ ସଂକଳନ :

କ) କେତେକ ମଣିଷ ହିଁ ମାଙ୍କଡଙ୍କ ବଂଶଧର (୨୦୦୦)

(ଖ) ତମେଗଲାପରେ ଏକା ଏକା ଲାଗେ ସାରା ଜହ୍ନରାତି ଏଠି (୨୦୦୮)

(ଗ) ଅରଣା ମଇଁଷି ରହିଛି ଅନାଇ ମଇଁଷିର ପାଶ ଯାଉଛି ଦନାଇ (୨୦୧୦)

(ଘ) ମସ୍‌ଗୁଲ ବେଫିକର, ଆଉ ଖୋଲା ଖୋଲା ଆସ୍‌ମାନ (୨୦୧୦)

(ଙ) କପୋତ ଡେଣାରେ ତାରାଙ୍କ ହାଟ'' (୨୦୨୨)

ଉପନ୍ୟାସ :

ଧୋରେ ବାୟା ଧୋ ଯେଉଁ କିଆରିରେ ଗହଳ ମାଣ୍ଡିଆ ତା ପାଖ କିଆରିରେ ଶୋ ('ମହୁରି'ପତ୍ରିକାର ୨୦୧୮ ପୂଜା ସଂଖ୍ୟାରେ ପ୍ରକାଶିତ)



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ କନ୍ୟାଙ୍କ ସହ କଥାକାର ହେମନ୍ତ କୁମାର ଘୋଷାଲ...

# ଭିନ୍ନ ଏକ ବିଦେଶିନୀ

ଧାରାବାହିକ ଉପନ୍ୟାସ

**ଡ.ରତିକାନ୍ତ ବେହେରା**



ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୯

ହୋଟେଲ୍‌ରେ ଥିବା ସମସ୍ତ ଯାତ୍ରୀ ଧୀରେଧୀରେ ସେମାନଙ୍କର ନିତ୍ୟକର୍ମ ସାରି ଚାଲିଯାଇଥିଲେ ବଡ଼ଦାଣ୍ଡକୁ, ରଥଟଣା ଦେଖିବେ ବୋଲି। ହେଲେ କାହାରି ଭିତରେ ଟିକେ ବି ଦରଦ ନଥିଲା ଅସହାୟା ପ୍ରଶାନ୍ତିକୁ ଆଡ଼ ଆଖିରେ ଅନେଇବାକୁ।

ଅନେକ ସମୟ ପରେ ମାଲିକର ହୃଦୟ ତରଳି ଥିଲା ଗୋଟେ ଛଳନାପୂର୍ଣ୍ଣ ସର୍ତ୍ତରେ। "ତୁମେ ଚୋରି କରିନାହଁ, ତୁମକୁ ଏ କ୍ୟାମେରାଟି କେହି ଜଣେ ଖୁସିରେ ଦେଇଛି; ଏହା ପ୍ରମାଣିତ କରି ପାରିଲେ ତୁମେ ପୁଣି ତୁମ ପୂର୍ବ ଅବସ୍ଥାରେ ରହିପାରିବ। ନଚେତ୍ ତୁମର ଆଉ ଏ ହୋଟେଲ୍‌କୁ ଫେରିବାର ଆବଶ୍ୟକତା ନାହିଁ।"

ତ'ପରେ ତାଙ୍କ ନିର୍ଦ୍ଦେଶରେ ହୋଟେଲ୍‌ର ମ୍ୟାନେଜର୍ ପ୍ରଶାନ୍ତିର ସମସ୍ତ ପାଉଣା ତୁଟେଇ ଦେଇ ଚାଲିଗଲା ବଡ଼ଦାଣ୍ଡକୁ। ଏବେ ହୋଟେଲ୍ ହୋଇ ପଡ଼ିଥିଲା ଶୂନଶାନ୍। କାଉଣ୍ଟର୍‌ରେ ଉପସ୍ଥିତ ଥିଲେ ରିସେପ୍‌ସନିଷ୍ଟ୍ ଓ ଅନ୍ୟ ଦୁଇଜଣ ଦରଓ୍ୱାନ। ପ୍ରଶାନ୍ତି କିନ୍ତୁ ଲୁହ ଭର୍ତ୍ତି ଆଖିରେ ବସି ରହିଥିଲା ସେଇ କୋଣରେ ଉତ୍ତୀର୍ଣ୍ଣ ମଧ୍ୟାହ୍ନ ପର୍ଯ୍ୟନ୍ତ।

ସଂକଟରେ ପଡ଼ିଲେ ମଣିଷ ଭିତରେ ସମାଧାନର କିଛି ନା କିଛି ସୂତ୍ର ମିଳିଯାଇଥାଏ। ମନେପଡ଼ିଲା ସେଦିନ ଏମିତି ଏକ ଅପରାହ୍ନରେ ମେମ୍ ସାହିବା ଜଣକ ଟୁରିଷ୍ଟ୍ ଗାଇଡ୍ ଆନନ୍ଦ ବାବୁଙ୍କ ସହିତ ହୋଟେଲ୍ ଛାଡ଼ିଥିଲେ। କାହିଁକି କେଜାଣି ଭାରି ଖୁସି ଖୁସି ମନେ ହେଉଥିଲେ ମେମ୍। ସେହି ଖୁସିରେ ମୁହୂର୍ତ୍ତରେ କ୍ୟାମେରାଟିକୁ ଦେଇଥିଲେ ତାକୁ। ମେମ୍ ସାହିବା ନ ହେଲେ ନାହିଁ, ଯଦି ଆନନ୍ଦ ବାବୁ ଦେଖା ମିଳିଯାନ୍ତି ବଡ଼ଦାଣ୍ଡରେ କି ସମୁଦ୍ର କୂଳରେ, ତାହେଲେ ସେ ହିଁ ହେବେ ତା'ପାଇଁ ଏକମାତ୍ର ପ୍ରମାଣ। କାରଣ, ସେ ହିଁ ବିଦେଶିନୀଙ୍କୁ ଆଣି ଏଠି ରହିବାର ବ୍ୟବସ୍ଥା କରିଥିଲେ। ହୋଟେଲ୍ ମାଲିକ ଓ ମ୍ୟାନେଜର୍‌ଙ୍କ ସହିତ ତାଙ୍କର ଉତ୍ତମ ବୁଝାମଣା ଓ ପରିଚୟ ଅଛି। କେବଳ ମେମ୍ ସାହେବା ନୁହେଁ, ଅନେକ ବେଳେ ଅନେକ ବିଦେଶାଗତ ଯାତ୍ରୀଙ୍କୁ ଆଣି ସେ ଏଠାରେ ରଖେଇଛନ୍ତି।

ପ୍ରଶାନ୍ତି ଆସି ପହଞ୍ଚିଲା ବଡ଼ଦାଣ୍ଡରେ। ସେତେବେଳକୁ ଦେବଦଳନ ରଥ ଟଣା ହେଲାଣି। ଆଉ ଦୁଇ ରଥର ପ୍ରସ୍ତୁତି ସରିଯାଇଛି। ଚାରିଆଡ଼େ ଲୋକାରଣ୍ୟ। ଆଗକୁ ଯିବାର ଯୁ' ନାହିଁ। ରଥଗୁଡ଼ିକର ପଶ୍ଚାତ୍‌ଭାଗ ଅପେକ୍ଷାକୃତ ପତଳା ଭିଡ଼। ସେଇ ପାଖରେ କୌଣସିମତେ ଆସି ସେ ପହଞ୍ଚିଲା ସିଂହଦ୍ୱାର ନିକଟରେ। ହେଲେ ଆଗକୁ ବଢ଼ି ପାରିଲା ନାହିଁ। ଏତେ ଭିଡ଼ ଭିତରେ ସେ କାହାର ସନ୍ଧାନ ପାଇବ ? ଟିକେ କରପଟିଆ ହୋଇ ଛିଡ଼ାହେଲା ଗୋଟେ ସ୍ଥାନରେ। ମନେ ମନେ କାଳିଆକୁ ରଥ ଉପରେ ସ୍ମରଣ କରି ଲୁହ ଛଳ ଛଳ ଆଖିରେ କହିଲା - "ତୋ ପରବ ଦିନଟାରେ ମୋତେ ଏମିତି ହିନସ୍ତା କରିବା ତୋତେ ଶୋଭା ଦିଶିଲା କାଳିଆ ?"

ମନମାରି କିଛିକ୍ଷଣ ଛିଡ଼ାହେଲା ପରେ ସିଂହଦ୍ୱାରର ଡାହାଣ ପାଖ ରାସ୍ତାରେ ପ୍ରଶାନ୍ତି ଫେରି ଆସିଲା ସମୁଦ୍ରକୂଳ। ସକାଳର ସୂର୍ଯ୍ୟ ପରି ମନ ଆକାଶରେ ଯେଉଁ ଭରସା ଟିକକ ଉଇଁ ଆସିଥିଲା, ତାହା ନିରାଶାର ମେଘ ଦ୍ୱାରା ସଂପୂର୍ଣ୍ଣ ଢାଙ୍କି ହୋଇଗଲାଣି । ଏବେ ସେ କ'ଣ କରିବ ? କେଉଁଠି ରାତିଟା କାଟିବ ? ନା, ବେଳ ଥାଉଁ ଥାଉଁ ଅନ୍ୟ କେଉଁ ହେଟେଲ୍‌ରେ ନିଜକୁ ଯଚେଇ ହେବ ପରିଚାରିକା ଭାବେ ?

ମନତଳେ ଏମିତି ସବୁ କେତେ ନା କେତେ ଭାବନା ପ୍ରଶାନ୍ତିର। ରାତିଟା କେଉଁଠି ବିତେଇବାର ଭାବନା। ଚାରିଆଡ଼େ ମଠ ମନ୍ଦିର ବି ଲୋକାରଣ୍ୟ। କିଏ ବା ତାକୁ ଶୁଣିବ, ତା'ର ଏ ଦୁଃଖଦ ମୁହୂର୍ତ୍ତରେ? ଏମିତି କିଛି ତ୍ରସ୍ତ ବେଦନା ଦ୍ୱାରା ସେ ପ୍ରାୟ କବଳିତ ହୋଇ ପଡ଼ିଥିଲା। ଭୟ ଓ ଆଶଂକାରେ ମେଣ୍ଢା ଛୁଆଟିଏ ପରି ସେ ଇତସ୍ତତ ଘୂରିବାକୁ ଲାଗିଲା।

ସଂଭାବ୍ୟ କୌଣସି ସମାଧାନ ସେ ଖୋଜି ପାଇଲା ନାହିଁ। କ'ଣ କରିବ ବୋଲି ଅନ୍ୟମନସ୍କ ଭାବେ ମୁହେଁଇଲା ସମୁଦ୍ର କୂଳଆଡ଼େ ।

ସମୁଦ୍ର କୂଳରେ ପହଞ୍ଚି ଦେଖିଲା, ଲୋକାରଣ୍ୟ ବି ସମୁଦ୍ରକୂଳ। ଭାରି ଅଶ୍ୱସ୍ତି ଅନୁଭବ କଲା ପ୍ରଶାନ୍ତି। ଏଇ ଭିଡ଼ ଯେମିତି ତା' ଦୁଃଖ ଓ ସମସ୍ୟାର ଏକମାତ୍ର କାରଣ- ଏମିତି ମନେ ହେଲା ତାକୁ।

ସମୁଦ୍ରକୂଳରେ ଡାହାଣକୁ ପଡ଼ିବ ସ୍ୱର୍ଗଦ୍ୱାର। ସେଇଆଡ଼କୁ ମୁହେଁଇଲା ପ୍ରଶାନ୍ତି। ଚାହୁଁଥିଲା ଟିକେ ନିରୋଳା ସ୍ଥାନ। ଦେଖିଲା ସ୍ୱର୍ଗଦ୍ୱାର ପରିସରରେ ଦୁଇ ତିନୋଟି ଶବ ପୋଡ଼ା ହେଉଛି। ଆଉ ଦୁଇଟି ବି ପୋଡ଼ାହେବାକୁ ଅପେକ୍ଷାରେ ଅଛନ୍ତି।

ହଠାତ୍ ପ୍ରଶାନ୍ତିର ମୁଖ ଝଲସି ଉଠିଲା ବିସ୍ମୟରେ। ଆନନ୍ଦ! ଆନନ୍ଦ ବାବୁ! କିନ୍ତୁ ସେ ଏଠି, ପୁଣି ସ୍ୱର୍ଗଦ୍ୱାରରେ! ମ୍ରିୟମାଣ ହୋଇ ଛିଡ଼ା ହୋଇଛନ୍ତି ଅନ୍ୟ କେତେଜଣଙ୍କ ସହିତ ଗୋଟେ ପୋଡ଼ା ଯାଉଥିବା ଜୁଇ ପାର୍ଶ୍ୱରେ ?"

ଧୀରେଧୀରେ ସମୁଦ୍ର ତଟରୁ ଉପରକୁ ଉଠିଆସିଲା ପ୍ରଶାନ୍ତି । ଜୁଇ ନିକଟରୁ ଟିକେ ଦୂରରେ ଛିଡ଼ାହୋଇ ଯାହା ଦର୍ଶନକଲା, ସେଥିରେ ଆନନ୍ଦଙ୍କ ପ୍ରତି ଘଟି ଯାଇଥିବା ଘଟଣାଟି ଯେ ଅତ୍ୟନ୍ତ ବେଦନାଦାୟକ, ସେତକ ଅନୁମାନ କରିବାକୁ ବାକି ରହିଲା ନାହିଁ । ଆନନ୍ଦ ବାବୁଙ୍କର କେହି ଘନିଷ୍ଠ ଆତ୍ମୀୟଙ୍କର ଅନ୍ତ ହୋଇଯାଇଛି ନିଶ୍ଚୟ । ତେବେ ସେ କିଏ ?

ନିଆଁହୁଳା ଧରି ସଜା ହୋଇଥିବା ଜୁଇର ଚତୁଃପାର୍ଶ୍ୱରେ ଘୂରି ବୁଲୁଛନ୍ତି ଆନନ୍ଦ। ଆଖି ଲୁହରେ ଭିଜି ଯାଉଛି ଗଣ୍ଡ ଓ ବକ୍ଷଦେଶ।

ଜୁଇର ଆଉ ଟିକେ ନିକଟତର ହେଲା ପ୍ରଶାନ୍ତି । "ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବାଃ।" ପିଲାଟିବେଳେ ଘୋଷିଥିବା ଚାଣକ୍ୟ ଶ୍ଳୋକଟି ଏଇ ମୁହୂର୍ତ୍ତରେ କାହିଁକି କେଜାଣି ମନେପଡ଼ିଗଲା ତା'ର । ନିଜେ ବି ଧୀରେଧୀରେ ତରଳି ଯାଉଛି ଲହୁଣୀ ପରି ଦୁଃଖର ନିଆଁ ଧାସରେ। ଆଜି ଗୁଣ୍ଡିଚା ଯାତ୍ରାରେ ଏ କି ସଂଯୋଗ ତିଆରି କରିଛନ୍ତି ଈଶ୍ୱର ତା' ପାଇଁ ?

ଆଉ କିଛି କଥା ମନେନାହିଁ ପ୍ରଶାନ୍ତିର । ଚୋରିର ମିଥ୍ୟା ଆରୋପ, ହେଟେଲ୍‌ରୁ ବହିଷ୍କାର ଏବଂ ମାନସିକ ଦୁଃଖ ଓ ଯନ୍ତ୍ରଣା କିଛି ମନେପଡୁନାହିଁ ତାର। ଲୁହ ଜକେଇ ଆସୁଥିବା ଆଖିରେ ଜୁଇ ନିଆଁ ଓ ଆନନ୍ଦ ବାବୁ; ସବୁ କେମିତି ଜାଲୁଜାଲୁଆ ଦିଶୁଚି ପ୍ରଶାନ୍ତିକୁ। ସେମିତି ସ୍ଥାଣୁବତ୍ ଛିଡ଼ା ହୋଇ ରହିଛି ସେ ଖୁଣ୍ଟପରି, ପାଦ ଯୋଡ଼ିକ ପୋତି ହୋଇ ଗଲାଣି ବାଲିବନ୍ତରେ।

ଠିକ୍ ସେମିତି ଆନନ୍ଦ ବି । ଜୁଇନିଆଁ କ୍ରମେ ନିର୍ବାପିତ ହୋଇ ପାଉଁଶ ହେବା ପର୍ଯ୍ୟନ୍ତ ନିର୍ବେଦ ଓ ସ୍ଥାଣୁବତ୍ ଛିଡ଼ାହୋଇ ରହିଥିଲା ସେ। କେତେଜଣ ମାଲଭାଇ ସେ ସ୍ଥାନ ଛାଡ଼ି ଚାଲିଗଲେଣି ମାହୋଦଧିରେ ସ୍ନାନ ନିମନ୍ତେ। ସବା ଶେଷରେ ଆନନ୍ଦ ଜୁଇ ନିଆଁରୁ ପୁଳାଏ ପାଉଁଶ ଧରି ସମୁଦ୍ର ତଟକୁ ଓହ୍ଲେଇ ଆସିଲା ବେଳକୁ ସ୍ପଷ୍ଟ ନିକଟରୁ ଦେଖିଲା ପ୍ରଶାନ୍ତିକୁ। ହେଲେ ନ ଦେଖିବା ପରି ଆଗକୁ ମାଡ଼ିଗଲା । ମା'ଙ୍କର ଚିତାଭସ୍ମକୁ ବିସର୍ଜନ ଦେଇ ସ୍ନାନାନ୍ତେ ଫେରି ଆସିଲା କୂଳକୁ।

ପ୍ରଶାନ୍ତି ପୂର୍ବବତ୍ ଛିଡ଼ା ହୋଇ ରହିଥିଲା ସେଇଠି। ଦୁଃଖ ଓ ଆବେଗରେ ଓଷ୍ଠାଧର କଂପିତ ହେଉଥିଲା ଆନନ୍ଦଙ୍କ ଉଦ୍ଦେଶ୍ୟରେ କିଛି କଥା ହେବା ପାଇଁ । ହେଲେ ଆନନ୍ଦ ଏଥିରେ କୌଣସି ଉତ୍ସୁକତା ନ ଦେଖେଇ ପ୍ରଶାନ୍ତିକୁ ଅତିକ୍ରମ କରିଗଲା ଅଚିହ୍ନା ଅଜଣା ଲୋକପରି । ସୁଯୋଗ ମିଳିଲା ନାହିଁ ପ୍ରଶାନ୍ତିକୁ କିଛି କହିବା ପାଇଁ ।

କୂଳଠୁଁ ଅନତିଦୂରରେ ବାଲିବନ୍ତ ଉପରେ ଗୋଟେ ସ୍ଥାନରେ ବସି ବସି ଅପେକ୍ଷା କରୁଥିଲେ ତାଙ୍କର ଜ୍ଞାତିକୁଟୁମ୍ବ। ଆନନ୍ଦ ସେଠାରେ ପହଞ୍ଚି ନିଜର ଲୁଗା ବଦଳ କଲା । ଅନ୍ୟମାନଙ୍କ ସହିତ କ'ଣ ସବୁ କଥା ହୋଇ ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ସମ୍ମତି ଜଣେଇଲା ଏବଂ ନିଜେ ସମୁଦ୍ରକୂଳ ରାସ୍ତା ଉପରକୁ ଆସି ପହଞ୍ଚିଲା ଗୋଟେ ଦୋକାନ ସାମ୍ନାରେ।

ଦ୍ରୁତ ଗତିରେ ପ୍ରଶାନ୍ତି ତାଙ୍କୁ ଅନୁସରଣ କରି ଆସି ପହଞ୍ଚିଲା ଆନନ୍ଦ ବାବୁଙ୍କ ନିକଟରେ।

"ଆନନ୍ଦ ବାବୁ! ଏତେବେଳ ଧରି ମୁଁ ଆପଣଙ୍କୁ ହିଁ ପ୍ରତୀକ୍ଷା କରୁଥିଲି।"- କହିଲା ପ୍ରଶାନ୍ତି। ଆଖି କୋଣରେ ବୁନ୍ଦା ବୁନ୍ଦା ଲୁହ।

ଏତେବେଳକେ ପ୍ରଶାନ୍ତି ବୋଲି ଜ୍ଞାନ କଲା ଆନନ୍ଦ। କହିଲା, "ହଁ, କାହିଁକି ପ୍ରତୀକ୍ଷା ?"

"ଯେଉଁ ମେମ୍ ସାହେବାଙ୍କୁ ନେଇ ଆପଣ ସେଦିନ ହୋଟେଲ୍ ସାଗରିକା ଛାଡ଼ିଥିଲେ, ସେ କ'ଣ ଚାଲିଗଲେ ଆଜି ରଥଯାତ୍ରାରେ ?"

କି ଉତ୍ତର ଦେବ ଆନନ୍ଦ ପ୍ରଶାନ୍ତି ପ୍ରଶ୍ନରେ ? ଦଣ୍ଡେ ନୀରବ ରହି ପ୍ରଶାନ୍ତିକୁ ଅନେଇ କ'ଣ ଭାବିବାକୁ ଲାଗିଲା ଆନନ୍ଦ। ବିକାରଗ୍ରସ୍ତ ବିଦେଶିନୀ ଜଣକ ବଞ୍ଚିଛନ୍ତି କି ମରିଛନ୍ତି, ତାହା ସେ ଜାଣେନାହିଁ। କାହାର ମୃତ୍ୟୁ ସଂବାଦ କିମ୍ବା ସ୍ୱୀକୃତି ସହଜରେ କରିହୁଏ ନାହିଁ। ପୁଣି ମା'ଙ୍କର ମୃତ୍ୟୁକୁ ସେ ମାନସିକ ସ୍ତରରେ ହଜମ କରିପାରିନାହିଁ। କ'ଣ କହିବ ନ କହିବାର ଦ୍ୱନ୍ଦ୍ୱ ଭିତରେ ପ୍ରଶାନ୍ତି ପୁନରାୟ ପ୍ରଶ୍ନକଲା-

"ସେତେବେଳେ କ'ଣ ଗୋଟେ ଅଜଣା ରୋଗରେ ପଡ଼ି ଘାଣ୍ଟି ହେଉଥିଲେ ସେ। ସତରେ ସେ କ'ଣ ଚାଲିଗଲେ ?"

ଆଉ ଗୋଟିଏ ମୁହୂର୍ତ୍ତ ପ୍ରଶାନ୍ତି ସହିତ ବାକ୍ୟାଳାପ କରିବାର ଇଚ୍ଛା ନ ଥିଲା ଆନନ୍ଦର । ଜ୍ଞାତିପରିଜନ ବୋଲି ଯେଉଁ ଚାରି ପାଞ୍ଚଜଣ ମାଲଭାଇ ହୋଇ ଆସିଥିଲେ ସ୍ୱର୍ଗଦ୍ୱାର, ସେମାନେ ଅଟୋ ଓ ନିଜ ନିଜ ଗାଡ଼ିଧରି ଚାଲିଗଲେଣି ଗାଁକୁ। ଭାରି ଶୂନଶାନ୍ ଲାଗୁଛି ଭିତରଟା। ବେଦନାରେ ବି ହୃଦୟ କୋରି ହୋଇ ଯାଉଛି। ସୁତରାଂ କଣ ଗୋଟାଏ କହି ପ୍ରଶାନ୍ତିଠୁଁ ମୁକୁଳି ଯିବାକୁ ଚାହୁଁଥିଲା ଆନନ୍ଦ। କହିଲା, "ହଁ" ଏବଂ ଟିକେ ଆଗକୁ ଯାଇ ନିଜ ବାଇକ୍ ଚାବି ଖୋଲିବାକୁ ଉଦ୍ୟମ କଲା ବେଳକୁ ପ୍ରଶାନ୍ତି ଛିଡ଼ାହେଲା ସାମ୍ନାରେ।

"ମେମ୍ ସାହିବା ତ ମରିଗଲେ । ଏବେ ମୋର ଅବସ୍ଥା କ'ଣ ହେବ ?"

"ମାନେ ?" - ଚକିତ ହୋଇ ଆନନ୍ଦ ଚାହିଁଲା ପ୍ରଶାନ୍ତିକୁ। ଆଖିରେ ଆଖିଏ ଲୁହ ଭର୍ତ୍ତିକରି ଭିତରେ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଘାରି ହେଉଛି ପ୍ରଶାନ୍ତି।"

"ସଂକ୍ଷିପ୍ତରେ କୁହ, ତୁମର କ'ଣ ହୋଇଛି ?"

ନିଜର ଦୁଃସ୍ଥିତ କଥା କହିଲା ପ୍ରଶାନ୍ତି ଏବଂ ଅନୁରୋଧ କଲା, "ଟିକେ ହୋଟେଲ୍ ସାଗରିକାକୁ ଚାଲନ୍ତୁ ଆନନ୍ଦ ବାବୁ। ନଚେତ୍ ଆଜି ରାତିରେ ଏ ଯାତ୍ରା ଘଡ଼ିରେ ନିକାଞ୍ଚନ ସମୁଦ୍ରକୂଳ କିମ୍ବା ଝାଉଁବଣରେ ମୁଁ ଅଜଣା ବିଲୁଆ କୁକୁରଙ୍କର ଶିକାର ହୋଇଯିବି। ମୋ ଘର ସୁଦୂର ଏକ ମଫସଲରେ, ଯେଉଁଠି ପହଞ୍ଚିବା ମୋ ପକ୍ଷରେ ଆଦୌ ସଂଭବ ନୁହେଁ।"

ହତଚକିତ ହେଲା ଆନନ୍ଦ। ହୋଟେଲ୍ ପରିଚାରିକା ଯୁବତୀ ପ୍ରଶାନ୍ତିର ଅସହାୟତାକୁ ହୃଦୟଙ୍ଗମ କଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ବଢୁଛି ମୁର୍ଖତାର ସାମ୍ରାଜ୍ୟ

**ଗୋପାଳ ମହାପାତ୍ର**

ତଥ୍ୟାତ୍ମକ ଭାବେ ଦେଖିଲେ ସ୍ପଷ୍ଟ ଯେ ଆମେ ଏମିତି ଏକ ସମୟରେ ପହଞ୍ଚିଛେ ଯେତେବେଳେ ଆମେ ସବୁକିଛି ହାସଲ କରି ପାରିଛେ। ଏବେ ଲୋକଙ୍କ ପକେଟରେ ଦେଶ ବିଦେଶର ସବୁତଥ୍ୟ ସ୍କ୍ରିନରେ ଜ୍ଞାନର ଗଙ୍ଗା ବହୁଛି ଏ ପରିକି ଗୋଟିଏ ବଟମ ଉପରେ ହାତ ରଖିଲେ ଦୁନିଆର କଠିନ ପ୍ରଶ୍ନର ସମାଧାନ ମଧ ମିଳିପାରୁଛି। ତଥାପି ବିଡ଼ମ୍ବନା ଯେ ଯେତେ ସହଜରେ ଏସବୁ ସୁବିଧା ମିଳୁଛି ତା ସହ ତାଳ ମିଳାଇ ଏକ ଅଜବ ଧରଣର ମୁର୍ଖତା ମଧ ବଢ଼ିବାରେ ଲାଗିଛି। ଆଜି ଯେତେବେଳେ ମଣିଷ ଇତିହାସର ଯେକୌଣସି ସମୟଠାରୁ ଅଧିକ ଜ୍ଞାନ ଆହରଣ କରିଛି ସେତେବେଳେ ଆମେ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିବା ବାୟୁବା ପବନ ଅଧିକ ବିଷାକ୍ତ ହୋଇଯାଇଛି। ଯେତେବେଳେ ଆମ ଡାକ୍ତରୀ ବିଜ୍ଞାନ ଉଚ୍ଚମତ ସ୍ତରରେ ପହଞ୍ଚିଛି ସେତେବେଳେ ବିଶ୍ୱର ଅଧିକ ଭାଗ ଲୋକ ବିଭିନ୍ନ ରୋଗର ଶୀକାର। ଯେତେବେଳେ ଆମ ପାଖରେ ଜାଣିବା/ଜ୍ଞାନ ଆହରଣ ପାଇଁ ସଠିକ୍ ସାଧନ ଉପଲବ୍ଧ ସେତେବେଳେ ସବୁ ତଥ୍ୟ ସନ୍ଦେହର ପରିଧିରେ। ଏ ସବୁ ବିରୋଧାଭାଷକୁ ନେଇ ଚମକିବା ବା ଚିନ୍ତା କରିବାର କାରଣ ନାହିଁ। ଦୁର୍ଭାଗ୍ୟ ଯେ ମଣିଷ ଏଇ ବିରୋଧାଭାଷକୁ ମାନିବାକୁ ନାରାଜ। ଆମକୁ/ମଣିଷ ମାନଙ୍କୁ ଲାଗୁଛି ସବୁ କିଛି ଠିକ୍ ଅଛି। ଏହାକୁ କାଳ୍ପନିକ ମୁର୍ଖତା କୁହାଯିବ ନାହିଁ ତ ଆଉ କ'ଣ କୁହାଯିବ ?

ଏବେ ଏମିତି ଏକ ସମୟ ଯେ ଦୁନିଆରେ ଜ୍ଞାନର ଓଭରଲୋଡ଼ୁ ବା ଆବଶ୍ୟକତା ଠାରୁ ବହୁ ଅଧିକ ହେଲାଣି ଆଉ ବୁଝିବାର ଅଭାବ କାରଣରୁ ଏହା ଅର୍ଥହୀନ ହୋଇଛି ଏବେ ଏମିତି କେହି ବ୍ୟକ୍ତି ନାହିଁ ଯାହା ପାଖରେ ଯେକୌଣସି ପ୍ରସଙ୍ଗରେ ଯୁକ୍ତି କରିବାର ସାମର୍ଥ୍ୟ ନାହିଁ। କିନ୍ତୁ ସମସ୍ୟା ହେଉଛି ଜାଣିଥିବା ତଥ୍ୟ ଏବେ ଜ୍ଞାନ ନୁହେଁ ବରଂ ବିବାଦ ପାଇଁ ଖୋରାକ ପାଲଟିଛି। ହ୍ୱାଟସ୍ଆପ, ରିଲସ ଏବଂ ଛୋଟ ଛୋଟ ଭିଡିଓ ଏବେ ଜ୍ଞାନକୁ ଫାଷ୍ଟ ଫୁଡ଼ରେ ପରିଣତ କରିଦେଇଛି। ଏବେ ଜଟିଳରୁ ଜଟିଳତର ରୋଗର ଚିକିତ୍ସା ବାବଦରେ ତଥ୍ୟ ମଧ ଭିଡିଓରେ ମିଳିପାରୁଛି। ଏଥିରେ ରହିଛି ଅଧୁରାଜ୍ଞାନ କିନ୍ତୁ ଅଧିକ ଆତ୍ମବିଶ୍ୱାସ। ଏଇଥିପାଇଁ ଏହି ସମୟକୁ ସଙ୍କଟର ସମୟ ବୋଲି ମଧ କୁହାଯାଇପାରେ। ୨୦୨୬ରେ ସଙ୍କଟ ଡ଼ରାଇବା ବଦଳରେ ଯୋଗାଯୋଗ ବଢ଼ାଇବାର କାମ କରୁଛି। କୌଣସି ଦୁର୍ଘଟଣା ବାବଦରେ ସେତେବେଳେ ହିଁ ଆଲୋଚନା ହେଉଛି ଯେତେବେଳେ ଏ ସମ୍ପର୍କୀତ ଭିଡିଓ ଅଧିକ ମାତ୍ରାରେ ଇଣ୍ଟରନେଟ /ମୋବାଇଲରେ ପ୍ରସାରିତ ହେଉଛି। ଏଥିରୁ ସ୍ପଷ୍ଟ ଯେ ଆମେ ସମସ୍ୟାର ସମାଧାନ ପରିବର୍ତ୍ତେ ତାହା କେମିତି ଅଧିକ ପ୍ରସାରିତ ହେବ ସେ କଥା ଶିଖିଯାଇଛେ। ଅର୍ଥାତ୍ ଯନ୍ତ୍ରଣା ବା ଦୁଃଖ ଏବେ ଡ଼ାଟା ପାଲଟି ଯାଇଛି ଏବଂ ପୀଡ଼ା ଭିଡ଼ିଓରେ ପୋଷ୍ଟ (ପ୍ରସାର) ପାଲଟି ଯାଇଛି।

ମେଡିକାଲ ରିପୋର୍ଟ, ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଗବେଷଣା ଏବଂ ଡାକ୍ତର ଚେତାବନୀ ଦେଉଛନ୍ତି ଯେ ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ନିବେଶ ହେବାର ଆବଶ୍ୟକତା ରହିଛି କିନ୍ତୁ ମଣିଷ ବା ଆମ ପାଖରେ ଗୋଟିଏ ଉତ୍ତର ଏହା ଠିକ୍ କିନ୍ତୁ ଏବେ ସମୟ ନାହିଁ। ଅଧିକ ବିଡ଼ମ୍ବନା ହେଉଛି କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ନିଦ ବା ଶୋଇବା ପାଇଁ ମଧ ସମୟ ନାହିଁ କିନ୍ତୁ ସ୍କ୍ରିନ /ମୋବାଇଲ ଦେଖିବା ପାଇଁ ସମୟ ରହିଛି। ଏବେ ସ୍ମାର୍ଟଫୋନ ବ୍ୟବହାର କରୁଥିବା ବ୍ୟକ୍ତି ସର୍ବନିମ୍ନ ୨୦ରୁ ୨୫ ଭିଡିଓ ନିଶ୍ଚୟ ଦେଖୁଛି। ଲୋକଙ୍କ ପାଖରେ କଥାବାର୍ତ୍ତା ହେବା ପାଇଁ ସମୟ ନାହିଁ କିନ୍ତୁ ହ୍ୱାଟସଆପ, ଫେସବୁକରେ ଘଣ୍ଟା ଘଣ୍ଟା ଚାଟ କରିବା ପାଇଁ ସମୟ ଅଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ଏବଂ ଏହା ସେଇ ମୁର୍ଖତା ଯାହା ଆମ ପାଖରେ ରହିଛି। ଲୋକଙ୍କ ପାଖରେ ଦେଖିବାକୁ ବୁଝିବାକୁ ମଧ ସମୟ ନାହିଁ। ଏଆଇ ଆପ୍ ଏବଂ ସ୍ମାଟ ଡିଭାଇସ ସବୁ ଆମ ଜୀବନକୁ ସହଜ କରିଦେଇଛି ବୋଲି କୁହାଯାଉଛି କିନ୍ତୁ ଏସବୁ ଜୀବନକୁ ସହଜ କରିବା ପରିବର୍ ?ର୍ତ ଅଧିକ ବିପଦ ପାଇଁ ରାସ୍ତା ଖୋଲିଦେଉଛି। ଏବେ କେହି ଭାବିବା ଚିନ୍ତା କରିବା ପାଇଁ ଚାହୁଁନାହାଁନ୍ତି ବରଂ ଆଉଟସୋର୍ସ କରିବାକୁ ଚାହୁଁଚନ୍ତି। ଧିରେ ଧିରେ ମଣିଷ ଏମିତି ଏକ ମେଶିନ ପାଲଟି ଯାଉଛି ଯିଏ ନିଜେ କମ୍ ଓ ସିଷ୍ଟମ ଅଧିକ ପାଲଟି ଯାଉଛି।

ସବୁଠାରୁ ବଡ଼ କାଳ୍ପନିକ ମୁର୍ଖତା ହେଉଛି ଅନେକ ବାର ଚେନାବନୀ ସତ୍ୱେ ମଣିଷ କହୁଛି "ମୁଁ ଏମିତି ଠିକ୍ ଅଛି" ଅର୍ଥାତ୍ ପରିବର୍ତ୍ତନକୁ ଅଣଦେଖା କରାଯାଉଛି। ମଣିଷ ଜାଣୁଛି ଭୁଲ କ'ଣ ଏବଂ ଠିକ୍ କ'ଣ ଏବଂ ଏକଥା ବି ଜାଣୁଛି ଯେ କ'ଣ କରିବା ଉଚିତ୍ ତଥାପି ଭୁଲକୁ ସୁଧାରିବାର ଉଦ୍ୟକ କରୁନାହିଁ। ବୋଧହୁଏ ଭବିଷ୍ୟତରେ ଯେଉଁ ଇତିହାସ ଲେଖାଯିବ ସେଥିରେ ଉଲ୍ଲେଖ ରହିବ ଯେ ୨୦୨୬ ଏମିତି ଏକ ସମୟଥିଲା ଯେଉଁ ସମୟରେ ମଣିଷ ପାଖରେ ସବୁ ସମସ୍ୟାର ସମାଧାନ ଥିଲା। କିନ୍ତୁ ମଣିଷ ସେଥିରୁ କିଛି ଲାଭ ଉଠାଇ ପାରିଲା ନାହିଁ କାରଣ ୨୦୨୬ରେ ମଣିଷ ଏମିତି କିଛି କାମ କରିନଥିଲା ଯାହା ତାର ଜୀବନକୁ ସହଜ କରିପାରିଥାନ୍ତା। ଏହା ହେଉଛି ପ୍ରକୃତ ସତ୍ୟ ଏବଂ ମଣିଷ ଏହି ସତ୍ୟକୁ ଜାଣି ମଧ କିଛି କରିନାହିଁ। ଯେତେବେଳେ ମଣିଷ ନିଜର ଭୁଲ କଥା ଭାବିବା କଥା ସେତେବେଳେ ସେ ଅନ୍ୟର ଭୁଲକୁ ଦେଖିବାରେ ଲାଗିଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା।

♥ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଗୋଟେ ପୁରାତନ ସାହିତ୍ୟ ସଂଗଠନ ଓ ଜଣେ ପ୍ରତିବାଦୀ ସଭ୍ୟ



**ଉଦୟ ନାରାୟଣ ଦାସ**

ମୁଁ ଏଇ ଭିତରେ ଗୋଟେ ସାହିତ୍ୟ ସଂଗଠନର ସାଧାରଣସଭାକୁ ଯାଇଥିଲି, ସଂଗଠନର ଆଜୀବନ ସଦସ୍ୟ ନ୍ୟାୟରେ। ଅବଶ୍ୟ ଏଥିପାଇଁ ମୁଁ ଗ୍ରୁପରେ ନିମନ୍ତ୍ରଣପତ୍ର ପଢ଼ିଥିଲି। ମୁଁ ବି ଯାଇଥିଲି ମୋର କିଛି କ୍ଷୋଭ ବ୍ୟକ୍ତ କରିବା ପାଇଁ। ପାଖାପାଖି ପାଞ୍ଚଶହ ସଭ୍ୟ ମଧ୍ୟରୁ ସଭାରେ ଅତି ବେଶି ହେଲେ ୨୫ ରୁ ୩୦ ସଦସ୍ୟ ଉପସ୍ଥିତ ଥିଲେ। ସଂଗଠନରେ ଦୁଇଟି ଗୋଷ୍ଠୀ ଦୀର୍ଘଦିନ ଧରି ଅଛି। ସଂଗଠନରେ ମତ ପାର୍ଥକ୍ୟ ରହିବା ସ୍ୱାଭାବିକ।କିନ୍ତୁ ସେଦିନ ଆସିଥିବା ସଦସ୍ୟମାନେ ପ୍ରାୟ ଗୋଟିଏ ଗୋଷ୍ଠୀର ଥିଲାବେଳେ ବିପକ୍ଷ ଗୋଷ୍ଠୀରୁ ସେ ଭିତରେ ମାତ୍ର ଦୁଇଚାରିଜଣ ଆସିଥିଲେ। ସେ ଭିତରୁ ଜଣେ ସଦସ୍ୟ, ଯେ କି ଆଜକୁ କେତେବର୍ଷ ଧରି କେତୋଟି ପ୍ରସଙ୍ଗକୁ ନେଇ ନିରନ୍ତର ଲଢେଇ କରୁଛନ୍ତି।

ସେଦିନ ବି ସଂଗଠନର ସଭାପତି କୌଣସି ଗୋଟିଏ ବିଷୟରେ ଖୁବ ଅଳ୍ପ ଅବଧି ଭିତରେ ଗୋଟିଏ ପ୍ରସ୍ତାବକୁ ପାରିତ କରିବାକୁ ଉଥାପନ କଲେ ଓ ସଂଗେସଂଗେ ତାଙ୍କ ଗୋଷ୍ଠୀର ଥିବା ସମସ୍ତ ସଦସ୍ୟମାନେ ଜୋର ପାଟି କରି ହର୍ଷରୋଳରେ କହି ଉଠିଲେ, 'ପାରିତ ହେଲା'। (କଥା କଣ କିଛି ବୁଝା ହେବା ପୂର୍ବରୁ) ସମଗ୍ର ସମୟ ମାତ୍ର ତିନି ମିନିଟ ଥିଲା। ସଭ୍ୟଙ୍କ ଉପସ୍ଥାନରେ କୋରମ ନଥିଲା, ସନ୍ଧ୍ୟାରେ ବର୍ଷା ଉଠାଇଥିବାରୁ। କିନ୍ତୁ ତାହାକୁ ଦୃଷ୍ଟି ଦିଆଯାଇ ନଥିଲା । କିଛି ବି ତର୍ଜମା କରିବାକୁ ଦିଆ ଗଲାନାହିଁ। ଅବଶ୍ୟ ସେଇ ସଂଗ୍ରାମୀ ସଦସ୍ୟ ଜଣକ, ଯେ କି ସଂଗଠନରେ ସ୍ୱଚ୍ଛତା ଆଣିବା ପାଇଁ ପୂର୍ବରୁ ଲଢେଇ କରି ଆସୁଛନ୍ତି, ସେ ଛିଡା ହେଇ ତାଙ୍କର ସେଇ ପ୍ରସ୍ତାବ ଉପରେ କିଛି କହିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କ କଥା କିଛି ବି ଶୁଣାଯାଇ ନଥିଲା। ସମର୍ଥକ ସଭ୍ୟ ଓ ସଭ୍ୟାମାନେ ଜୋର କରି କହୁଥିଲେ, 'କିଛି ଶୁଣାଯିବ ନାହିଁ। ଏହା ହିଁ ପାରିତ ହେଲା'। ସଭାପତି ବି ସେଇ ବିରୋଧୀ ସଭ୍ୟଙ୍କ ପ୍ରଶ୍ନର କିଛି ବି ଉତ୍ତର ଦେବାକୁ ଉଚିତ ମନେକରି ନଥିଲେ। ଅଗଣତାନ୍ତ୍ରିକ ଭାବେ 'ପ୍ରସ୍ତାବ ପାରିତ ହେଲା' ବୋଲି କହି ସଭାକୁ ସାଙ୍ଗ କରିବାର ନିର୍ଦ୍ଦେଶ ଦେଲେ। ସଂଗ୍ରାମୀ ସଦସ୍ୟ ଜଣକ ନିଜ ପ୍ରଶ୍ନର କିଛି ଉତ୍ତର ନ ପାଇ ନିଜକୁ ଅସୁରକ୍ଷିତ ଓ ଲଜ୍ଜିତ ମନେ କରି ଚୁପଚାପ ବସି ପଡିଲେ। ହର୍ଷରୋଳରେ ଫାଟି ପଡିଲା ସଭାଗୃହ।

ମୁଁ ପଛରେ ଭେକଲା ହେଇ ବସି ସଭାପତିଙ୍କ ଏଇ ମନମୁଖୀ କାର୍ଯ୍ୟକୁ ହୃଦବୋଧ କରୁଥିଲି। ଜଣେ ସଭ୍ୟ ପ୍ରଶ୍ନ ପଚାରିଲେ ତାର ଉତ୍ତର ନଦେବା କଣ ଆମ ସଂଗଠନର ବିଧି ଓ ବ୍ୟବସ୍ଥା ? ଇଏ ଫାଶିଜିମର କଥା ପରି ମୋତେ ବୋଧ ହେଉଥିଲା। ସଂଗେ ସଂଗେ ମହାଭାରତ ଯୁଗର କେତୋଟି ଦୃଶ୍ୟ ମୋ ଆଖି ସାମ୍ନାରେ ଭାସିଗଲା। ମୋତେ ଲାଗିଲା ଯେମିତି ସେମାନଙ୍କ କାର୍ଯ୍ୟକଳାପକୁ ବିରୋଧ କରୁଥିବା ସଭ୍ୟ ଜଣକ ଦୁର୍ଯ୍ୟୋଧନଙ୍କ କପଟପଶାର ଦ୍ୟୁତି କ୍ରୀଡାରେ ହାରିଯାଇଥିବା ପାଣ୍ଡବଙ୍କ ରାଣୀ ଦ୍ରୌପଦୀ ହେଇ ଯାଇଛନ୍ତି ଓ ସେ ନିଜ ପିନ୍ଧାବସ୍ତ୍ର ପାଇଁ ନ୍ୟାୟ ମାଗୁଛନ୍ତି ଅନ୍ଧସଭାରେ ବସିଥିବା ପିତାମହ ଭୀଷ୍ମ, ଆଚାର୍ଯ୍ୟ ଦ୍ରୋଣ, ମହାଦାନୀ କର୍ଣ୍ଣ ଓ ନିଜ ସ୍ୱାମୀମାନଙ୍କୁ ବି। କିନ୍ତୁ ସମସ୍ତେ ମୂକ ହେଇ ଯାଇଛନ୍ତି ଶାସନ ଓ କ୍ଷମତାରେ ଅନ୍ଧ ହେଇ। ସଭାରେ ମୁଁ ବି ଦେଖି ପାରୁଥିଲି ଉପସ୍ଥିତ ଶକୁନିର କ୍ରୁର ହସର କପଟମୟ ମୁଖକୁ। ମୁଁ ଗୋଟେ ନିଶ୍ୱାସ ନେଲା ଭିତରେ ଗରମ ଚାହା ମୋ ପାଖରେ ପହଂଚି ଯାଇଥିଲା।

ତା' ପରକୁ ଦୃଶ୍ୟପଟ୍ଟ ବଦଳି ଯାଇଥିଲା। ସେଇ ପ୍ରତିବାଦକାରୀ ସଦସ୍ୟ ଜଣକ ମୋତେ ଦେଖା ହେଉଥିଲେ କୃଷ୍ଣଙ୍କ ପରି, ଯିଏ କୌରବ ଅଧିପତିଙ୍କ ପାଖକୁ ଆସିଥିଲେ ଶୂନ୍ୟ ବନ୍ଧୁ ପାଣ୍ଡବମାନଙ୍କ ପାଇଁ ପାଞ୍ଚଖଣ୍ଡ ପଡା ମାଗିବା ପାଇଁ। କିନ୍ତୁ କୌରବମାନେ କୃଷ୍ଣଙ୍କୁ ପରିହାସ କରିଛନ୍ତି। ଏପରିକି ଦୁର୍ଯୋଧନ ତାଙ୍କୁ ସଭାରୁ ଘଉଡ଼ାଇ ଦେବାକୁ ଦୁଃଶାସନକୁ ନିର୍ଦ୍ଦେଶ ଦେଇ ଛନ୍ତି। ସେଇ ଦୟନୀୟ ଦୃଶ୍ୟ ମୋ ଆଖି ଆଗରେ ଉଭାସିତ ହେଇଯାଉଥିଲା। ଏଇ ସମୟରେ ମୋ ପାଖରେ ପରିଚାରକ ପହଞ୍ଚାଇ ଦେଇଥିଲେ ଗରମ ଜଳଖିଆ। ମୁଁ ପୁଣି ଆଖି ବୁଜିଲି।

ଆଖି ଖୋଲିଲା ବେଳକୁ ମୋ ସାମ୍ନାରେ ଆଉ ଗୋଟେ ଦୟନୀୟ ଦୃଶ୍ୟ ଦେଖା ହେଉଥିଲା। ସେଇ ପଚାରିଥିବା ସଦସ୍ୟ ଜଣକ ହେଇ ଯାଇଥିଲେ ଚକ୍ରବ୍ୟୁହରେ ଏକାକୀ ଅଭିମନ୍ୟୁ, ଯାହାଙ୍କୁ ସପ୍ତରଥି ଘେରି ଅନ୍ୟାୟ ଯୁଦ୍ଧରେ ତାଙ୍କୁ ନିହତ କରିବାକୁ ସଂକଳ୍ପବଦ୍ଧ ହେଇଯାଇଥିଲେ ଓ ବ୍ରହ୍ମାସ୍ତ୍ର ବି ଚାରି ଦିଗରୁ କ୍ଷେପଣ କରୁଥିଲେ ।

ମୁଁ ପ୍ରକୃତିସ୍ଥ ହେଲି। ଆଜି ଏଇ କଥା କେବଳ ସାହିତ୍ୟ ଅନୁଷ୍ଠାନ ଭିତରେ ଅଟକି ଯାଇ ନାହିଁ। 'ଜୋର ଯାହାର ମୁଲକ ତାର' ପରି ଜଙ୍ଗଲି ଶାସନର ଯୁଗ ପୁଣି ଫେରିଆସିଛି। ଆମେ ଯେଉଁଠି ଦେଖିବୁ ବିଧାନସଭା ଠୁଁ ସଂସଦଭବନ ସବୁଠି ସେଇ ଗୋଟିଏ କଥା। ସଂଖ୍ୟା ଗରିଷ୍ଠତା ନଥିଲେ ବିରୋଧୀ ଦଳର କୌଣସି ଭଲ ପ୍ରସ୍ତାବକୁ ବି ଅଣଦେଖା କରାଯାଉଛି। ଏପରିକି ବିଶ୍ୱ ରାଜନୀତି ଓ କୂଟନୀତିରେ ବି ସେଇ ସମାନ କଥା।

ସବୁଠି ସେଇ ଗୋଟିଏ କଥା ଯାହାର ସାମର୍ଥ୍ୟ ଓ ଲୋକବଳ ଅଛି ସେ ହିଁ ଜିତିବେ ଓ ଯାହା ଚାହିଁବେ ତାହା କରିବେ। ତାଙ୍କୁ ବାଧା ଦେବ କିଏ ?ମୋ ଜାଣିବାରେ ପ୍ରତିବାଦ କରୁଥିବା ସଦସ୍ୟ ଜଣଙ୍କର 'ସୁଅ ମୁହଁରେ ପତର' ପରି ସେମିତି ସବୁ ଥର ଏମିତି ପ୍ରତିବାଦ କରି ଅପଦସ୍ଥ ହେବା ହିଁ ସାର ହେଉଛି ।

ମୋର ମନେଅଛି ବହୁବର୍ଷ ପୂର୍ବରୁ ଏଇ ସଂଗଠନର ଦାୟିତ୍ୱ ଦୁଇଜଣ ନିରୁତା ବୟସ୍କ କବି ଦୀର୍ଘଦିନ ଧରି ନେଇଥିଲେ ଓ ସେଇ ସଂଗଠନରେ ଖୁବ୍ ପରଖି କେବଳ ଶୁଦ୍ଧ ସାହିତ୍ୟରେ ନିମଗ୍ନ ଥିବା ବ୍ୟକ୍ତି ବିଶେଷଙ୍କୁ ହିଁ ଯୋଡୁଥିଲେ। ସେତେବେଳେ ସଭ୍ୟ ସଂଖ୍ୟା ମାତ୍ର ୧୦୦ ଡେଇଁ ନଥିଲା। ସେ ଅନୁଷ୍ଠାନରେ ନା ଥିଲା ସ୍ୱର ଲହରି, ନା ନାଟକ, ନା ରଙ୍ଗ ରଙ୍ଗୋଲି ଖେଳ। ସେମାନଙ୍କ ଦୃଷ୍ଟିଭଙ୍ଗୀ ଖୁବ ନିର୍ମଳ ଥିଲା ଓ ସାହିତ୍ୟ ପାଇଁ ଥିଲା ସୁଦୂରପ୍ରସାରି। ସେଇ ଦୁଇ ଜଣ କବି ବି କବିତା ଆସର, ଗଳ୍ପ ଆସର, ପ୍ରବନ୍ଧ ପଠନ ଇତ୍ୟାଦି ଶୁଦ୍ଧ ସାହିତ୍ୟର କାର୍ଯ୍ୟ କରୁଥିଲେ ଓ ସେଇଠି ପଠିତ ହେଇଥିବା ମୋର କିଛି ଭଲ ଗପ ବି ଆଜି ମନେପଡେ ଯାହା ସ୍ମୃତି ହେଇ ରହି ଯାଇଛି। କାହାନ୍ତି ସେଇପରି ଉଦାର ହୃଦୟର ସାହିତ୍ୟ ସାଧକ ? ଯିଏ ସ୍ୱଚ୍ଛତାର ସହ ଗୋଟିଏ ସାହିତ୍ୟ ସଂଗଠନକୁ ସମସ୍ତଙ୍କ ମତକୁ ସମ୍ମାନ ଦେଇ ସଂଗଠନର ମର୍ଯ୍ୟାଦା ବଢେଇବେ !

♥ ବାଲେଶ୍ୱର
(ମୋ) ୭୭୩୫୯୫୧୩୮୪

# ବହ୍ନିମନ୍ତ୍ର

## ପୂଜା ପତ୍ରିକା ସମୀକ୍ଷା




**କଥା କଥା କବିତା କବିତା**

ସମ୍ପାଦକ :
**ଅକ୍ଷୟ ବେହେରା**
ଠିକଣା : ଏମ୍.ଆଇ,ଜି ୯୨) ୬୫/୫,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
(ମୋ) ୯୪୩୭୨୭୯୯୪୧

"ଆଜି ଯେଉଁ ଯୁଦ୍ଧ ପରିସ୍ଥିତି ଓ ଅତୀତର ଯେତେ ଯେତେ ଯୁଦ୍ଧ ସଂଗଠିତ ହୋଇଛି ସବୁ ଏଇ ମାଟି ମା' ହିଁ ସହିଛି । ଆତ୍ମ ପ୍ରତିଶୋଧମୂଳକ ମନୋବୃତ୍ତି ଓ ଅହଙ୍କାର ହିଁ ହିଂସାର ପଥକୁ ପରିଷ୍କାର କରିଦେଇଛି । କିନ୍ତୁ ମାଟିର ଦୀକ୍ଷା ଓ ଶିକ୍ଷା ହେଉଛି ସହିଷ୍ଣୁତା, ସୌନ୍ଦର୍ଯ୍ୟ, ଉଦାରତା ଓ ମଣିଷ ପ୍ରତି ମଣିଷର ସ୍ନେହ ଶ୍ରଦ୍ଧା ଓ ଭଲପାଇବା। ମାଟି ଶ୍ରମକୁ ମୂଲ୍ୟ ଦେବାକୁ ଚାହେଁ, ଚାହେଁ ବି ଗଢିବାର ସୃଜନ ପ୍ରକ୍ରିୟା ଅବ୍ୟାହତ ରହୁ ଓ ମଣିଷ ବିନାଶକାରୀ ଶକ୍ତିକୁ ପ୍ରତିରୋଧ କରୁ । ଏଣୁ କବିତାର ଭାଷାରେ - ଆସ ଜହ୍ଲାଦକୁ ବାରଣ କରିବ/ ନ ରଙ୍ଗେଇବା ପାଇଁ ମାଟିର ସୁନ୍ଥା, ବୁଝେଇଦେବା ମାଟି ରକ୍ତ ନୁହେଁ ଝାଳ ଟୋପାଏ ଚାହେଁ କପାଳରେ ତାର ।"

ସଂପ୍ରତି ଇରାନ- ଇସ୍ରାଏଲ ଓ ଆମେରିକା ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲୁଥିବା ପରିପ୍ରେକ୍ଷୀରେ କଥା କଥା କବିତା କବିତାର ସମ୍ପାଦକ କବି ଅକ୍ଷୟ ବେହେରାଙ୍କ ସମ୍ପାଦକୀୟ ବେଶ୍ ଚିନ୍ତା ଉଦ୍ରେକମାରୀ, ଯାହା ସମସ୍ତଙ୍କ ମନରେ ରେଖାପାତ କରିବା ନିଶ୍ଚିତ ।

ଏଥର ବିଳମ୍ବରେ କଥା କଥା କବିତା କବିତାର ପୂଜାସଂଖ୍ୟା ହସ୍ତଗତ ହୋଇଥିଲେ ବି ସବୁଥର ପରି ପତ୍ରିକାଟି ନିଜ ମାନ ବଜାୟ ରଖିବାରେ ସକ୍ଷମ ହୋଇଛି । ଏଥିରେ ନୋବେଲ ଗବେଷକ ରାହୁଲ ଗୌତମଙ୍କ ଲାସ୍‌ଲୋ କ୍ରିସ୍ତାହୋରକାଇଙ୍କୁ ନେଇ ଲେଖିଥିବା ଚମତ୍କାର ଆଲେଖ୍ୟରୁ ଏହାର ସୂଚୀ ଆରମ୍ଭ ହୋଇଥିବାବେଳେ ଡ. ପ୍ରଦୀପ୍ତ ଶ୍ରୀଚନ୍ଦନ, ଡ. ଶ୍ରୀକାନ୍ତ ମହାନ୍ତି, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡା. ଇପ୍ସିତା ପ୍ରଧାନ, ପ୍ରଦୀପ ରାୟ, ଚିତ୍ତରଞ୍ଜନ ନାହକ, ଡ. ମଣୀନ୍ଦ୍ର କୁମାର ମେହେର, ଡ. ଗୌତମ ଜେନା, ଡ. ବେଣୁଧର ପାଢ଼ୀ ପ୍ରମୁଖ ଏଥିରେ ବିଭିନ୍ନ ବିଭାଗରେ ଲେଖିଛନ୍ତି। କବିତାରେ ଫନୀ ମହାନ୍ତି, ମମତା ଦାସ, ଅମ୍ଳେନ୍ଦ୍ର ଖଟୁଆ, ଇନ୍ଦିରା ଦାଶ, ନିହାରିକା ରାୟ ବରାଳ, ଅବନୀ କୁମାର ପ୍ରଧାନ, ରକ୍ଷକ ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, କେଦାର ମିଶ୍ର, ପୀତାମ୍ବର ତରାଇ, ରବିପ୍ରିୟ ଦାସ, ମନୁଆ ଦାସ, ଜୟନ୍ତୀକା, କମଳିନୀ ମଲ୍ଲିକ, ଉମାକାନ୍ତ ରାଉତ, ହୃଦାନନ୍ଦ ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ସୁରଂଜନ ପାତ୍ର ପ୍ରମୁଖଙ୍କ କବିତା ସ୍ଥାନ ପାଇଥିବାବେଳେ ଗପରେ ଜୟନ୍ତୀ ରଥ, ପ୍ରସନ୍ନ କୁମାର ହୋତା, ମନୋଜ କୁମାର ମହାପାତ୍ର, ମୋନାଲିସା ମିଶ୍ର, ସୁନନ୍ଦା ପ୍ରଧାନ, ଅଶୋକ ବିଶ୍ୱାଳ, କାଳିକୀଙ୍କର ପ୍ରମୁଖଙ୍କ ଗଳ୍ପ ସ୍ଥାନ ପାଇଛି। ପତ୍ରିକାଟି ବେଶ୍ ରୁଚିସମ୍ପନ୍ନ ଓ ସଂଗ୍ରହଣୀୟ।

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୨ ଏପ୍ରିଲ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଯୁଦ୍ଧ ଆକ୍ରାନ୍ତ ଇରାନ ଓ ବିଶ୍ୱ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ ଏବେ ଯୁଦ୍ଧାକ୍ରାନ୍ତ । ବିଶ୍ୱଶାନ୍ତି ଓ ତୈଳ ଅର୍ଥନୀତି ସଙ୍କଟରେ । ସାରା ବିଶ୍ୱ ଏହା ଦ୍ୱାରା ପ୍ରଭାବିତ । ବିଶ୍ୱ ପଞ୍ଚାୟତ ବି ତା'ର ସ୍ଥିତି ପାଇଁ ବୋଧେ ନିରବଦ୍ରଷ୍ଟା ସାଜିଛି । ଏବେ ଆସନ୍ତୁ ଇରାନ ସମ୍ପର୍କରେ କିଛି ଜାଣିବା । ଇରାନକୁ ପାଶ୍ଚାତ୍ୟ ଦେଶମାନେ ପର୍ଶିଆ କହୁଥିଲା ବେଳେ ଆମ ଭାରତୀୟ ଗ୍ରନ୍ଥ ମାନଙ୍କରେ ତାକୁ ସଭିଏଁ ପାରସ୍ୟ ଦେଶ ବୋଲି ଚିହ୍ନିତ କରିଥାଆନ୍ତି । ଆଗରୁ ଇରାନ୍ ତଥା ପାରସ୍ୟର ଭାଷା ଥିଲା ପାର୍ସିୟାନ୍ ବା ପାର୍ସି । ଏହା ସେ' କାଳର ଏକ ଉନ୍ନତ ଭାଷା । ଫର୍ଦୌସୀ, ସାଦି, ହାଫିଜ୍, ରୁମି ଓ ଓମାର ଖେୟାମ୍ ପ୍ରଭୃତି ପାର୍ସି କବିମାନେ ବିଶ୍ୱ ପ୍ରସିଦ୍ଧ ଥିଲେ । ଭାଷାବିତ୍‌ମାନେ କୁହନ୍ତି ଏହି ପାର୍ସି ଭାଷା ସଂସ୍କୃତ ଭାଷା ସହ ଘନିଷ୍ଠ ଭାବେ ସମ୍ପୃକ୍ତ । ପ୍ରାଚୀନ ପର୍ସିୟାନରେ ଲେଖା ଜେନ୍ଦାଭେସ୍ତା ଓ ଋକ୍‌ବେଦର ଲିଖିତ ଓ ଉଚ୍ଚାରିତ ଭାଷାରେ ବହୁ ସମାନତା ରହିଛି । ପର୍ସିୟାନ୍ ତଥା ଆଜିର ଇରାନ ବହୁ ଅତୀତରେ ଆମ ଆର୍ଯ୍ୟ ସଭ୍ୟତାର ଏକ ପ୍ରଧାନ କେନ୍ଦ୍ର ଥିଲା । ଇରାନ୍ ଶବ୍ଦ ଏରିଆନ୍ ବା ଆର୍ଯ୍ୟନ୍ ତଥା ଆର୍ଯ୍ୟ ଶବ୍ଦରୁ ସୃଷ୍ଟି । ନୃତତ୍ତ୍ୱବିତ୍‌ମାନେ କହନ୍ତି, ଆର୍ଯ୍ୟ ଉଦ୍ଭୂତ ସଂଭୂତ ଆର୍ଯ୍ୟମାନେ ଏହି ଇରାନ୍ ଅଞ୍ଚଳରେ ହିଁ ରହିଥିବା ଦେଖାଯାଥିଲେ । ମଧ୍ୟଯୁଗରେ ପାର୍ସିଭାଷା ଓ ସଭ୍ୟତା ସମଗ୍ର ମଧ୍ୟଏସିଆ ଓ ଭାରତବର୍ଷରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିଲା । ଶ୍ରୁତି ମଧୁରତାରେ ପର୍ସିୟାନ୍ ଭାଷା ଅତ୍ୟନ୍ତ ସୁନ୍ଦର ଓ ପ୍ରଥମ ଥିଲା କହିଲେ ଚଳେ । ମୁସ୍‌ଲିମ୍ ଶାସିତ ଭାରତର ଏକମାତ୍ର ରାଜଭାଷା ଥିଲା ପାର୍ସି । ଖାଲି ଭାଷା ସାହିତ୍ୟ ନୁହେଁ କଳା ସଂସ୍କୃତିରେ ମଧ୍ୟ ଇରାନ ବହୁ କାଳ ଯାଏ ବିଖ୍ୟାତ ଥିଲା । ସୁକୁମାର କଳାକୃତି, ଗାଲିଚା, ଶାଲ, ଅତର ଓ ମଦ୍ୟାଦି ବିଭିନ୍ନ ବିଳାସପ୍ରିୟ ଦ୍ରବ୍ୟାଦିର ଉତ୍ପାଦନ ଓ ଭୋଗ କରିବାରେ ବିଶ୍ୱରେ ସର୍ବଦା ଆଗୁଆ ଥିଲେ ଏହି ପର୍ସିୟାନ୍‌ମାନେ । ଆରବ ଦ୍ୱାରା ଆକ୍ରମଣର ସାମ୍ନା କରି ନିଜ ସ୍ୱାଧୀନତା ହରାଇଥିଲେ ବି ଇରାନ୍‌ର ପ୍ରାଚୀନ ସୌର ଧର୍ମ ସମଗ୍ର ବିଶ୍ୱ ଧର୍ମକୁ ପ୍ରଭାବିତ କରି ପାରିଥିଲା । ପୌରାଣିକ କାଳରୁ ଇରାନର ମିତ୍ର ଧର୍ମ ବା ସୂର୍ଯ୍ୟପୂଜା ସମଗ୍ର ମଧ୍ୟଏସିଆ ତଥା ସମ୍ପୂର୍ଣ୍ଣ ଭାରତବର୍ଷକୁ ମଧ୍ୟ ଯଥେଷ୍ଟ ପ୍ରଭାବିତ କରିଥିବା ଜାଣିବାକୁ ମିଳେ । ଏବେ ବି ଆମ ଭାରତର ପାଞ୍ଜିକାର ମାନେ ପର୍ସିୟାକୁ ଶାକ୍ୟ ଦ୍ୱୀପ ଭାବରେ ବର୍ଣ୍ଣନା କରିଥାନ୍ତି । ଯେତେବେଳେ ଭାରତର ମୂଳ ପ୍ରାଚୀନ ଧର୍ମ ସଂସ୍କୃତି ବିଦେଶୀୟଙ୍କ ଦ୍ୱାରା କବଳିତ ହୋଇ ପରାଧୀନତାକୁ ସ୍ୱୀକାର କରିଥିଲା ସେ'ବେଳରେ ପୁନଃ ଜାଗରଣର ଦୃଶ୍ୟ ଆଙ୍କିବାରେ ଭାରତୀୟ ଧର୍ମ ପରମ୍ପରାକୁ ସାହାଯ୍ୟ କରିଥିଲା ଏହି ଇରାନ ବା ପର୍ସିୟାନ । ଏହି ଶ୍ୟାକ ଦ୍ୱୀପୀ ବ୍ରାହ୍ମଣମାନେ ମିତ୍ର ତଥା ସୂର୍ଯ୍ୟ ପୂଜାର ଜ୍ୱଳମାନ ଧର୍ମ ସଂସ୍କୃତିକୁ ଭାରତରେ ତିଷ୍ଠି ରଖିବାରେ ଯଥେଷ୍ଟ ସହାୟକ ହୋଇଥିଲେ । ଆରବୀୟମାନଙ୍କ ଦ୍ୱାରା ପରାଜିତ ହୋଇ ଶେଷରେ ମୁସଲମାନ ଧର୍ମ ଗ୍ରହଣ କରି ବଞ୍ଚି ରହିବାକୁ ବାଧ୍ୟ ହୋଇଥିଲେ ଇରାନୀଅନ୍‌ମାନେ । ତତ୍‌ପୂର୍ବରୁ ଇରାନ୍ ବିଶ୍ୱବିଖ୍ୟାତ ଧର୍ମ ପ୍ରଚାରକ ଜରାଥ୍ରୁଷ୍ଟ ତଥା ଜୋରୋ-ଅଷ୍ଟିଆନ୍ ଧର୍ମର ଲୀଳାଭୂମି ।

ମଧ୍ୟ ଏସିଆର କେନ୍ଦ୍ର ଭୂମି ଥିଲା ଇରାନ୍ । ଏହାର ଆୟତନ ୬.୨୮ ଲକ୍ଷ ବର୍ଗ ମାଇଲ । ଜନସଂଖ୍ୟା ସେ'ବେଳରେ ଥିଲା ପ୍ରାୟ ଦୁଇକୋଟି । ଇରାନ୍‌ର ଉତ୍ତରରେ ଏଲ୍ବୁର୍ଜ ପର୍ବତମାଳା ରହିଥିଲା ବେଳେ ଦକ୍ଷିଣ ଉପକୂଳରେ ଠିଆ ହୋଇଛି ଜାଗ୍ରୋସ୍ ପର୍ବତ । ଦେଶର ଅଧିକା ଭାଗରେ ବିସ୍ତାରିତ ହୋଇଛି ଉସର— ମାଳଭୂମି ଓ ମଧ୍ୟଭାଗରେ ବିସ୍ତାରଲାଭ କରିଛି ଲବଣ-ମରୁଭୂମି । ଚାରିଆଡ଼େ ଲବଣ ଭୂମିର ପାର୍ବତ୍ୟ ମାଳଭୂମି ବିସ୍ତାରିତ ହୋଇ ରହିଥିଲା । ଦେଖିଲେ ଯେ କେହି ଭାବିବ ଏମାନେ ଅନ୍ନ ସଜାଡ଼ନ୍ତି କେମିତି ? ଆମ ଭାରତ ଭୂଇଁ ଯେତେ ଯାହା ହେଲେବି ବାରିଆଡ଼େ ସବୁଜିମାରେ ଭରା । ଧାନ, ଗହମଠୁ ଆରମ୍ଭ କରି ସମସ୍ତ ଅନ୍ନ ବ୍ୟଞ୍ଜନର ବ୍ୟବସ୍ଥା ସଦା ସର୍ବଦା କରି ରଖିଛି ଆମ ପୂଣ୍ୟଭୂମି ଭାରତମାତା ଆମ ସମସ୍ତଙ୍କ ପାଇଁ । କିନ୍ତୁ ଏ କଣ ଲବଣାକ୍ତ ମରୁଭୂମିର ସମ୍ମାନ ଭରି ରହିଛି ଇରାନର ମାଟିକୁ । ଯାହାକୁ ମା' ମାତୃଭୂମି ପରମ ଲକ୍ଷ୍ମୀଙ୍କ କରୁଣା ରହିଛି ତାକୁ କେ ଭୋକିଲା ରଖିପାରିବ ନା'ଦୁର୍ଭିକ୍ଷାଞ୍ଚଳ କହିବ । ମାଟିତଳେ ଭରି ହୋଇ ରହିଛି ଖଣିଜ ସମ୍ପଦ । ଆନ କିଛି ନୁହଁ କେବଳ ପେଟ୍ରୋଲ, ଡିଜେଲର ଅଶୋଧିତ ତୈଳ ଶକ୍ତିର ଅସରା ସମ୍ପତ୍ତି । ଏମାନେ ଗରିବ କାହିଁକି ହେବେ ? ଏବେ ତ ଇରାନ୍ ହେଉଛି ବିଶ୍ୱର ଅନ୍ୟ ଏକ ଧନର ମୁକୁଟ ପିନ୍ଧିଥିବା ତୈଳ ସମ୍ପଦର ରାଷ୍ଟ୍ର ସାମ୍ରାଜ୍ଞୀ-ରାଣୀ । ଏହାର ଉତ୍ତରରେ ଥିବା ଏଲ ବୁର୍ଜ ପର୍ବତମାଳାଠାରୁ ଦକ୍ଷିଣର ପାରସ୍ୟ ଉପସାଗରୀୟ ଭୂମି ପର୍ଯ୍ୟନ୍ତ ପେଟ୍ରୋଲର ସ୍ତର ଲାଗି ରହିଛି । ଭୂତାତ୍ତ୍ୱିକ ଗବେଷକମାନେ କୁହନ୍ତି ଇରାନ୍ ନା' ତେଲର ହ୍ରଦରେ ନୌକା ଖଣ୍ଡେ ଭଳି ସଦା ଭାସୁଛି । ପେଟ୍ରୋଲ ଉତ୍ପାଦନରେ ଇରାନ – ବିଶ୍ୱର ଚତୁର୍ଥ ସ୍ଥାନ ନେଇଛି । ଏଠାର ମାଟିତଳେ ଲୌହ, ତମ୍ବା, କୋଇଲା ଭଳି ଅନେକ ଖଣିଜ ସମ୍ପଦ ମଧ୍ୟ ରହିଛି । କିନ୍ତୁ ତେଲ ବିକିବାରେ ତ' ଧନ ସାଇତି ହେଉନି ଆଉ ସେ ବେଳରେ ଲୁହା, କୋଇଲା ଆଦି ଖଣିଜ ଦ୍ରବ୍ୟକୁ କିଏ ପଚାରେ !

ଅନ୍ୟାନ୍ୟ ବହୁ ପ୍ରାକୃତିକ ଉତ୍ପାଦିତ ଦ୍ରବ୍ୟ ମଧ୍ୟ ଇରାନର ବାଣିଜ୍ୟକୁ ସମୃଦ୍ଧ କରିଛି । ସେ'ସବୁ ହେଲା ରେଶମ, ତମାଖୁ, ଶୁଖିଲାଫଳ, ଚମଡ଼ା ଦ୍ରବ୍ୟ ଓ ପଶୁଲୋମ ପ୍ରଧାନ । ଶିଳ୍ପ ଓ ବାଣିଜ୍ୟ ଦ୍ରବ୍ୟ ମଧ୍ୟରେ କାର୍ପେଟ୍, ଗାଲିଚା, ପଶୁଲୋମ ଦ୍ରବ୍ୟ, ମୁକ୍ତା ଓ ନୀଳକାନ୍ତ ମଣି ଭଳି ଅତି ମୂଲ୍ୟବାନ ଦ୍ରବ୍ୟ ସବୁ ରହିଛି । ଇରାନର ରାଜଧାନୀ ତେହେରାନ୍ । ଏହା ଏଲ ବୁର୍ଜ ପର୍ବତମାଳା ତଳେ ସମୁଦ୍ର ପତନଠାରୁ ୪୦୦୦ ଫୁଟ ଉଚ୍ଚରେ ଅବସ୍ଥିତ ଏକ ସ୍ୱାସ୍ଥ୍ୟକର ନଗର । ଦ୍ୱିତୀୟ ମହାଯୁଦ୍ଧ – ସମୟରେ ପାରସ୍ୟ ଉପସାଗର ଠାରୁ କାସ୍ପିଆନ୍ ହ୍ରଦ ପର୍ଯ୍ୟନ୍ତ ରେଳପଥ ଦ୍ୱାରା ସଂଯୋଗ ସ୍ଥାପନ କରାଯାଇଥିଲା । ପେଟ୍ରୋଲ ତୈଳ ବିଶୋଧନ କେନ୍ଦ୍ରଟିଏ ପାରସ୍ୟ ଉପସାଗର ଅଞ୍ଚଳରେ ଆବାଦାନ ଏହି ଦ୍ୱୀପରେ ରହିଛି । ତେହେରାନ୍ ଠାରୁ ବିମାନ-ପୋତ ଭାରତ, ପାକିସ୍ତାନ ଆଦି ଦେଶକୁ ଯିବା ଆସିବା କରିଥାଏ ।

ଇରାନ ଇତିହାସ ପ୍ରାଚୀନ, ଦୀର୍ଘ ଓ ଗୌରବମୟ ଯାହା ଆମ ମୟୁର ସିଂହାସନ ଓ କୋହିନୁର ମଣି ସହ ସମ୍ପୃକ୍ତ । ଜାଣିବାକୁ ମିଳେ ଯେ, ମହାବୀର ମାଇରସ୍ ଓ ଡେରାୟସଙ୍କ ଅଧିନାୟକତ୍ୱରେ ଇରାନ୍ ସାମ୍ରାଜ୍ୟ ଦିନେ ଭାରତର ପଶ୍ଚିମପ୍ରାନ୍ତରୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ପରିସୀମା କାସ୍ପିଆନ୍ ହ୍ରଦ କୂଳରୁ ସମଗ୍ର ଇଜିପ୍ଟକୁ ଛୁଇଁଥିଲା । ଡେରାୟସ୍ ଓ ତାଙ୍କ ପୁତ୍ର ଜେରେକ୍ସସ୍‌ଙ୍କ ଗ୍ରୀସ୍ ଅଭିଯାନ ସେ'କାଳର ଏକ ପ୍ରସିଦ୍ଧ ଘଟଣା ଥିଲା । ମହାବୀର ଆଲେକ୍‌ଜାଣ୍ଡାର ଡେରାୟସ୍ (୩ୟ)ଙ୍କୁ ପରାସ୍ତ କରି ଇରାନ୍ ସାମ୍ରାଜ୍ୟର ପ୍ରଶସ୍ତିକୁ ଭଙ୍ଗ କରିଦେଇଥିଲେ । କିନ୍ତୁ ତ୍ରୟୋଦଶ ଶତାବ୍ଦୀରେ ଜେଙ୍ଗିସ୍ ଖାଁ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ତେମୁରଲଙ୍ଗଙ୍କ ଆକ୍ରମଣ, ଅମାନୁଷିକ ହତ୍ୟା ଓ ଲୁଣ୍ଠନ ଇରାନ୍‌କୁ ଧରାଶାୟୀ କରିଦେଇଥିଲା । ସମୟ ସବୁବେଳେ ସମାନ ରହେନି । ୧୪୯୯ ଖ୍ରୀ.ଅରେ ଶାହା ବଂଶର ଅଭ୍ୟୁଦୟ ହେଲା ଇରାନ୍‌ରେ । ଆବ୍ବାସ୍‌ଙ୍କ ରାଜତ୍ୱ ସମୟରେ ଇରାନ ତା'ର ସ୍ୱର୍ଣ୍ଣଯୁଗର ଆରମ୍ଭ କରିବାକୁ ଲାଗିଥିଲା । ଏ'ବେଳରେ ନାଦିର ନାମକ ଜଣେ ଡକାୟତ ନିଜର ଧୂର୍ତ୍ତତା ଓ ସାହସ ବଳରେ ଇରାନ୍‌ର ଶାସନ ଗାଦିରେ ବସିଲେ । ଏହି ନାଦିର ଶାହା ପରବର୍ତ୍ତୀ କାଳରେ ଆଫଗାନିସ୍ଥାନକୁ ଅଧିକାର କରିବା ସହ ଆମ ଭାରତ ଦିଲ୍ଲୀ ଦରବାରରୁ ମୟୁର ସିଂହାସନ ଓ କୋହିନୁର ମଣି (ହୀରା) ଲୁଣ୍ଠନ କରିନେଇଥିଲେ । ପାରସ୍ୟର ଆଧୁନିକ ଇତିହାସର ଆରମ୍ଭ ହୋଇଥିଲା ବିଂଶ ଶତାବ୍ଦୀର ପ୍ରାରମ୍ଭରୁ । ୧୭୩୭ରୁ କାଜାର ବଂଶର ରାଜୁତି ଆରମ୍ଭ ହୋଇଥିଲା । ସେମାନଙ୍କର ଯଥେଚ୍ଛାଚାର, ଏକାଧିପତ୍ୟ ଶାସନ ହେବାରୁ ୧୯୦୯ ବେଳକୁ ପ୍ରଜାମାନେ ରାଜାଙ୍କୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଶାହମୁଜା ଫରୁଦ୍ଦିନ ୧୯୦୭ରେ ସମ୍ବିଧାନ ପ୍ରସ୍ତୁତ କରି ନିୟମତାନ୍ତ୍ରିକ ଶାସନ ପାଇଁ ମନ ବଳାଇଥିଲେ । କିନ୍ତୁ ଉତ୍ତରରୁ ଋଷ ଓ ଦକ୍ଷିଣରୁ ବ୍ରିଟିଶମାନଙ୍କ ଅସହଯୋଗ ଓ ବିରୋଧ ଯୋଗୁଁ ଏହି ଶାସନ ସଂସ୍କାର ସଫଳ ହୋଇପାରିଲା ନାହିଁ । ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ପରେ ଋଷ ଇରାନ୍ ସହ ସନ୍ଧି କଲା । ଏ' ସମୟରେ ସେନାପତି ରେଜାଖାନ୍ ଇରାନର ସର୍ବେସର୍ବା ହୋଇ ୧୯୨୫ ଡିସେମ୍ବର ୧୩ରେ ନିଜକୁ



ଇରାନ୍ 'ଶାହ' ତଥା ରାଜା ରୂପେ ଘୋଷଣା କରିଥିଲେ । କାଜାର ବଂଶୀୟ ଶେଷ ଶାହ ଆଗରୁ ଇଂଲଣ୍ଡରେ ବଣିକ ବାହିନୀରେ ଚାକିରୀ କରି ରହିଯାଇଥିଲେ । ଯାହା ହେଉ ରେଜାଶାହଙ୍କ ଶାସନ କାଳ (୧୯୨୫-୪୧) ଇରାନ୍ ବହୁ ଦିଗରେ ଉନ୍ନତ କରିପାରିଥିଲା । ଦ୍ୱିତୀୟ ମହାଯୁଦ୍ଧରେ ଇରାନ୍ ନିରପେକ୍ଷ ରହିଲା । ଏଠାରେ ବହୁ ସଂଖ୍ୟକ ଜର୍ମାନ ରାଜକାର୍ଯ୍ୟରେ ନିଯୁକ୍ତ ଥିଲେ । ରେଜା ଶାହ ଏମାନଙ୍କୁ ଇରାନ୍‌ରୁ ବାହାର କରିବାରୁ ବ୍ରିଟିଶ ଓ ସୋଭିଏତ ଋଷ ସୈନ୍ୟମାନେ ରେଜାଶାହଙ୍କୁ ଗାଦିଚ୍ୟୁତ କରି ତାଙ୍କ ପୁତ୍ରକୁ ଶାହ ପଦରେ ରଖି ଅକ୍ଷଶକ୍ତି ବିପକ୍ଷରେ ଯୁଦ୍ଧ ଘୋଷଣା କରାଇଥିଲେ । ୧୯୪୬ ବେଳେ ଇରାନରେ 'ତୁଦେ' ନାମକ ଏକ କମ୍ୟୁନିଷ୍ଟ ଦଳର ଆବିର୍ଭାବ ଘଟିଲା କିନ୍ତୁ ଏମାନେ ଇରାନ୍‌ର ଶାହଙ୍କୁ ହତ୍ୟା କରିବା ଚେଷ୍ଟା କଲାରୁ ଏହି ଦଳ ବେଆଇନ ଘୋଷିତ ହୋଇଥିଲା । ୧୯୫୧ ମାର୍ଚ୍ଚ ମାସରେ ଇରାନ୍‌ର ପାର୍ଲିଆମେଣ୍ଟ (ମଜଲିସ୍) ଦେଶର ପେଟ୍ରୋଲ ବ୍ୟବସାୟକୁ ଜାତୀୟକରଣ କରି ଚାହିଁଲେ ଯାହାକୁ ବ୍ରିଟିଶ ପୁଞ୍ଜିପତିମାନେ ତାଙ୍କ ନିବେଶ ମାଲିକାନାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆନ୍ତର୍ଜାତୀୟ ବିଚାରାଳୟରେ ମୋକଦ୍ଦମା କଲେ । ଏହାକୁ ଇରାନର ପ୍ରଧାନମନ୍ତ୍ରୀ ଥିବା ଡା. ମୋସାଦେକ ଏହାର ସମାଧାନ ନ ଚାହିଁବାରୁ ଶାହ ଏହାକୁ ଯନ୍ତ୍ରୀ ପଦରୁ ବରଖାସ୍ତ କରିଥିଲେ । ପୁନଃ ୧୯୫୪ ବେଳକୁ ବ୍ରିଟିଶ ଓ ଆମେରିକାନ୍ ପୁଞ୍ଜିପତିମାନଙ୍କ ସହ ଫ୍ରେ ଓ ଡର୍ ପୁଞ୍ଜିପତିମାନେ ମିଳିତ ହୋଇ ତୈଳ ବ୍ୟବସାୟ ଆରମ୍ଭ କଲେ । ଇରାନରେ ତୈଳ ବିଶୋଧନ କାରଖାନା ଖୋଲି ବ୍ରିଟିଶ ସରକାରଙ୍କ ସହିତ ରାଷ୍ଟ୍ର ସମ୍ପର୍କ ପ୍ରତିଷ୍ଠା କରାଗଲା । ଇରାନର ମୁସଲମାନମାନେ ବିଶେଷରେ ଉଦାର ପନ୍ଥୀ ଓ ସିଆ ସମ୍ପ୍ରଦାୟଭୁକ୍ତ । କୁର୍ଦ୍ଦମାନେ ସୁନି ସମ୍ପ୍ରଦାୟର । ମୂଳବାସିନ୍ଦା ଜୋରୋ– ଆଷ୍ଟ୍ରୀୟ ଧର୍ମୀୟଙ୍କ ସଂଖ୍ୟା କମି ଆସି ମାତ୍ର ୧୪ ହଜାରରେ ସୀମିତ ରହିଥିଲା । ଏବେ ଇରାନ ଆଧୁନିକ ଶିକ୍ଷା ପଦ୍ଧତିକୁ ନିଜ ଦେଶରେ ଆପଣାଇ ନେଇଛି । ତେହେରାନ, ତାବ୍ରିଜ୍ ଆନ୍‌ରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା ହୋଇ ନାରୀଶିକ୍ଷାର ବିଶେଷ ଉନ୍ନତି ସାଧିତ ହେବାରେ ଲାଗିଛି । ବର୍ତ୍ତମାନକୁ ଇରାନ ଏକ ଶକ୍ତିଶାଳୀ ରାଷ୍ଟ୍ର । ତୈଳ ସମ୍ପଦର ପ୍ରାଚୁର୍ଯ୍ୟ ଯୋଗୁଁ ପ୍ରଚୁର ଧନଶାଳୀ ମଧ୍ୟ । ଦେଖନ୍ତୁ ଭବିଷ୍ୟତ ତାକୁ ଆଉ ଆମ ସମସ୍ତଙ୍କୁ କୁଆଡ଼କୁ ନେଉଛି.... !

♥ ସଂସ୍କୃତି ସଦନ, ବୟାଳୀ, ମନ୍ତିଡ଼ି
ମୋ:୯୩୩୭୯୬୦୬୮୮

# ମଧୁରୋକ୍ତି...(୨୫)



## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଏସବୁ ଘଟଣା ପୂର୍ବ ନିର୍ଦ୍ଧାରିତ ଥିଲା । ବିଧାତା ଅଧର୍ମ ସଂହାର ପାଇଁ ଧର୍ମର ପୁନରୁତ୍ଥାନ ପାଇଁ ଏହି ଲୀଳା ସବୁ ଆଗରୁ ନିଶ୍ଚୟ କରି ରଖି ଦେଇଥିଲା । କିନ୍ତୁ ସ୍ୱଳ୍ପ କୁତ୍ସିତ ବୁଦ୍ଧି ନେଇ ଖଳ ପ୍ରକୃତିର ଲୋକ ଏହି କଥାକୁ ଅତି କଦର୍ଯ୍ୟ ରୂପ ଦେଇଥିଲେ ।

ଲବକୁଶ ରାମାୟଣ ଶୁଣେଇ ଯେତେବେଳେ ଲଙ୍କାର ମହାସମର କଥା ଶୁଣେଇଲେ ଏବଂ ଅଗ୍ନି ପରୀକ୍ଷା ପ୍ରସଙ୍ଗରେ ପହଁଚିଲେ ସେତେବେଳେ ଅଯୋଧ୍ୟାର ଉଚ୍ଚ ଜାତି ବୋଲାଉଥିବା ମୁଷ୍ଟିମେୟ ବ୍ୟକ୍ତି ଏହାର ଘୋର ବିରୋଧ କଲେ । ନିଜ ରାଜାଙ୍କ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥିବା ପ୍ରଜା କିନ୍ତୁ ନିଜ ମହାରାଣୀଙ୍କ କଥା ଉପରେ ବିଶ୍ୱାସ କରି ପାରୁନଥିଲେ । ଏପରିକି ସେମାନେ କହିବାକୁ ପଛେଇଲେନି ଯେ ଏହିପରି ଅଗ୍ନି ପରୀକ୍ଷା ଏକ କପୋଳକଳ୍ପିତ ବିଷୟବସ୍ତୁ ହୋଇଥାଇ ପାରେ କାରଣ ଏହାର ସାକ୍ଷ୍ୟ ପ୍ରମାଣ କିଛି ନାହିଁ ।

ଲବକୁଶ ଏହି ଭୀଷଣ ସମସ୍ୟାର ସମାଧାନ କିପରି କରିବେ ସେ ନେଇ ବହୁତ୍ ଚିନ୍ତିତ ଥିଲେ । ସେତେବେଳ ବୀର ହନୁମାନ ନିଜ ପ୍ରଭୁ ଏବଂ ମାତାଙ୍କ ସହାୟତା ପାଇଁ ଆଗେଇ ଆସି ସେହି କଥା କହିଲେ ଯାହା ଶୁଣିବାକୁ ପ୍ରତ୍ୟେକ ଅଯୋଧ୍ୟାବାସୀ ଆସି ରୁଣ୍ଡ ହୋଇଗଲେ । ହନୁମାନ ଶୁଣେଇଥିଲେ ସୁନ୍ଦରକାଣ୍ଡ... ଯେଉଁ ଗାଥାରେ ବର୍ଣ୍ଣନା କରାଯାଇଥିଲା ସେହି ମହାନ୍ ଗାଥା ଯେଉଁଥିରେ ସୁବର୍ଣ୍ଣ ଲଙ୍କା ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା । ସେହି କାହାଣୀ ଶୁଣେଇଲେ ଯେଉଁଥିରେ ରାବଣର ଦର୍ପ ନାଶ କରି ତୁମେ ଧର୍ମର ଧ୍ୱଜା ଉଡେଇଥିଲ । ସେହି କାହାଣୀ ସବୁ ସମସ୍ତେ ଅଚିରେ ବିଶ୍ୱାସ କରିଥିଲେ । ପ୍ରତ୍ୟେକ ଘଟଣା ପ୍ରତ୍ୟେକ ବର୍ଣ୍ଣନା ବିଶ୍ୱାସ କରିଥିଲେ ସେମାନେ । ରୋମାଞ୍ଚକର କଥା ଏବଂ କରୁଣାର ଗାଥା ସବୁ ବିଶ୍ୱାସ କରିଥିଲେ । କାରଣ ସେମାନେ ଆଖି ସାମ୍ନାରେ ଦେଖୁଥିଲେ ସେହି ସୁଗ୍ରୀବଙ୍କୁ, ଅଙ୍ଗଦଙ୍କୁ, ଜାମ୍ବବାନଙ୍କୁ ଏବଂ ହନୁମାନଙ୍କୁ । ତଥାପି ସେମାନଙ୍କ ବିଶ୍ୱାସ ଫେରେଇ ଆଣିବାକୁ ଏବଂ ସୀତାରାମ ଯୁଗଳ ନାମର ମାହାତ୍ମ୍ୟ ଜଣେଇ ଦେବାକୁ ଆହୁରି ପରୀକ୍ଷା ଦେବାକୁ ହୋଇଥିଲା ଲବକୁଶଙ୍କୁ । ଏପରିକି ଟାଙ୍ଗରା ଭୂମିରେ ସଙ୍ଗେ ସଙ୍ଗେ ସୁନାର ଫସଲ ଫଳେଇବାକୁ ହୋଇଥିଲା । ଆଉ ତା ପରେ ସମସ୍ତେ ସୀତାରାମ ଯୁଗଳ ନାମର ମାହାତ୍ମ୍ୟ ଜାଣି ପାରି ପୂର୍ବରୁ କରିଥିବା ବ୍ୟବହାର ପାଇଁ ଲଜ୍ଜିତ ହୋଇ କ୍ଷମା ମାଗିଥିଲେ ।

ଲବକୁଶଙ୍କ ରାମାୟଣ ଗାନରେ ଏତେ ଆକର୍ଷଣ ଥିଲା ଯେ ମାତାମାନେ, ଭ୍ରାତାମାନେ ଏବଂ ରାଜବଧୂମାନେ ଲୁଚି ଲୁଚି ସେଠାକୁ ତାହା ଶୁଣିବାକୁ ଆସିବା ସମୟରେ ସ୍ୱୟଂ ତୁମେ ମଧ୍ୟ ନିଜ ଛଦ୍ମବେଶ ନେଇ ରାମାୟଣର କଥାମୃତ ପାନ କରିବାକୁ ଆସି ପହଂଚି ଯାଇଥିଲ । ମାତା ସୀତାଙ୍କର ସତୀତ୍ୱ ତଥା ମହାନତାର ପରିଚୟ ପାଇବା ପରେ ଅଶ୍ୱମେଧ ଯଜ୍ଞ ଆରମ୍ଭ ହେଲା ବେଳେ ଲବକୁଶଙ୍କୁ ସସମ୍ମାନେ ରାଜ ସଭାକୁ ଆମନ୍ତ୍ରଣ କରାଯାଇଥିଲା ରାମାୟଣ ପାରାୟଣ କରିବା ପାଇଁ ।

ଅଶ୍ୱମେଧ ଯଜ୍ଞ...!! ଯେଉଁଠି କୌଣସି ବ୍ୟକ୍ତିବିଶେଷ ନିଜ ଧର୍ମପତ୍ନୀ ବିନା ଏକୁଟିଆ ବସି ପାରିବେନି । ହେଲେ ମାତା ସୀତାଙ୍କୁ ତ୍ୟାଗ କରି ଦେଇଥିବା କାରଣରୁ ତୁମେ ପତ୍ନୀହରା ହୋଇ ଯାଇଥିଲ । ତେବେ କିପରି ଯଜ୍ଞ କରି ପାରିଥାନ୍ତ...!! ସମସ୍ତେ ଭାବି ଦେଇଥିଲେ ଯେ ତୁମେ ଦ୍ୱିତୀୟ ବିବାହ କରିବ । କିନ୍ତୁ ଏକ ପତ୍ନୀବ୍ରତ ନେଇଥିବା ପ୍ରଥମ ମହାରାଜ ହିସାବରେ ସମସ୍ତଙ୍କୁ ଚମକେଇ ଦେଇ ତୁମେ ଅଶ୍ୱମେଧ ଯଜ୍ଞ କରିବାକୁ ବସିଥିଲ । ଆଉ ତୁମ ବାମାଙ୍ଗରେ ସ୍ଥାନ ଦେଇଥିଲ ସୁବର୍ଣ୍ଣ ସୀତାଙ୍କୁ...ମାନେ ସୀତା ମାତାଙ୍କର ସୁବର୍ଣ୍ଣ ପ୍ରତିମୂର୍ତ୍ତିକୁ । ତାକୁ ଦେଖି ପ୍ରତ୍ୟେକ ଚକ୍ଷୁ ଲୋତକରେ ପୂର୍ଣ୍ଣ ହୋଇ ଯାଇଥିଲା ।

ଧନ୍ୟ ତୁମେ ଧର୍ମ ରକ୍ଷକ... ଧନ୍ୟ ତୁମ ନ୍ୟାୟ ବ୍ୟବସ୍ଥା...!!

ଲବକୁଶ ଜାଣି ସାରିଥିଲେ ସେମାନଙ୍କ ପ୍ରକୃତ ପରିଚୟ । ଯେତେବେଳେ ରାଜ ଭବନ ଭିତରକୁ ପ୍ରବେଶ କରୁଥିଲେ ସେତେବେଳେ ପିଲା ଦୁହିଁଙ୍କ ମନ ଆନନ୍ଦରେ ଭରି ଉଠୁଥିଲା । ତା ସହିତ ଅଜଣା ଆଶଙ୍କା ମଧ୍ୟ ଗ୍ରାସ କରୁଥିଲା । କେଜାଣି କେବେ ନିଜ ମାତାଙ୍କୁ ସେମାନେ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବେ...!!

ତୁମ ମନର ଅବସ୍ଥା କଥା ନ କହିଲେ ଭଲ । ଜୀବନର ଏପରି ଏକ ଦୋଛକିରେ ତୁମେ ଠିଆ ହୋଇଥିଲ ଯେଉଁଠି ଦୁଇ ଧାରୁଆ ଛୁରୀରେ ଚାଲିବାକୁ ହେଉଥିଲା ପ୍ରତିକ୍ଷଣ । ଏପଟେ ପୁତ୍ର ସମାନ ପ୍ରଜାମାନେ ଥିଲେ । ସେପଟେ ପ୍ରାଣପ୍ରୀୟା ଜୀବନ ସଙ୍ଗିନୀ । ମଝିରେ ସେତୁ ହୋଇ ନିଜ ସନ୍ତାନମାନେ ପ୍ରାଣପଣେ ଚେଷ୍ଟା ଚଳେଇ ଥିଲେ । ତୁମେ କଣ ସତରେ ଚିହ୍ନି ପାରି ନଥିଲ ପ୍ରଭୁ ନିଜ ରକ୍ତର ସନ୍ତକମାନଙ୍କୁ...!! କିନ୍ତୁ ସମୟ ପୂର୍ବରୁ କିଛି କରିଦେବା ତୁମ ଧର୍ମ ପରିସର ଅନ୍ତର୍ଭୁକ୍ତ ନଥିଲା ।

ତେଣୁ ତୁମେ ଅପେକ୍ଷା କରିଥିଲ ସଠିକ୍ ସମୟକୁ ।

ସେହି ସମୟ ଆସି ଯାଇଥିଲା । ଲବକୁଶ ନିଜ ଗୀତିକଥା ମାଧ୍ୟମରେ ପ୍ରକାଶ କରିଥିଲେ ସେମାନଙ୍କ ପରିଚୟ । ସେହି କ୍ଷଣରେ ସତେ ଯେପରି ଗଗନ ପବନ ସ୍ତମ୍ଭିଭୂତ ହୋଇଗଲା । ସମସ୍ତଙ୍କ ହୃଦୟ ଏକା ଥରେ ପୁରୁଣା କଥା ମନେ ପକେଇ ଭାରି ହୋଇ ଉଠିଲା । ଏହି ଛୁଆ ଦୁଇଜଣ ରଘୁବଂଶର ବଂଶଧର ବୋଲି ଜାଣିବା ପରେ ଅଯୋଧ୍ୟାବାସୀ ମଧ୍ୟ ସ୍ତବ୍ଧ ହୋଇ ଯାଇଥିଲେ । ସେମାନଙ୍କୁ ସେମାନେ ବିଶ୍ୱାସ ନକରି ଏତେ ପରୀକ୍ଷା କରେଇ ଥିବାରୁ ଦୁଃଖୀ ହେଉଥିଲେ ।

ଭାବମୟ ପରିବେଶ ଥିଲା ଚାରିଆଡ଼େ । ତୁମେ ମଧ୍ୟ ଏକ ସାଧାରଣ ପିତା ପରି କୋଳେଇ ନେଇଥିଲ ନିଜ ପୁତ୍ରଦ୍ୱୟଙ୍କୁ । କେବଳ ତୁମ ଚକ୍ଷୁଯୁଗଳ ନୁହଁ ବରଂ ସେଇଠି ଅବସ୍ଥିତ ପ୍ରତ୍ୟେକ ଚକ୍ଷୁ ଖୁସିର ଅଶ୍ରୁ ବୁହାଇ ହସିବା ଶିଖି ଯାଇଥିଲେ । ପ୍ରତ୍ୟେକ ପ୍ରଜା ଏଥର ଖୋଜି ଚାଲିଥିଲେ ନିଜ ପ୍ରିୟ ମହାରାଣୀଙ୍କୁ । ସେମାନେ ବୁଝି ସାରିଥିଲେ ନିଜ ନିଜର ଅପରାଧ । ଏଥର ଚାହୁଁଥିଲେ ସେମାନେ କିପରି ମାତାଙ୍କୁ କ୍ଷମା ମାଗିବେ...!!

ନିଜ ଭୁଲ ବୁଝିବା ପରେ ପ୍ରଜାମାନେ ଯେତେବେଳେ ମାତାଙ୍କୁ ଫେରେଇ ଆଣିବାକୁ ଚାହିଁଲେ ସେତେବେଳେ ତୁମ ଖୁସି ବନ୍ଧବାଡ ମାନି ନଥିଲା । ଶେଷରେ ତୁମର ଏତେ ବଡ ତ୍ୟାଗର ପରିସମାପ୍ତି ଘଟିବାକୁ ଯାଉଥିଲା । ପରସ୍ପରଠାରୁ ଏତେ ବର୍ଷ ଦୂରେଇ ଯାଇ ସତ୍ୟକୁ ଉନ୍ମୋଚନ କରିବାର ପ୍ରୟାସ ଶେଷରେ ଫଳବତୀ ହେବାକୁ ଯାଉଥିଲା । ଶେଷରେ ନିଜ ସନ୍ତାନମାନଙ୍କ ସତକର୍ମ ବଳରେ ସବୁ ଯନ୍ତ୍ରଣା ସମାପ୍ତ ହେବାକୁ ଯାଉଥିଲା ।

ମାତା ସୀତାଙ୍କୁ ନେଇ ସ୍ୱୟଂ ଭଗବାନ ବାଲ୍ମିକୀ ଆସୁଥିଲେ ରାଜସଭାକୁ । ସମସ୍ତେ ସେଇଠି ଅପେକ୍ଷା କରିଥିଲେ । ଅଯୋଧ୍ୟାରେ ପାଦ ଦେବା କ୍ଷଣି ମାତାଙ୍କ ମନରେ ଅଦ୍ଭୁତ ଆନନ୍ଦର ସୃଷ୍ଟି ହୋଇଥିଲା । ଏତେ ବର୍ଷ ନିଜ ପ୍ରିୟ ମାଟିରୁ ଦୂରରେ ରହିବା ପରେ ସେ ଫେରି ଆସୁଥିଲେ ନିଜର ଦୁଇ ସୁଯୋଗ୍ୟ ବଂଶଧରଙ୍କ ସହିତ । ପ୍ରତିଟି ପାଦ ନିଜ ସହିତ ନୂତନ ପୁଲକ ନେଇ ଆସୁଥିଲା । ଅଯୋଧ୍ୟାର ପୁରବାସୀ ମଧ୍ୟ ମନ ଦେଇ ତାଙ୍କ ସ୍ୱାଗତ କରୁଥିଲେ । ଯେଉଁ ଅପମାନ ପାଇ ରାତି ଅଧରେ କାହାକୁ କିଛି ନକହି ଚୁପଚାପ୍ ନିଜ ଭାଗ୍ୟକୁ ଆଦରି ମାତା ସୀତା ବାହାରି ଯାଇଥିଲେ ...ଆଜି ସ୍ୱଚ୍ଛ ଦିବାଲୋକରେ ସମସ୍ତଙ୍କ ସାମ୍ନାରେ ମୁଣ୍ଡ ଉଠେଇ ସସମ୍ମାନେ ପ୍ରବେଶ କରୁଥିଲେ ସେ ସେହି ଅପମାନ ସବୁର ପରିସମାପ୍ତି କରିବା ପାଇଁ । ଯେଉଁ ରାଜ୍ୟ, ପ୍ରଜା, ପରିବାର ସର୍ବୋପରି ନିଜ ପ୍ରାଣ ପ୍ରିୟ ସ୍ୱାମୀଙ୍କୁ ସେ ତ୍ୟାଗ କରିବା ପାଇଁ ବାଧ୍ୟ ହୋଇଥିଲେ ସେହି ଆପଣା ଲୋକଙ୍କ ପାଖକୁ ଆପଣା ରାଜ୍ୟକୁ ସେ ପାଦେ ପାଦେ ଆଗେଇ ଫେରି ଆସୁଥିଲେ । ଲବକୁଶଙ୍କ ମନରେ ଥିଲା ଅମାପ ଆନନ୍ଦ । ସେମାନଙ୍କ ଜନ୍ମ ସତରେ ସଫଳ ହୋଇଯାଇଥିଲା । ଖୁସିରେ ସେମାନଙ୍କ ମନ ନାଚି ଉଠୁଥିଲା । ବନବାସ ସାରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବା ସମୟରେ ମାତାମନେ ଯେପରି ଖୁସି ଥିଲେ ତା ଠୁଁ ଆହୁରି ଅଧିକ ଖୁସି ହୋଇ ଉଠୁଥିଲେ । କାରଣ ଏଥର ସେମାନଙ୍କ ଭବିଷ୍ୟ ବଂଶଧର ମାନେ ମଧ୍ୟ ସେମାନଙ୍କ କୋଳକୁ



ଫେରି ଆସୁଥିଲେ । ଚାରିଆଡ଼େ ସେହି କ୍ଷଣକୁ ପ୍ରତୀକ୍ଷା ରହିଥିଲା ଯେତେବେଳେ ସୀତାରାମ ପରସ୍ପରକୁ ଭେଟିବେ । ଚାରିଚକ୍ଷୁ ପରସ୍ପରକୁ ଦେଖି ଏତେ ବର୍ଷର ଅବାଞ୍ଛିତ ବିରହ ବେଦନା ଭୁଲିବାକୁ ପ୍ରୟାସ କରିବେ..!! ଯୁଗଳ ମୂର୍ତ୍ତି ଦର୍ଶନ କରି ସମସ୍ତେ ଧନ୍ୟ ହେବେ... ବର୍ତ୍ତମାନ ପ୍ରତୀକ୍ଷା ଥିଲା କେବଳ ସେହି ଅମୃତ ମୁହୂର୍ତ୍ତକୁ... ଯେତେବେଳେ ମହାରାଣୀ ସୀତା ସିଂହାସନ ଅଳଙ୍କୃତ କରି ଶ୍ରୀରାମଙ୍କ ସହିତ ରାଜୋଚିତ ସମ୍ମାନ ପାଇ ନିଜ କରୁଣା ବର୍ଷାରେ ସମସ୍ତଙ୍କୁ ଭିଜେଇ ଦେବେ...!!

(କ୍ରମଶଃ)

♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

# ମହିଳା – ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ



## ପ୍ରଶାନ୍ତ କୁମାର ନାୟକ

ଉଭୟ ପୁରୁଷ ଓ ନାରୀ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବାସ୍ତବରେ ସେମାନେ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱଭଳି । ଯେମିତି ଦିନ ଓ ରାତି ମିଶି ଜଗତକୁ ସୁନ୍ଦର କରନ୍ତି, ସେମିତି ନାରୀ ଓ ପୁରୁଷ ମିଶି ସମାଜକୁ ସମୃଦ୍ଧ ଓ ଶକ୍ତିଶାଳୀ କରନ୍ତି । ନାରୀ ହେଉଛି ଘରର ଅଳଙ୍କାର । ପରିବାରର ସୁଖଶାନ୍ତି ଜଣେ ମହିଳା ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ ହୋଇଥାଏ । ସେ କେବଳ ପରିବାରର ନୁହେଁ, ଦେଶ ଓ ସମାଜ ଗଠନରେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି ।

### ପ୍ରାଚୀନ ଯୁଗରେ ନାରୀର ସ୍ଥିତି :-

ପ୍ରାଚୀନ ଭାରତରେ ନାରୀମାନଙ୍କର ସ୍ଥାନ ଉଚ୍ଚ ଓ ସମ୍ମାନପୂର୍ଣ୍ଣ ଥିଲା । ବେଦ ଯୁଗରେ ଗାର୍ଗୀ, ମୈତ୍ରେୟୀ ଓ ଲୋପାମୁଦ୍ରାଙ୍କ ଭଳି ମହିୟସି ମହିଳାମାନେ ଦାର୍ଶନିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ଅଗ୍ରଗାମୀ ଥିଲେ । ସୀତା, ସାବିତ୍ରୀ, ଅନସୂୟା, ଦମୟନ୍ତୀଙ୍କ ଭଳି ନାରୀମାନେ ନିଜନିଜର ଧୈର୍ଯ୍ୟ, ସତୀତ୍ୱ ଓ ନୀତି ତଥା ଆଦର୍ଶର ଉଦାହରଣ ସ୍ଥାପନ କରିଥିଲେ । ଏହି ଯୁଗରେ ନାରୀକୁ 'ଶକ୍ତିମୟୀ' ଭାବରେ ପୂଜା କରାଯାଉଥିଲା । ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଭଳି ଦେବୀ ଭାବରେ ପୂଜା ପାଉଥିଲେ ।

### ମଧ୍ୟ ଯୁଗରେ ନାରୀମାନଙ୍କ ସ୍ଥିତି :-

ସମୟ ଗତିଶୀଳ ହେବାସହିତ ନାରୀମାନଙ୍କ ଅବସ୍ଥା କ୍ରମଶଃ ଅବନତ ହେବାକୁ ଲାଗିଲା । ମଧ୍ୟଯୁଗୀୟ ସମୟରେ ପୁରୁଷ ପ୍ରଧାନ ସମାଜ ବିକଶିତ ହେଲା ଓ ନାରୀମାନେ ଶିକ୍ଷା ଓ ସ୍ୱାଧୀନତାରୁ ବଞ୍ଚିତହେଲେ । ସତୀଦାହ ପ୍ରଥା, ବିଧବା ବିବାହ ପ୍ରଥା, ପରଦା ପ୍ରଥା ଓ ବାଲ୍ୟ ବିବାହ ପ୍ରଥାପରି ଅନେକକୁ ପ୍ରଥା ସମାଜରେ ପ୍ରଚଳିତ ଥିଲା । ନାରୀମାନେ ଘରର ଚତୁଃପାର୍ଶ୍ୱରେ ଆବଦ୍ଧ ହୋଇପଡିଲେ । ତାଙ୍କର ଶବ୍ଦ ବା ସ୍ୱର ସମାଜରେ ଗଣ୍ୟ ହେଉନଥିଲା । ଯଥାର୍ଥରେ କହିବାକୁ ହେବଯେ, ଏହି ଯୁଗ ନାରୀ ଜୀବନରେ ଏକ ଅନ୍ଧକାର ଅଧ୍ୟାୟ ଥିଲା ।

### ଆଧୁନିକ ଯୁଗରେ ନାରୀମାନଙ୍କର ସ୍ଥିତି :-

ଏହି ସମୟ ନାରୀ ଜାଗରଣର ଯୁଗଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ରାଜା ରାମମୋହନରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ୍, ସାବିତ୍ରୀବାଇ ଫୁଲେ, ଜ୍ୟୋତିବା ଫୁଲେ ଓ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଭଳି ସମାଜ ସଂସ୍କାରକମାନେ ନାରୀ ଶିକ୍ଷା ଓ ଅଧିକାରପାଇଁ ଆନ୍ଦୋଳନ କରିଥିଲେ । ସେମାନଙ୍କର ପ୍ରୟାସରେ ନାରୀମାନେ ମଧ୍ୟ ଆଜି ଦେଶର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦବୀ ମଣ୍ଡନ କରିଛନ୍ତି ।

### ସମାଜରେ ନାରୀର ଭୂମିକା :-

କ. ପରିବାର ଓ ଘରୋଇ ଜୀବନରେ ନାରୀର ଭୂମିକା :

ପରିବାର ହେଉଛି ସମାଜର ମୂଳ ଅଂଶ ଏବଂ ସେହି ପରିବାରର ଆତ୍ମା ହେଉଛି ନାରୀ । ମାତା, ପତ୍ନୀ ଓ କନ୍ୟା ରୂପରେ ନାରୀ ସେବା ଓ ସମର୍ପଣର ପ୍ରତୀକ । ପରିବାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଘରକୁ ସଜେଇରଖି ପରିବାରକୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ଖ. ଶିକ୍ଷା ଓ ଜ୍ଞାନ କ୍ଷେତ୍ରରେ ନାରୀର ଭୂମିକା :-

ଗୋଟିଏ ନାରୀ ଯେତେବେଳେ ଶିକ୍ଷିତ ହୁଏ, ସେ କେବଳ ନିଜେ ନୁହେଁ, ସମଗ୍ର ପରିବାର ଓ ଜାତିକୁ ଶିକ୍ଷିତ କରେ । ନାରୀ ଶିକ୍ଷୟିତ୍ରୀ, ଗବେଷିକା, କବୟିତ୍ରୀ ସାଜି ସମାଜରେ ସୁଧାର ଆଣି ପାରନ୍ତି ।

ଗ. ରାଜନୀତି ଓ ନେତୃତ୍ୱ କ୍ଷେତ୍ରରେ ନାରୀର ଭୂମିକା:-

ନାରୀମାନେ ଆଜି ଦେଶ ଓ ସମାଜର ନେତୃତ୍ୱ ନେବାରେ ସମର୍ଥ ହୋଇପାରିଛନ୍ତି । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବିଶ୍ୱରେ ନାରୀ ଶକ୍ତିର ପ୍ରତୀକ ଥିଲେ । ସେହିପରି ସରୋଜିନୀ ନାଇଡୁ, ଦ୍ରୌପଦୀ ମୁର୍ମୁ ପ୍ରତିଭା ଦେବୀସିଂହ ପାଟିଲ, ସୁଷମା ସ୍ୱରାଜ, ନିର୍ମଳା ସୀତାରମଣ, ମମତା ବାନାର୍ଜୀ, ଜୟ ଲଳିତା, ମାୟାବତୀ, ନନ୍ଦିନୀ ଶତପଥୀ ଓ ସୁରମା ପାଢୀଙ୍କ ଭଳି ନାରୀମାନେ ଭାରତର ରାଜନୀତିକ ମଞ୍ଚରେ ଅସାଧାରଣ ଭୂମିକା ନିର୍ବାହ କରିଛନ୍ତି ।

ଘ. ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନାରୀର ଭୂମିକା :-

ମାଡାମ କ୍ୟୁରୀ ଯେପରି ରେଡିୟମ୍ ଆବିଷ୍କାର କରି ସମଗ୍ର ଜଗତକୁ ନୂତନ ଆଲୋକ ପ୍ରଦାନ କରିଥିଲେ, ସେହିପରି କଳ୍ପନା ଚାୱଲା ଏବଂ ସୁନିତା ୱଲିୟମ୍ ଆକାଶ ମାର୍ଗକୁ ଯାଇ ନାରୀ ଶକ୍ତିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପ୍ରଯୁକ୍ତି ବିଦ୍ୟା, ଅଭିଯାନ, ଔଷଧ ଓ ପରିବେଶ ବିଜ୍ଞାନରେ ନାରୀମାନଙ୍କ ଅବଦାନ ମଧ୍ୟ ଦିନକୁଦିନ କ୍ରମଶଃ ବୃଦ୍ଧି ପାଉଛି ।।

ଙ. ସାହିତ୍ୟ, ସଂସ୍କୃତି ଓ କଳା କ୍ଷେତ୍ରରେ ନାରୀର ଭୂମିକା :-

ସାହିତ୍ୟ ତ କଳା ହେଉଛି ଜାତିର ଆତ୍ମା ଏବଂ ନାରୀ ସେଥିରେ ଅଗ୍ରଣୀ । ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, ପ୍ରତିଭା ରାୟଙ୍କ ଭଳି ଯଶସ୍ୱୀ କବୟିତ୍ରୀମାନେ ନିଜ ଲେଖାଦ୍ୱାରା ନାରୀ ଜୀବନର ସତ୍ୟ ଓ ସଂଘର୍ଷ କଥା ଉପସ୍ଥାପନ କରିଛନ୍ତି । ନୃତ୍ୟ, ସଂଗୀତ, ଚିତ୍ରକଳା, ନାଟକ ଓ ଚଳଚ୍ଚିତ୍ରରେ ମଧ୍ୟ ନାରୀମାନେ ନିଜ ସ୍ଥାନକୁ ସୁଦୃଢ କରିପାରିଛନ୍ତି ।

ଚ. ସମାଜ ସେବା ଓ ସଂଘର୍ଷ କ୍ଷେତ୍ରରେ ନାରୀର ଭୂମିକା :-

ନାରୀ କେବଳ ଗୃହ ମଧ୍ୟରେ ନୁହେଁ, ସମାଜରେ ମଧ୍ୟ ନିଜ ସେବାଭାବ ଦ୍ୱାରା ଆଲୋକ ଯୋଗାଇଛନ୍ତି । ମଦର ଟେରେସା ଯେପରି ଗରିବ ଓ ରୋଗୀମାନଙ୍କ ପାଇଁ ଜୀବନ ସମର୍ପଣ କରିଥିଲେ, ସେହିପରି ଅନେକ ନାରୀ ସେବା ସଂସ୍ଥା ଓ ସଂଗଠନ ମାଧ୍ୟମରେ ସମାଜକୁ ସୁଦୃଢ କରୁଛନ୍ତି । ଆଜି ଅନେକ ନାରୀ ଗ୍ରାମର ଉନ୍ନତି, ପରିବେଶ ସୁରକ୍ଷା, ନାରୀ ଅଧିକାର ଓ କ୍ଷାରେ ନିଜ ସଂଘର୍ଷ ଜାରି ରଖିଛନ୍ତି ।

ନାରୀ ଆଜି ସମାଜର ପ୍ରତ୍ୟେକ କୋଣରେ ନିଜ ଅସ୍ତିତ୍ୱ ସ୍ଥାପନ କରିଛନ୍ତି । ତାଙ୍କ ସଫଳତା କେବଳ ନିଜପାଇଁ ନୁହେଁ, ସମାଜ ଓ ଦେଶପାଇଁ ପ୍ରେରଣା ଅଟେ । ସମାଜର ଅସ୍ତିତ୍ୱ ନାରୀବିନା ଅସମ୍ଭବ । ତେଣୁ ଆମ ସମସ୍ତଙ୍କ କର୍ତ୍ତବ୍ୟର ହେଉଛି ନାରୀକୁ ସମ୍ମାନ ଦେବା, ସୁରକ୍ଷା ଦେବା । ଯେଉଁ ସମାଜରେ ନାରୀ ସମ୍ମାନିତ, ସେହି ସମାଜ ନିଶ୍ଚୟ ଉନ୍ନତ ଓ ସମୃଦ୍ଧ ।

ଯଥାର୍ଥରେ ମହର୍ଷି ମନୁ କହିଛନ୍ତି :-

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମ୍ୟନ୍ତେ ତତ୍ର ଦେବତାଃ ।'

ଅତଏବ ଶକ୍ତିମୟୀ, କଲ୍ୟାଣମୟୀ, ଜ୍ଞାନମୟୀ ଓ ବିଶ୍ୱରୂପା ନାରୀ ଶିକ୍ଷାଲାଭ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗରୁ ଆଦୌ ବଞ୍ଚିତ ହେବା କଥାନୁହେଁ ।

କଥାରେ ଆଛି ;

' ମା' ଓ ମାତୃ ଭୂମି ଉଭୟେ ଜନନୀ
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ ।'

♥ ୟୁନିଟ୍ - ୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ସେଲ୍ ଆରଏସପିରେ ଅଗ୍ନିଶମ ସେବା ସପ୍ତାହ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ



ସେଲ୍, ୧୧/୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଅଗ୍ନି ନିରାପତ୍ତା ସଚେତନତାକୁ ପ୍ରୋତ୍ସାହିତ କରିବା ସହ କର୍ମଚାରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅବସରରେ ଇସ୍ପାତ ଷ୍ଟାଡିୟମ୍ ଠାରେ ଏକ ତିନି ଦିନିଆ ଭଲିବଲ୍ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା ଯେଉଁଥିରେ ଅଗ୍ନିଶମ ସେବା ବିଭାଗର ବିଭିନ୍ନ ୟୁନିଟକୁ ପ୍ରତିନିଧିତ୍ୱ କରୁଥିବା ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟଟି ମାର୍ଚ୍ଚ ୩୦ ତାରିଖରେ ଉଦ୍ଘାଟିତ ହୋଇଥିଲାବେଳେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଏହାର ଉଦଘାଟନୀ ସମାରୋହର ମୁଖ୍ୟ ଅତିଥି ଥିଲେ। ଏହି ଅବସରରେ ସୁରକ୍ଷା ଏବଂ ଅଗ୍ନିସମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଜିଏମ ଶ୍ରୀ ପି ଏସ୍ ଠାକରେ ଏବଂ କାରଖାନାର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଏପ୍ରିଲ ୨ ତାରିଖରେ ଶେଷ ହୋଇଥିଲା। ଏହି ସମାରୋହରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଶ୍ରୀ ଏସ ଏସ ରାୟଚୌଧୁରୀ, ମେକାନିକାଲ୍ ବିଭାଗର ସିଜିଏମ୍ ଶ୍ରୀ ଡି କେ ପାଲୋ ଏବଂ ବିଶେଷ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚ୍ ରେ ରୋଲିଂ ମିଲ୍ ଅଗ୍ନିଶମ ଷ୍ଟେସନ୍ ଦଳ ବିଜେତା ହୋଇଥିଲାବେଳେ କେନ୍ଦ୍ରୀୟ ଅଗ୍ନିଶମ ଷ୍ଟେସନ୍ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସୂଚନା ଯୋଗ୍ୟ ଯେ, ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ସମାରୋହରେ ସମ୍ମାନିତ କରାଯିବ। ଉଭୟ ଅବସରରେ, ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଶାହବାଜ ଠାକୁର, ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅଗ୍ନିଶମ ସେବା ବିଭାଗର ଡିଜିଏମ୍ ଶ୍ରୀ ଏମ୍ ଆଇ ସୋନକୁସାରେ, ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ସୁଦୀପ ରେଡ୍ଡି ଏବଂ ଲିଡିଂ ଫାୟାର ଅପରେଟର ଶ୍ରୀ ଡି ଡି ଜେନାଙ୍କ ଦ୍ୱାରା ସଂଯୋଜନା କରିଥିଲେ। ଅଗ୍ନିଶମ ସେବା ସପ୍ତାହ ପାଳନ ଅନ୍ତର୍ଗତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ, ଅଗ୍ନିଶମ ସେବା ବିଭାଗ ଏପ୍ରିଲ ୨ ତାରିଖରେ ସେଲ୍, ଆରଏସପି ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସହିତ ମିଳିତ ଭାବରେ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରିଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲାବେଳେ ପ୍ରାୟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଶ୍ରୀ ହୀରାଲାଲ ମହାପାତ୍ର ଏବଂ ଅଗ୍ନିଶମ ସେବା ବିଭାଗର ଜିଏମ ଶ୍ରୀ ପି ଏସ୍ ଠାକରେଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ସେହିପରି ୬ ଏପ୍ରିଲରେ ରାଉରକେଲା କ୍ଲବରେ ଅଗ୍ନିଶମ ସେବା ବିଭାଗର କର୍ମଚାରୀଙ୍କ ପାଇଁ ଏକ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୪୦ ବର୍ଷରୁ କମ୍, ୪୦ ବର୍ଷରୁ ଅଧିକ ଏବଂ ପୂର୍ବତନ କର୍ମଚାରୀଙ୍କ ପାଇଁ ତିନୋଟି ଭିନ୍ନ ବର୍ଗରେ ଅଧିକାରୀଙ୍କ ସମେତ ୨୫ ରୁ ଅଧିକ କର୍ମଚାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଜିଏମ୍ (ଟ୍ରାଫିକ୍), ଶ୍ରୀ କୌଶିକ ସୁନୟାନି, ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ। ଏହି କାର୍ଯ୍ୟକ୍ରମକୁ ଏସିଷ୍ଟାଣ୍ଟ ମେନେଜର (ଅଗ୍ନିଶମ ସେବା) ଶ୍ରୀଯୁକ୍ତ ସୁଦୀପ ରେଡ୍ଡି, ସଂଯୋଜନା କରିଥିଲେ। ୯ ଏପ୍ରିଲରେ ମଧ୍ୟ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ପ୍ଲାଣ୍ଟର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୧୬୦ ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସିଜିଏମ୍ (ଏଚ୍ଆର-ଏଲ୍ ଆଣ୍ଡ୍ ଡି) ଶ୍ରୀ ପି କେ ସାହୁ, ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ସିଜିଏମ୍ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ଶ୍ରୀ ହୀରାଲାଲ ମହାପାତ୍ର, ଏବଂ ଜିଏମ୍ (ଅଗ୍ନିଶମ ସେବା) ଶ୍ରୀ ପି ଏସ୍ ଠାକରେ, ସମସ୍ତ ଅବସରରେ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଧ୍ୟ ଶ୍ରୀ ସୁଦୀପ ରେଡ୍ଡି, ସଂଯୋଜନା କରିଥିଲେ।

# କଂଗ୍ରେସକୁ ବାହୁଡ଼ିଲେ ସାଧୁ ନେପାକ

ଭୁବନେଶ୍ୱର, ୧୧/୪ (ନି.ପ୍ର): ପୂର୍ବତନ ବରଗଡ଼ କଂଗ୍ରେସ ବିଧାୟକ ସାଧୁ ନେପାକ ଶନିବାର ତାଙ୍କ ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ସହ-ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ତଥା ଅନ୍ୟ ତୁଙ୍ଗ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ବିଜେଡି ପରିତ୍ୟାଗକରି କଂଗ୍ରେସ ଦଳରେ ପୁନର୍ବାର ଯୋଗଦାନ ଦେଇଛନ୍ତି । ମିଶ୍ରଣ ସଭାରେ ନିଜ ବ୍ୟକ୍ତବ୍ୟ ରଖି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସମୟରେ ସାଧୁ ବାବୁ ଏବଂ ମୁଁ ମିଶିକି ଅନେକ ଗୁଡିଏ ସାଙ୍ଗଠନିକ କାର୍ଯ୍ୟ କରିଛୁ । ସାଧୁ ବାବୁ ଅବହେଳିତ ଜନତା ଏବଂ ବିଶେଷକରି କୃଷକ ମାନଙ୍କ ଅଧିକାର ଆନ୍ଦୋଳନର ଜଣେ ଆଗଧାଡିର ପୁରୋଧା । ବରଗଡ଼ରେ କଂଗ୍ରେସ ପାଇଁ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି । ସାଧୁ ବାବୁଙ୍କ କଂଗ୍ରେସକୁ ଘରବାହୁଡା ସୂଚାଉଛି ଭବିଷ୍ୟତରେ କଂଗ୍ରେସ ଆସୁଛି । ସେ ଯୋଗଦେବା ଫଳରେ ପଶ୍ଚିମାଞ୍ଚଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ କଂଗ୍ରେସ ଦଳପ୍ରତି ସମର୍ଥନ ନିଶ୍ଚୟ ବୃଦ୍ଧି ପାଇବ ବୋଲି ଆଶା କରୁଛି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ କହିଲେ, ପିସିସି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହିତ ମୋର ସମ୍ପର୍କ ପୁରୁଣା, ତାଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାର ମୁଁ ଜଣେ ପ୍ରଶଂସକ । ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁଁ ମୁଁ ଦଳକୁ ଫେରି ସଂଗଠନ କରିବାକୁ ମନସ୍ଥ କରିଥିଲି । ଯଦିଓ ମୋର ଦେହ ଅନ୍ୟସ୍ଥାନରେ ଘୁରି ବୁଲୁଥିଲା କିନ୍ତୁ ମୋ ଆତ୍ମା କଂଗ୍ରେସ ଭବନରେ ହିଁ ଥିଲା । ଆଗକୁ ସଭାପତି ଯାହା ଦାୟିତ୍ୱ ନ୍ୟସ୍ତ କରିବେ ମୁଁ ତାହା କାର୍ଯ୍ୟକାରୀ କରି ପାଦରେ ଚାଲି ଚାଲି ସଫଳ କରିବି ବୋଲି ଶ୍ରୀ ନେପାକ କହିଥିଲେ । ଉକ୍ତ ମିଶ୍ରଣ ସଭାରେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡଃ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ଜାତୀୟ ପ୍ରବକ୍ତା ହମିଦ ହୁସେନ, କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ ମଞ୍ଚାସିନ ଥିଲେ ।

# ହୋଣ୍ଡା ସୋରୁମରୁ ଚୋରି ହୋଇଥିବା ଲାପଟପ ସହ ଟଙ୍କା ଉଦ୍ଧାର: ୧ ଗିରଫ

ମୁଖୀଗୁଡ଼ା, ୧୧/୪ (ନି.ପ୍ର): ଜୟପାଟଣା ହୋଣ୍ଡା ସୋ ରୁମରୁ ଚୋରି ଅଭିଯୋଗରେ ଜଣକୁ ଗିରଫ କରିବା ସହ ଚୋରି ହୋଇଥିବା ଟଙ୍କା ସହ ଚୋରି ସାମଗ୍ରୀ ଜବତ କରିଛି ଜୟପାଟଣା ପୋଲିସ। ଗତ ୭ ଅପ୍ରେଲରେ ଜୟପାଟଣା ହୋଣ୍ଡା ସୋରୁମରୁ ଗୋଟିଏ ଲାପଟପ, ଦେଢ଼ଲକ୍ଷ ଟଙ୍କା ସହ ସିସିଟିଭି ଚୋରି ହୋଇଥିଲା । ଏନେଇ ଅଭିଯୋଗ ହେବା ପରେ ମୁଖୁଗୁଡ଼ା ପୁରୁଣା ମାର୍କେଟ ଅଂଚଳର ପରମେଶ୍ୱର ବାଗ(୨୨)କୁ ଜୟପାଟଣା ପୁଲିସ ଗିରଫ କରିବା ସହ ନଗଦ ୮୦,୫୬୦ ଟଙ୍କା, ଗୋଟିଏ ଲାପଟପ୍, ଗୋଟିଏ କି-ପ୍ୟାଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପରମେଶ୍ୱର ଜଣେ ଅଭ୍ୟାସଗତ ଅପରାଧୀ। ଗତ ୨୦୨୫ ସେପ୍ଟେମ୍ବର ୨୯ ରିଖରେ କଳମପୁର ଥାନା ଅନ୍ତର୍ଗତ ବିଜମରା ବିଦେଶୀ ମଦ ଦୋକାନରୁ ୮ ଲକ୍ଷ ଟଙ୍କା ଚୋରି ସହ ସିସିଟିଭି ଲଙ୍ଗାରୁଜା ଘଟଣାରେ ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ ଥିଲା। ଆଜି ପରମେଶ୍ୱରକୁ କୋର୍ଟ ଚାଲାଣ କରାଯାଇଛି।

# ସିଜିମାଳି ସମସ୍ୟା ଉପରେ କଂଗ୍ରେସ ଅନୁଧ୍ୟାନ କମିଟିର ରାୟଗଡା ଜିଲ୍ଲାପାଳଙ୍କ ସହିତ ଆଲୋଚନା

ଭୁବନେଶ୍ୱର, ୧୧/୪ (ନି.ପ୍ର): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ପିସିସିର ଏକ ବରିଷ୍ଠ ନେତୃବୃନ୍ଦଙ୍କ ଅନୁଧ୍ୟାନ କମିଟି ସିଜିମାଳି ପୋଲିସ ଦମନଲୀଳାରେ ପ୍ରଭାବିତ ଅଂଚଳ ଗସ୍ତରୁ ଫେରିବା ପରେ, ଅନୁଧ୍ୟାନ କମିଟି ଅଧ୍ୟକ୍ଷ ମାନ୍ୟବର ସାଂସଦଶ୍ରୀ ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ କମିଟି ସଦସ୍ୟଙ୍କ ସହିତ ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ସହ ସିଜିମାଳୀ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଗସ୍ତ ସମୟରେ ସଂଗ୍ରହ କରାଯାଇଥିବା ସମସ୍ତ ତଥ୍ୟ, ସ୍ଥାନୀୟ ଲୋକମାନଙ୍କର ସମସ୍ୟା, ଅଭିଯୋଗ ଓ ତାଙ୍କର ମତାମତ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ସିଜିମାଳି ଅଞ୍ଚଳରେ ଶାନ୍ତି ଓ ସୁସ୍ଥ ପରିବେଶ ନିଶ୍ଚିତ କରିବା ସହ ଲୋକମାନଙ୍କର ନ୍ୟାୟସଙ୍ଗତ ଦାବୀ ପୂରଣ ପାଇଁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉଠାଯାଇଥିଲା। ଏହା ସହ ପୁଲିସର ଅମାନବୀୟ ବଳ ପ୍ରୟୋଗ ଓ ନିରୀହଙ୍କ ବେଆଇନ ଗିରଫଦାରୀ ବନ୍ଦ କରିବା, ସମ୍ବିଧାନ ଅନୁସାରେ ଜଳ ଜଙ୍ଗଲ ଜମି ଆଇନ ମାଧ୍ୟମରେ ଆଦିବାସୀଙ୍କୁ ଅଧିକାର ପ୍ରଦାନ କରିବା ଓ ଆଇନ ସଙ୍ଗତ ଗ୍ରାମସଭା ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଧ୍ୟାନ କମିଟିର ସଦସ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ରାୟଗଡା ବିଧାୟକ କାଦ୍ରାକ ଅପାଲା ସ୍ୱାମୀ, ବିଧାୟକ ସତ୍ୟଜିତ ଗମାଙ୍ଗୋ, ବିଧାୟକ ନୀଳ ମାଧବ ହିକକା ରାୟଗଡା ଜିଲ୍ଲାପାଳଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୪ (ନି.ପ୍ର): ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍‌ର ବୈଠକ ଗତକାଲି ଶୁକ୍ରବାର ସଂଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ । ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଣ୍ଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବା ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି । ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଣ ଉପଲବ୍ଧ ହେବା ପାଇଁ ତୈଳ ମାର୍କେଟିଂ କମ୍ପାନୀ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ ମାନଙ୍କ ସହିତ ନିୟମିତ ସମନ୍ୱୟ ରଖାଯାଉଛି । ଇସ୍ପାତ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି । ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା । ଏମଏସ୍, ଏଚ୍ଏସଡି, ଏଲପିଜି, ପିଏନଜି, ସିଏନଜି ଯୋଗାଣ ବ୍ୟବସ୍ଥାକୁ ସମନ୍ୱିତ ଭାବରେ ସୁଦୃଢ଼ କରାଯାଉଥିବା ସଂପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟପକ୍ଷରେ ବେଆଇନ୍ ଗ୍ୟାସ ସିଲିଣ୍ଡର, ଚୋରା ଚାଲାଣ କରୁଥିବା ଓ ଅନ୍ୟତ୍ର ବ୍ୟବହାର ପାଇଁ ନିଆଯାଉଥିବା କ୍ଷେତ୍ରରେ ସାରା ରାଜ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ଯାଂଚ ଓ ଚଢଉକୁ ଜୋରଦାର କରାଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି । ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ପରିସ୍ଥିତିର ସମାଧାନ ପାଇଁ ସମସ୍ତେ ସହଯୋଗ ଓ ସମ୍ମିଳିତ ପ୍ରୟାସ କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୧/୪ (ନି.ପ୍ର): ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧିନରେ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଖୋର୍ଦ୍ଧା ଅଂଚଳରେ କବାଡ଼ି, ଖୋ-ଖୋ, ଭଲିବଲ୍ ଓ ଫୁଟବଲ୍ ମ୍ୟାଚ୍ ର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ୍ ପ୍ରତିଯୋଗିତାରେ ଚାରିଟି ଗ୍ରୁପ୍ ରେ ଉଭୟ ବାଳକ ଓ ବାଳିକା ସ୍ତରରେ ୧୮ଟି ଦଳ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାର ଖେଳଗୁଡ଼ିକ ଅପରାହ୍ନ ୪ଟା ପରେ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଂଟ ଆସନ୍ତା ୨୪ ତାରିଖରେ ଶେଷ ହେବ । ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି । ଏହି ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏସନ୍ ର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀଙ୍କ...

ସନ୍ଦେଶଖାଲି ଓ ଆରଜି କର ମାମଲା ଭଳି ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବଙ୍ଗଳାର ଜନସାଧାରଣ ଟିଏମସିର ଗୁଣ୍ଡାଗର୍ଦ୍ଦିକୁ ଆଉ ସହ୍ୟ କରିବେ ନାହିଁ । ଜଙ୍ଗିପୁର ସଭାରେ ସେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ଜାତୀୟ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବା ପାଇଁ ସଂକଳ୍ପ ନେଇଛନ୍ତି । ଟିଏମସି ବର୍ତ୍ତମାନ ବାମପନ୍ଥୀ ମେଣ୍ଟର ଏକ ନକଲରେ ପରିଣତ ହୋଇଛି ଏବଂ ପୂର୍ବରୁ ଯେଭଳି ବାମପନ୍ଥୀଙ୍କ ପତନ ହୋଇଥିଲା, ସେହିଭଳି ଟିଏମସିର ଅହଂକାର ମଧ୍ୟ ଚୂର୍ଣ୍ଣ ହେବ ବୋଲି ପ୍ରଧାନମନ୍ତ୍ରୀ ହୁଙ୍କାର ଦେଇଛନ୍ତି । ପଶ୍ଚିମବଙ୍ଗ ହେଉଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପବିତ୍ର ଭୂମି ଏବଂ ଏଠାକାର ଲୋକେ କାହାରି ଧମକରେ ଦବିଯିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

### ଆତଙ୍କବାଦୀଙ୍କ ପାଇଁ ...

ଏବଂ ଇନଷ୍ଟାଗ୍ରାମରେ 'ଲସ୍କର-ଇ-ମେହେନ୍ଦି' ନାମରେ ଏକ ଆକାଉଣ୍ଟ୍ ଚଳାଉଥିଲା। ଏଥିରେ ଦେଶର ସୁରକ୍ଷା ପାଇଁ କ୍ଷତିକାରକ ଉଗ୍ର ଧାର୍ମିକ ବିଷୟବସ୍ତୁ ସେୟାର କରାଯାଉଥିଲା। ବଦଳରେ ଇମ୍ରାନଙ୍କ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା। ଏସମ୍ପର୍କରେ ଅଧିକ ଖୋଳତାଡ଼ ପାଇଁ ଅଭିଯୁକ୍ତ ଇମ୍ରାନକୁ ଟ୍ରାନ୍ସିଟ୍ ରିମାଣ୍ଡରେ ନେଇ ଅଧିକ ଜେରା କରୁଛି ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଟିମ। ପ୍ରେସରଲିଜ୍ ଜାରି କରି ସୂଚନା ଦେଇଛି କମିଶନରେଟ୍ ପୁଲିସ୍। ଇମ୍ରାନ୍ ଏକ ଉଗ୍ରପନ୍ଥୀ ଗ୍ରୁପ୍‌ର ସକ୍ରିୟ ସଦସ୍ୟ ଥିଲା। ତା ପାଖରୁ ଏକ ମୋବାଇଲ୍, ଲ୍ୟାପଟପ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ବର୍ତ୍ତମାନ ଇମ୍ରାନର କାର୍ଯ୍ୟକଳାପ ଏବଂ କୌଣସି ବଡ଼ ନେଟ୍‌ୱର୍କର ସେ ଜଡ଼ିତ ଥିଲା କି ନାହିଁ ? ସେନେଇ ଅଧିକ ତଦନ୍ତ କରୁଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ ବି ଓଡ଼ିଶାରେ 'ଟେରର ଲିଙ୍କ୍' ସାମ୍ନାକୁ ଆସିଛି। ୨୦୧୫ରେ କଟକରୁ ଅଲ୍-କାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଅବଦୁର ରହେମାନ ଗିରଫ ହୋଇଥିଲା। ୨୦୧୬ରେ ରାଉରକେଲାରୁ ୪ ଜଣ ସିମି ସଦସ୍ୟ ଗିରଫ ହୋଇଥିଲେ। ବିଦେଶୀ ଏଜେଣ୍ଟଙ୍କୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର କର୍ମଚାରୀ ଗିରଫ ହୋଇଥିଲେ। ବଡ଼ କଥା ହେଉଛି ଭୁବନେଶ୍ୱରରେ ସଚିବାଳୟ, ଲୋକସେବା ଭବନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିବାସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଅଛି। ଏଠାରୁ ସନ୍ଦିଗ୍ଧ ଆତଙ୍କୀ ଗିରଫ ହେବା ପରେ ରାଜଧାନୀରେ ଭୟ ବଢିଛି। ପ୍ରଶ୍ନ ଉଠୁଛି, ଓଡ଼ିଶା କାହିଁକି ଆତଙ୍କୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ? ଓଡ଼ିଶାରେ ଆତଙ୍କୀ ରହୁଥିଲେ ବି, କେମିତି ଜାଣିପାରୁନି ଗୁଇନ୍ଦା ବିଭାଗ ? ସନ୍ଦିଗ୍ଧ ଇମ୍ରାନ ରହୁଥିବା ଅଞ୍ଚଳର ପୁଲିସ କରୁଥିଲା କ'ଣ ?

### ଟ୍ରିବ୍ୟୁନାଲ ...

ବୋଲି ଚେତାବନୀ ଦେଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଅବଧି ଏପ୍ରିଲ ୧୪ରୁ ଆଉ ୯ମାସ ଅର୍ଥାତ୍ ୨୦୨୭ ଜାନୁୟାରୀ ୧୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅବଧି ସୁଦ୍ଧା ଟ୍ରିବ୍ୟୁନାଲଙ୍କୁ ନିଜର ରିପୋର୍ଟ ଓ ନିଷ୍ପତ୍ତି ପ୍ରଦାନ କରିବାକୁ ହେବ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ଯୋଗୁ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଏହି ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। କୋଭିଡ ମହାମାରୀ ଓ ୨୦୨୪ ମାର୍ଚ୍ଚ ମାସରେ ଟ୍ରିବ୍ୟୁନାଲର ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ଏଏମ. ଖାନୱିଲକରଙ୍କ ଇସ୍ତଫା ଯୋଗୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଉ ୯ମାସ ସମୟ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ତୃତୀୟଥର ପାଇଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ପୂର୍ବରୁ ୨୦୨୧ ଓ ୨୦୨୩ ମସିହାରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବଢ଼ିଥିଲା। ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଓ ମାମଲାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତାକାଲି ଶେଷ ହେଉଥିବାବେଳେ କେନ୍ଦ୍ର ସରକାର ଏହାର କାର୍ଯ୍ୟକାଳକୁ ୨୦୨୭ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଜି ଟ୍ରିବ୍ୟୁନାଲଙ୍କ ଶୁଣାଣିବେଳେ ଗତ ଅଗଷ୍ଟ ମାସଠାରୁ ଅଦ୍ୟାବଧି ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବୈଷୟିକ କମିଟି, ମୁଖ୍ୟ ସଚିବ ଓ ଜଳସମ୍ପଦ ବିଭାଗ ସଚିବଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରରେ ଯେଉଁ ସବୁ ବାର୍ତ୍ତାଳାପ ଚାଲିଛି ଓ ଆପୋଷ ଆଲୋଚନା ମାଧ୍ୟମରେ ଯେଉଁ ନିଷ୍ପତ୍ତି ନିଆଯାଉଛି ତା'ର ବିବରଣୀ ଟ୍ରିବ୍ୟୁନାଲଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ଅନେକ ବିବାଦୀୟ ବିଷୟରେ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଥିବାରୁ ଟ୍ରିବ୍ୟୁନାଲ ତାକୁ ରେକର୍ଡଭୁକ୍ତ କରିଛନ୍ତି ଓ ଗତ ୮ ଏପ୍ରିଲ ତାରିଖରେ ହୋଇଥିବା ଶେଷ ବୈଷୟିକ କମିଟି ବୈଠକର ବିବରଣୀକୁ ମଧ୍ୟ ସମୀକ୍ଷା କରିଛନ୍ତି। ଏହି ବର୍ଦ୍ଧିତ ୯ମାସ ମଧ୍ୟରେ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆପୋଷ ବୁଝାମଣା ଓ ଆଲୋଚନାର ସୁଫଳ ମିଳିବ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖି ମହାନଦୀ ଜଳରାଶିର ସୁବିନିଯୋଗ ପାଇଁ ଏକ ଉଚିତ୍ ନିଷ୍କର୍ଷ ବାହାରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏବେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ହୋଇଥିବାରୁ ସେ ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି ଓ ଏହା ଶୀର୍ଷ ନେତୃତ୍ୱ ଉପରେ ନିର୍ଭର କରୁଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ଦିନର ଆଲୋଚନା ଏକ ଠିକ୍ ସମାଧାନ ଦେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଠନ କରିଥିବା ହାଇପାୱାର କମିଟି ଆପୋଷ ଆଲୋଚନାରେ ସହାୟକ ହେବ ଓ ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ବିବାଦର ସମାଧାନ ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ଦୁର୍ଘଟଣାରୁ ଅଳ୍ପକେ...

ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ପାଇଲଟ୍ ଭୁଲବଶତଃ ପାର୍କିଂ ଅଞ୍ଚଳରେ ଏକ ଖୋଲା ସ୍ଥାନକୁ ଅବତରଣ ସ୍ଥାନ ବୋଲି ଭାବି ନେଇଥିଲେ। ସେହି ସ୍ଥାନଟି ସେତେବେଳେ ଖାଲିଥିବାରୁ ପାଇଲଟ ଏହାକୁ ଭୁଲବଶତଃ ହେଲିପ୍ୟାଡ ଭାବି ଥିଲେ। ଅବତରଣ ବିପଦପୂର୍ଣ୍ଣ ଥିଲା କାରଣ ହେଲିକପ୍ଟରର ଘୂର୍ଣ୍ଣନ ରୋଟରଗୁଡ଼ିକ ନିକଟରେ ଥିବା ଯାନବାହନ କିମ୍ବା ନିର୍ମାଣକୁ କ୍ଷତି ପହଞ୍ଚାଇଥାନ୍ତା। ପରେ ଭୁଜବଲ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଆମେମାନେ ସୁରକ୍ଷିତ ଅବତରଣ କରିଛୁ। ଦୁର୍ଘଟଣା ଘଟିନଥିଲା। ହେଲିପ୍ୟାଡ ଦେଖାଯାଉ ନଥିବାରୁ କାର ପାର୍କିଂ ଅଞ୍ଚଳରେ ହେଲିକପ୍ଟର ଅବତରଣ କରିଥିଲା। ସୁରକ୍ଷା ଏଜେନ୍ସି ଏହା ମାନବିକ ତ୍ରୁଟି ନା ବୈଷୟିକ ତ୍ରୁଟି ତା'ର ତଦନ୍ତ କରୁଛନ୍ତି। ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ଅବସରରେ ଭୁଜବଲ ନାସିକ୍‌ରୁ ପୁରନ୍ଦର ତହସିଲର ଖାନ୍‌ବାଡିକୁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା।

### ମହାରାଷ୍ଟ୍ରର ତିନୋଟି ଜିଲ୍ଲାରେ ମୃଦୁ ...

ନାନ୍ଦେଡ ଜିଲ୍ଲାର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ପଡ଼ୋଶୀ ନାନ୍ଦେଡ ଜିଲ୍ଲା - ବିଶେଷକରି ଅର୍ଦ୍ଧପୁର, ହଦଗାଓଁ ଏବଂ ହିମାୟତନଗର ତହସିଲରେ - ଏବଂ ପରଭାନୀ ଜିଲ୍ଲାର କିଛି ଅଂଶରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ପ୍ରଭାବିତ ଜିଲ୍ଲାରୁ କୌଣସି ଆହତ ହେବାର ରିପୋର୍ଟ ଆସିନାହିଁ, କିନ୍ତୁ କୋଠାଘରର ସାମାନ୍ୟ କ୍ଷୟକ୍ଷତିର ରିପୋର୍ଟ ନିଶ୍ଚିତ ଭାବରେ ଆସିଛି। ନାଗରିକମାନଙ୍କୁ ଶାନ୍ତ ରହିବା ଏବଂ ସୁରକ୍ଷା ପ୍ରୋଟୋକଲ ପାଳନ କରିବାକୁ ଅନୁରୋଧ କରାଯାଇଛି। ଅଧିକାରୀ ଜଣକ ଆହୁରି କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଏହି ତିନୋଟି ଜିଲ୍ଲାରେ ଜରୁରୀକାଳୀନ ପ୍ରତିକ୍ରିୟା ଦଳକୁ ପ୍ରସ୍ତୁତ ରଖାଯାଇଛି।

### ବିନା ଅନୁମତିରେ...

ଆଚରଣବିଧୀକୁ ଅନୁପାଳନ କରିବାପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଯେଉଁଥିରେ ଏହାକୁ କଲେଜର ନୋଟିସ୍ ବୋର୍ଡ ଏବଂ ୱେବସାଇଟରେ ଅପଲୋର୍ଡ କରିବାକୁ କୁହାଯାଇଛି । ଏପରିକି ଶିକ୍ଷାନୁଷ୍ଠାନର ପୁସ୍ତିକା, ନାମଲେଖା କିଟରେ ବି ଏହାକୁ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗର ଏପରି ଆଦର୍ଶ ଆଚରଣ ବିଧୀ ଲାଗୁ କରାଯିବା ପରେ ତତ୍ପରତା ପ୍ରକାଶ କରିଛନ୍ତି ସବୁ ଉଚ୍ଚ ଶିକ୍ଷାନୁଷ୍ଠାନ। ତେବେ ଏଠି ପ୍ରଶ୍ନ କାହିଁକି ହଠାତ୍ ଚେଇଁ ଉଠିଲା ଉଚ୍ଚଶିକ୍ଷା ବିଭାଗ ? ପୂର୍ବରୁ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଆଇସିସି କମିଟି, ଆଣ୍ଟି ରାଗିଂ ସେଲ ଓ ବିବାଦ ସମାଧାନ ପାଇଁ ସେଲ ନ ଥିଲାକି ? ଯଦି ଥିଲା ଏବେ ଏହାକୁ ତୁରନ୍ତ କାର୍ଯ୍ୟାକାରୀ କରିବା ପାଇଁ କାହିଁକି ତାଗିଦ୍ କଲା ବିଭାଗ ? ତେବେ ଏହା ପଛରେ ମୁଖ୍ୟ ଉଦ୍ଦେଶ୍ୟ ହେଲା ଉଚ୍ଚ ଶିକ୍ଷାନୁଷ୍ଠାନରେ ସବୁ ନିୟମ ଥିବା ସତ୍ତ୍ୱେ ଏହା ଠିକଣାଭାବେ କାର୍ଯ୍ୟକାରୀ ହେଉନଥିଲା। ଏଣିକି ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ଜଣାପଡ଼େ, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଅନୁପସ୍ଥିତି ପାଇଁ ପୂର୍ବରୁ ଅନୁମତି ନେବେ କିମ୍ବା ଅନୁପସ୍ଥିତିର ଯଥୋଚିତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି।

# ପଂଚପଡ଼ା ହାଇସ୍କୁଲରେ ବେଦାନ୍ତର ଅଗ୍ନିସୁରକ୍ଷା ମକଡ୍ରିଲ

ଝାରସୁଗୁଡ଼ା, ୧୧/୪ (ନି.ପ୍ର): ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନା କାରଖାନାର ସିଏସଆର କାର୍ଯ୍ୟକ୍ରମ ଅନୁସାରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଂଚପଡ଼ାରେ ଅଗ୍ନିସୁରକ୍ଷା ସଚେତନତା ଓ ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେଦାନ୍ତ କାରଖାନାର ଅଗ୍ନି ସୁରକ୍ଷା ଇନଚାର୍ଜ ଅଂଶୁମାନ ପତିଦାର ଓ ଫାୟାର ଅଫିସର ସତ୍ୟନାରାୟଣ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଗ୍ନିକାଣ୍ଡର କାରଣ, ଅଗ୍ନିର ପ୍ରକାର ଓ ଅଗ୍ନିକୁ କିପରି ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯାଇପାରେ ସେଥିପରେ ବିସ୍ତୃତ ଜାଣକାରି ଦେଇଥିଲେ। ଏହାସହିତ କମ୍ପାନୀର ଅଗ୍ନି ସୁରକ୍ଷା କର୍ମୀ ବୁଲୁ ପେରା ଓ ଶିବ କୁମାର ମଲ୍ଲିକ ନିଆଁ ନିବାପନ ପ୍ରଣାଳୀ ସମ୍ବନ୍ଧୀୟ ମକଡ୍ରିଲ ପ୍ରଦର୍ଶନ କରିଥିଲେ, ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପକାରୀ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣମିତା ନାଏକଙ୍କ ସହ ଶିକ୍ଷକ ଆଲୋକ ପଟେଲ, କୁଶ ଭୁଏ, ଖେଳ ଶିକ୍ଷୟତ୍ରୀ ପଙ୍କଜିନୀ ପଟେଲ, ସୁନନ୍ଦା ଚୌଧୁରୀ, ଜୟନ୍ତୀ ନାଥ, ବିନିତା ପ୍ରଧାନ, ସଙ୍ଗୀତା କେରକେଟା, ସ୍ନେହଲତା ନାଏକ, ଫଗୁନି ନାଏକ ଓ ପ୍ରମିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

୧୨ ଏପ୍ରିଲ ୨୦୨୬, ରବିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଦ୍ୟାଳୟ ମାଟି ମାଡ଼ିନାହିଁ ଲୋଧା ଜନଜାତିର ଛାତ୍ର 'ସିଦ୍ଧେଶ୍ୱର'

ଉଦଳା, ୧୧/୪ (ନି.ପ୍ର): ଯେ ହେୁଛି ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ ବଣିଆଦର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାଜୁ ନାଏକଙ୍କର ୧୦ବର୍ଷ ବୟସର ପୁତ୍ର 'ସିଦ୍ଧେଶ୍ୱର' ଏ ପର୍ଯ୍ୟନ୍ତ ବିଦ୍ୟାଳୟ ମାଟି ମାଡ଼ିନଥିବାର ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ 'ସିଦ୍ଧେଶ୍ୱର' ଗ୍ରାମରେ ଥିବା ଅଙ୍ଗନୱାଡ଼ିରେ ପଢ଼ୁଥିଲେ । ଅଙ୍ଗନୱାଡ଼ି ପାସ କରିବା ପରେ ପାଖରେ ବିଦ୍ୟାଳୟ ନଥିବାରୁ ସେ ନାମ



ଲେଖାଇପାରିନଥିଲେ । ଏହିଗ୍ରାମ ଠାରୁ ବିଦ୍ୟାଳୟ ୫ କିମି ଦୂରରେ ଅବସ୍ଥିତ । ଜଙ୍ଗଲପାରି ହୋଇ ନିୟମିତ ଯାତାୟତ କରିବା 'ସିଦ୍ଧେଶ୍ୱର'ଙ୍କ ପକ୍ଷେ ସମ୍ଭବ ହୋଇପାରିଲା ନାହିଁ । ତେଣୁ ପାଠପଢ଼ା ଠାରୁ ଦୂରେଇ ଯିବାକୁ ସେ ବାଧ ହୋଇଥିବାର କଥା ପରିବାରର ଲୋକେ କହିଛନ୍ତି । ଏହିଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟଟିକୁ କିଛିବର୍ଷ ପୂର୍ବେ ସରକାର ପିଲାନାହାଁନ୍ତି ବୋଲି କହି ଉଠାଇ ଦେଇଛନ୍ତି । ଫଳରେ ଏପରି ସମସ୍ୟା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସୀ ଜଣାଇଛନ୍ତି । 'ସିଦ୍ଧେଶ୍ୱର'ଙ୍କୁ କୌଣସି ଏକ ହଷ୍ଟେଲରେ ରହିବାର ବ୍ୟବସ୍ଥା କରିଦେବା ସହ ପାଠପଢ଼ା ପାଇଁ ସୁଯୋଗ ପ୍ରଦାନ କରିବାକୁ ପିତା ରାଜୁ ଗୁହାରି ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର କର୍ମୀ ମାନେ ଅନୁରୋଧ କରିଛନ୍ତି ।

## ମମତା ବାନାର୍ଜୀଙ୍କ ଅଭିଯୋଗକୁ ଆରଏସଏସ କଲା ଖଣ୍ଡନ

ନୂଆଦିଲ୍ଲୀ,୧୧/୪ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେଶିୟାଡିରେ ଏକ ନିର୍ବାଚନୀ ରାଲିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ଥାନୀୟ ବିଶେଷ ପ୍ରଶିକ୍ଷଣ କେନ୍ଦ୍ର ଉପରେ ସ୍ୱତନ୍ତ୍ର ତାଲିମ ଦେଉଥିବା ନେଇ କରିଥିବା ଅଭିଯୋଗକୁ ଆରଏସଏସ ଖଂଡନ କରିଛି । ନିର୍ବାଚନ ସଭାକୁ ସମ୍ବୋଧିତ କରି ମମତା ବାନାର୍ଜୀ କହିଛନ୍ତି ଯେ କେଶିୟାଡି ଅଞ୍ଚଳରେ ସଂଘର ଏକ ଦୃଢ ଆଧାର ରହିଛି, ଯେଉଁଠାରେ ସ୍ୱତନ୍ତ୍ର ତାଲିମ ଦିଆଯାଏ। ମୋ ପାଖରେ ସମସ୍ତ ସୂଚନା ଅଛି। ଯେଉଁମାନେ ଭଲ କାମ କରିବେ ସେମାନଙ୍କୁ ସମ୍ମାନ ମିଳିବ ଏବଂ ଯେଉଁମାନେ ଭୋଟ୍ କାଟିବାକୁ ଚେଷ୍ଟା କରିବେ, ସେମାନଙ୍କୁ ବିସର୍ଜନ କରି ଦିଅନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିଯୋଗକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଅସ୍ୱୀକାର କର ଯାଇଛି । ଆରଏସଏସର ଦକ୍ଷିଣ ବଙ୍ଗର ପ୍ରଚାର ମୁଖ୍ୟ ବିପ୍ଳବ ରାୟ ଏହି ଅଭିଯୋଗକୁ ଦୃଢ଼ତାର ସହ ଅସ୍ୱୀକାର କରି କହିଛନ୍ତି ଯେ ୧୫ ବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ ମମତା ବଙ୍ଗଳାକୁ ଠିକ୍ ଭାବରେ ବୁଝି ନାହାଁନ୍ତି। କେଶିୟାଦିରେ ସଂଘର କୌଣସି ପ୍ରଶିକ୍ଷଣ କେନ୍ଦ୍ର ନାହିଁ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

## ଶକ୍ତି ଉପାସନା ପ୍ରଭାବିତ କରିଛି ଓଡ଼ିଶାର ଜନଜୀବନକୁ : ମଂଜୁଳା କଳିଆ

ଉଦଳା, ୧୧/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଥିବା ଇତିହାସ ବିଭାଗ ତରଫରୁ 'ଓଡ଼ିଶାରେ ଶକ୍ତି ଉପାସନା' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଏହାପରେ ଛାତ୍ରୀ ବିଦ୍ୟୁସ୍ମିତା ଘୋଷ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ମଂଜୁଳା କଳିଆ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଶକ୍ତି ଉପାସନା



ଓଡ଼ିଶାର ଜନଜୀବନକୁ ବହୁଳ ଭାବରେ ପ୍ରଭାବିତ କରିଛି ବୋଲି ବ୍ୟକ୍ତ କରିବା ସହ, କଟକରେ 'ଚଣ୍ଡି', ଯାଜପୁରରେ 'ବିରଜା', ସମ୍ବଲପୁରରେ 'ସମଲେଶ୍ୱରୀ', ଗଞ୍ଜାମରେ 'ତାରାତାରିଣୀ', କେନ୍ଦୁଝର ଘଟଗାଁସ୍ଥିତ 'ତାରିଣୀ', ବାରିପଦାର 'କିଚକେଶ୍ୱରୀ', ଦେବକୁଣ୍ଡରେ 'ଅମ୍ବିକା' ଇତ୍ୟାଦି ପୀଠ ଶକ୍ତି ଉପାସନାର କ୍ଷେତ୍ର ଭାବରେ ସବୁଠି ପରିଚିତ କହିଥିଲେ । ମେଘାସନ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧାପକ ସରୋଜ କୁମାର ମହାନ୍ତି ଅତିଥି ଭାବରେ ଯୋଗଦେଇ ଶକ୍ତି ଉପାସନା ପାଇଁ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଅନୁରାଧା କବାଟ, ଶ୍ରୀମନ୍ଦିରରେ ଥିବା ମା' ବିମଳାଙ୍କ ମନ୍ଦିର ମଧ ଶକ୍ତି ଉପାସନାର ପୀଠ ଭାବରେ ପରିଗଣିତ ହୋଇଥାଏ । ଏଠାରେ ନିୟମିତ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ପ୍ରସାଦ ବିମଳା ଦେବୀଙ୍କୁ ଅର୍ପଣ କରାଯିବା ପରେ ଏହା ମହାପ୍ରସାଦରେ ପରିଣତ ହୋଇଥାଏ ବୋଲି ବ୍ୟକ୍ତ କରିଥିଲେ । ଅଧାପକ ରାଜେଶ କୁମାର ମୁଦୁଲି ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ଆଲୋଚନାଚକ୍ରର ଯବନିକା ପକାଇଥିଲେ ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

ବେତନଟୀ , ୧୧/୪ (ନି.ପ୍ର): ବେତନଟୀ ବଙ୍ଗଳାଛକ ସ୍ଥିତ ପୁରୁଣା ଦମକଳକେନ୍ଦ୍ର ଛକରେ ୧୮ନଂ ଜାତୀୟରାଜପଥରେ ପେଟ୍ରୋଲିଙ୍ଗ ସମୟରେ ବେତନଟୀ ପୁଲିସ ଟିମ ବାଇକ ସମେତ ଜନୈକ ଯୁବକଙ୍କୁ କାବୁ କରିବା ସହିତ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ସୂଚନା ମୁତାବକ ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ୧୮ନଂ ଜାତୀୟ ରାଜପଥରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ସନ୍ଦେହ ହେବାରୁ ଓଆର-୦୧ଏସ-୦୪୫୬ ନମ୍ବର ବିଶିଷ୍ଟ ମୋଟର ସାଇକେଲକୁ ପିଛା କରିଥିଲେ । ପୁଲିସକୁ ଚକମା ଦେଖାଇ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପେଟ୍ରୋଲିଙ୍ଗ ଟିମ ପିଛାକାରି ପୁରୁଣା ଦମକଳକେନ୍ଦ୍ର ଛକରେ କାବୁ କରିବାରେ ସଫଳ ହୋଇଥିଲେ ।



ତେବେ ଘଟଣାସ୍ଥଳରୁ ସହଯୋଗୀ ଫେରାର ହୋଇଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ବେତନଟୀ ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛି ବୈଶିଙ୍ଗା ଥାନା ଅଧୀନ ଶାଳଗାଁ ସ୍ଥିତ ସୋରିଷକୋଠା ଗ୍ରାମର ମହେଶ୍ୱର ମହାଳିକଙ୍କ ପୁଅ ଶିବଶମ୍ଭୁ ମହାଳିକ । ମାଜିଷ୍ଟ୍ରେଟ ଭାବେ ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣାଙ୍କ ଉପସ୍ଥିତିରେ ଗଞ୍ଜେଇ ପ୍ୟାକେଟ ଖୋଲାଯାଇ ଓଜନ କରିବାପରେ ସେଥିରେ ୧୯ କିଲୋଗ୍ରାମ ୫ଶହ ଗ୍ରାମରୁ ଉର୍ଦ୍ଧ୍ୱ ଓଜନର ଗଞ୍ଜେଇ ଥିବାର ଜଣାପଡିଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି । ତେବେ ଅଭିଯୁକ୍ତ ଶିବଶମ୍ଭୁ କେଉଁଠାରୁ କାହାପାଖରୁ ଏତେ ପରିମାଣର ଗଞ୍ଜେଇ ନେଇ କାହାକୁ ଦେବାକୁ ଯାଉଥିଲା ନା ନିଜେ ଚୋରା ବ୍ୟବସାୟ କରିବାକୁ ଆଣୁଥିଲା ସେନେଇ ଅଧିକ ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ: ବିଜେଡି ପଞ୍ଚାୟତ ସଭାପତି ଗିରଫ

ବସ୍ତା, ୧୧/୪ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ପାଞ୍ଚପଡ଼ା ପଞ୍ଚାୟତର ସରପଞ୍ଚ ସସ୍ମିତା ଦାସଙ୍କ ସ୍ୱାମୀ ବିନାୟକ ଦାସଙ୍କୁ ଶୁକ୍ରବାର ଏହି ପଞ୍ଚାୟତର ବିଜେଡି ସଭାପତି ନବଘନ ଦାସ ମରଣାନ୍ତକ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ୍ ଏକ ମାମଲା ୨୧୨/୨୬ ରୁଜୁ କରି ଅଭିଯୁକ୍ତ ନବଘନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ,



ଅଭିଯୋଗକାରୀ ବିନାୟକ ଗତକାଲି ସକାଳେ ବାଇକ୍ ଯୋଗେ ସୋଲପଟା ମାର୍କେଟରୁ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପାଞ୍ଚପଡ଼ା କେନାଲ ଆଡ଼ି ଠାରେ ଅଭିଯକ୍ତ ନବଘନ ତାଙ୍କୁ ଅଟକାଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏପରିକି ଏକ ଦୌଡ଼ି ଆଣି ବିନାୟକଙ୍କ ବେକରେ ଗୁଡ଼ାଇ ହତ୍ୟା ଉଦ୍ୟମ କରିଥିବା ଏତାଲାରେ ଦର୍ଶାଯାଇଛି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହି ଗ୍ରାମର ମନୁ ଚରଣ ଦାସ କିଛି ସମୟ ପରେ ବିନାୟକଙ୍କୁ ମୋବାଇଲ ଯୋଗେ ଜୀବନରୁ ମାରିଦେବାର ଧମକ ଦେଇଥିବା ମଧ ଏତାଲାରେ ଦର୍ଶାଯାଇଛି। ଅପରପକ୍ଷରେ ଗତ ମାର୍ଚ୍ଚ ୧ ତାରିଖରେ ପାଞ୍ଚପଡ଼ା ପୋଲ ନିକଟରେ ଅଭିଯୁକ୍ତ ନବଘନ ସରପଞ୍ଚଙ୍କ ସ୍ୱାମୀ ବିନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ମଧ ପୋଲିସ୍ ୧୪୬/୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିଲା। ଅଭିଯୁକ୍ତ ଜଣକ ହାଇକୋର୍ଟରୁ ଜାମିନ ଆଣିଥିଲେ।

## ବାବା ସଙ୍କଟ ମୋଚନଙ୍କ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର , ୧୧/୪ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ଗ୍ରାମ ପଞ୍ଚାୟତ ପାଖର ସାଉଁ ଗ୍ରାମରେ ଅବସ୍ଥିତ ବାବା ସଙ୍କଟ ମୋଚନଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଦିବସ ବ୍ୟାପି ବୈଦିକ ରୀତିରେ ହୋମଯଂଜ୍ଞ, ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପାଖଆଖ ଗ୍ରାମର ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ସାମୁହିକ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ କୁଳମଣି ସାମଲ ଓ ସାଥୀଙ୍କ ସହଯୋଗରେ ଅନୁଷ୍ଠିତ ଭଜନ ସନ୍ଧ୍ୟା ବେଶ ମନମୁଗ୍ଧକରହୋଇଥିଲା ।ସଙ୍କଟ ମୋଚନ ମନ୍ଦିର କମିଟିର ବନଲତା ଦାସ, ସ୍ମୃତି ସାମଲ, ଦିଲ୍ଲୀପ ସ, ସୌମିତ ସାମଲ, ମୋନରଞ୍ଜନ ସାମଲ, ବାସନ୍ତୀମଣି ଦାସ, ବଂଶୀଧର ପ୍ରଧାନ, ପୂର୍ଣଚନ୍ଦ୍ର ମହାଳିକ, ଅମର ପାତ୍ର,ରବୀନ୍ଦ୍ର ପରିଡା, ହରିଦାସ ଆଚାର୍ଯ୍ୟ, ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



## ସମାଜସେବୀଙ୍କ ଗଳାକାଟି ହତ୍ୟା ଉଦ୍ୟମ ଘଟଣା: ସମାଜସେବୀଙ୍କ ସ୍ତ୍ରୀଙ୍କ ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ

ଜଳେଶ୍ୱର, ୧୧/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ସେକସରାଇ ଅଞ୍ଚଳରେ ବାଲି ମାଫିଆଙ୍କ ବର୍ବରତା ଦେଖିବାକୁ ମିଳିଛି। ବେଆଇନ ବାଲି ଚୋରାଚାଲାଣକୁ ବିରୋଧ କରିବାରୁ ଜଣେ ସମାଜସେବୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ବ୍ୟକ୍ତିଜଣକ ହେଲେ ହରିପଦ ମାନ୍ନା।ବର୍ତ୍ତମାନ ସେ କଟକ ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୮ଟା ସମୟରେ ହରିପଦ ମାନ୍ନା ନିଜ ସ୍କୁଟିରେ ଘରକୁ ଫେରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା କିଛି ବାଲି ମାଫିଆ ତାଙ୍କୁ ଅଟକାଇଥିଲେ। ସେଠାରେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼




ମାରିଥିଲେ। ପରେ ଚନ୍ଦନ ବାସ୍କେ ନାମକ ଜଣେ ବ୍ୟକ୍ତି ଏକ ଧାରୁଆ ଛୁରୀରେ ହରିପଦଙ୍କ ଗଳାକୁ କାଟି ଦେଇଥିଲେ। ସାଗର ବାସ୍କେ, ଭରତ ବାସ୍କେ, ଅଭିଷେକ ଦେ, ସରୋଜ ସାହୁ, ସୁବୋଧ ବେହେରା, ଅଶୋକ ପଲେଇ, ମଦନ ଟୁଡୁ, ଦେବେନ୍ଦ୍ର ନାୟକ, ଚନ୍ଦନ ନାୟକ, ମଦନମୋହନ ସାହୁ ତଥା ୮ ରୁ ୧୦ ଜଣ ବ୍ୟକ୍ତି ତାଙ୍କୁ ଜାବୁଡ଼ି ଧରିଥିଲେ ବୋଲି ସ୍ତ୍ରୀ ଅର୍ଚ୍ଚନା ଅଭିଯୋଗ ପତ୍ରରେ ଲେଖିଛନ୍ତି। ହରିପଦଙ୍କ ପତ୍ନୀ ଅର୍ଚ୍ଚନା ମାନ୍ନାଙ୍କ କହିବା ଅନୁସାରେ, ତାଙ୍କ ସ୍ୱାମୀ ଜଣେ ସମାଜସେବୀ ଭାବେ ଅଞ୍ଚଳରେ ଚାଲିଥିବା ଅବାଧ ବାଲି ଚୋରାଚାଲାଣକୁ ବିରୋଧ କରିଆସୁଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ମାଫିଆମାନେ ଏଭଳି ଯୋଜନାବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଘଟଣାସ୍ଥଳରେ ଅର୍ଚ୍ଚନା ପହଞ୍ଚି ନେହୁରା ହୋଇଥିଲେ ମଧ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଆହତ ହରିପଦଙ୍କୁ ପ୍ରଥମେ ଜଳେଶ୍ୱର ଜି.କେ.ଭଞ୍ଜର ହସପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ କଟକ ଏସସିବି ସ୍ଥାନାନ୍ତର କରାଯାଇଛି ।ତାଙ୍କ ଗଳାରେ ପ୍ରାୟ ୧୫ରୁ ୧୭ଟି ଷ୍ଟିଚ୍ ପଡ଼ିଥିବା ଜଣାପଡ଼ିଛି। ଆଜି ଅର୍ଚ୍ଚନା ମାନ୍ନା ଜଳେଶ୍ୱର ଥାନାରେ ଏକ ଲିଖିତ ଏତଲା ଦେଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। 'ମୋ ସ୍ୱାମୀ ଦେଶ ଓ ଗାଁର ସେବା କରୁଥିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଚେଷ୍ଟା କରାଯାଇଛି। ମାଫିଆମାନେ ଖୋଲାଖୋଲି ବନ୍ଧୁକ ଧରି ଗାଁରେ ବୁଲୁଛନ୍ତି,' ବୋଲି ଅର୍ଜନା ନିଜ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ୨୧୬ ନମ୍ବର ମାମଲାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଅଭିଯୁକ୍ତମାନେ ଫେରାର ଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି।

## ସ୍ତ୍ରୀ, ପୁଅ ସମେତ ଶାଶୁଙ୍କୁ ପେଟ୍ରୋଲ ଢ଼ାଳି ମାରିଦେବାକୁ ଜ୍ୱାଇଁର ଉଦ୍ୟମ: ପାଲଟା ମରଣାନ୍ତକ ଆକ୍ରମଣରେ ଜ୍ୱାଇଁ ଗୁରୁତର

ନୀଳଗିରି, ୧୧/୪ (ନି.ପ୍ର): ଶଶୁରଘରେ ଜ୍ୱାଇଁର ଉନ୍ମତ୍ତ କାଣ୍ଡ। ଶାଶୁ,ପତ୍ନୀ ଓ ପୁଅକୁ ପେଟ୍ରୋଲ ଢ଼ାଳି ମାରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରିବାରୁ ଅଳ୍ପକେ ସେମାନଙ୍କର ଜୀବନ ବଞ୍ଚିଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ତଳକାହାଲିଆ ଗ୍ରାମର ଭାସ୍କର ପାତ୍ରଙ୍କ ପୁଅ ମହେଶ୍ୱର ପାତ୍ର ସନ୍ତରାଗଡିଆ ନିକଟସ୍ଥ କାନପୁର ଗ୍ରାମର ଭାସ୍କର ସ୍ୱାଇଁଙ୍କ ଝିଅ ଜ୍ୟୋତିରାଣୀଙ୍କୁ ୨୦୨୫ମସିହା ଜୁନ ୨ତାରିଖରେ ବୈଦିକ ରୀତିରେ ମନ୍ଦିରରେ ବିବାହ କରିଥିଲେ ।ତେବେ ଡ୍ରଗସ୍ ଓ ଗଞ୍ଜେଇ ଭଳି ନିଶାରେ ବୁଡି ରହୁଥିବା ମହେଶ୍ୱର ଅଧିକାଂଶ ସମୟରେ ସ୍ତ୍ରୀ ଜ୍ୟୋତିର୍ମୟୀଙ୍କୁ ନିର୍ଯାତନା ଦେଉଥିବାବେଳେ



ବାପଘରୁ ଟଙ୍କା, ସୁନାଗହଣା ଆଣିବାକୁ ନେଇ ମାରଧର କରୁଥିଲେ। ଝିଅର ଦୁଃଖ ସହିନପାରି ମା ଶକୁନ୍ତଳା ବର୍ଷେତଳେ ଝିଅକୁ ଆଣି ଘରେ ରଖିଥିଲେ। ଝିଅ ଆସିବା ସମୟରେ ଅନ୍ତସତ୍ୱା ଥିଲା ।ଇତିମଧରେ ଜ୍ୱାଇଁକୁ ବୁଝାସୁଝାକରି ମଧ ଶାଶୁ ନିଜଘରେ ରଖିଥିଲେ। ଶଶୁରଘରେ ରହିବା ସମୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ କରିବା ଏପରିକି ନିଶାସେବନ କରୁଥିଲା। କିଛିଦିନ ରହି ପୁନର୍ବାର ଘରକୁ ପଳାଇ ଆସିଥିଲା। ଇତିମଧରେ ୧୮ଦିନ ତଳେ ସ୍ତ୍ରୀ ଜ୍ୟୋତିରାଣୀଙ୍କ ଗର୍ଭରୁ ପୁତ୍ରସନ୍ତାନଟିଏ ଜନ୍ମହୋଇଥିବା ବେଳେ ଆଜି ମହେଶ୍ୱର ଶଶୁରଘରେ ପହଞ୍ଚି ସ୍ତ୍ରୀ, ପୁଅ ଓ ଶାଶୁକୁ ଦୁଇଟି ବୋତଲରେ ପେଟ୍ରୋଲ ଆଣି ଢ଼ାଳିବା ସହିତ ଗ୍ୟାସଖୋଲି କବାଟବନ୍ଦକରି ମାରିବାକୁ ଉଦ୍ୟମ କରୁଥିବାବେଳେ ଚିତ୍କାରଶୁଣି ସ୍ଥାନୀୟ ଅଂଚଳର ତିନିଜଣ ଲୋକ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ନୀଳଗିରି ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପରେ ଶାଶୁ ଶକୁନ୍ତଳା ନୀଳଗିରି ଥାନାରେ ଉପସ୍ଥିତହୋଇ ଲିଖିତ ଅଭିଯୋଗ କରିବା ପରେ ନୀଳଗିରି ପୋଲିସ ଯୁବକକୁ ଅଟକରଖି ଅଧିକତଦନ୍ତ ଜାରିରଖିଛି । ଅନ୍ୟପଟେ ମହେଶ୍ୱରକୁ ଶାଶୁ, ସ୍ତ୍ରୀ ଏବଂ ସ୍ଥାନୀୟଲୋକ ଗଛରେବାନ୍ଧି ନିସ୍ତୁକ ମାଡ଼ମାରି କ୍ଷତାକ୍ତ କରିଦେଇଥିବା ନେଇ ମହେଶ୍ୱରଙ୍କ ବାପା ମଧ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି।

## ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ

ଖୋର୍ଦ୍ଧା , ୧୧/୪ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନା ରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉକ୍ତ ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ସଚେତନ କରିବ ଜନଗଣନା ବିଷୟରେ ଏବଂ ସ୍ୱ ଗଣନା କିପରି କରିବେ ସେ ସମ୍ବନ୍ଧରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ



ସଚେତନତା କରିବ । ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ ରାତ୍ର ପର୍ଯ୍ୟନ୍ତ https://se.census.gov.in ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ସଠିକ୍ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ, ବୋଲି ପରାମର୍ଶ ଦିଆଯାଇଛି । ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ,ରଞ୍ଜନ କୁମାର ଜେନା, ସ୍ୱିଟି ସୋରେନ, ଆର୍ତ୍ତ ତ୍ରାଣ ମଲ୍ଲିକ,ଆସିଷ୍ଟାଣ୍ଟ କଲେକ୍ଟର ରିଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

## ସେଲ୍ ଆରଏସପି ପକ୍ଷରୁ ସଡ଼କ ପଥରେ ପ୍ରମୁଖ ଉତ୍ପାଦଗୁଡ଼ିକର ସର୍ବାଧିକ ଚାଲାଣ ନିମନ୍ତେ ଗ୍ରାହକ ଆଲୋଚନା ଅଧିବେଶନ

ରାଉରକେଲା, ୧୧/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମାଗମ ସମ୍ମିଳନୀ କକ୍ଷରେ ଏପ୍ରିଲ ୦୯ ତାରିଖ ଦିନ ସେବା ବିଭାଗର ସିଜିଏମ ଇନ-ଚାର୍ଜଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ଗ୍ରାହକ ଆଲୋଚନା ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ବିଭିନ୍ନ ସଂସ୍ଥାର ୨୦ ଜଣ ସ୍ଥାନୀୟ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିମାସ ସଡ଼କ ମାଧ୍ୟମରେ ପ୍ରେରଣକୁ ସାଂପ୍ରତିକ ପ୍ରାୟ ୫୦ ହଜାର ଟନରୁ ବୃଦ୍ଧି କରି ଏକ ଲକ୍ଷ ଟନ ଚାଲାଣ ନିୟମିତ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବା ବିଭାଗର ସିଜିଏମ ଇନ-ଚାର୍ଜ ଶ୍ରୀ ଅତିଶ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାରେ ରାଉରକେଲା ସ୍ଥିତ ସିଏମଓ ର ଏସଆରଏମ ଶ୍ରୀ ଏସ୍ ବାନାର୍ଜୀ, ବିଏମ ଶ୍ରୀ ଦିନେଶ ବାବୁ, ସେଲ୍, ଏନପିଏମ ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି, ପିଏମ ଏବଂ ଏସ୍ପିପି ବିଭାଗର ସିଜିଏମ ଶ୍ରୀ ଏତୱା ଓରାମ, ସିଆଇଏସଏଫ ର ସିନିୟର କମାଣ୍ଡାଣ୍ଟ ଶ୍ରୀ ବିଜୟ କୁମାର, ଡେପୁଟି କମାଣ୍ଡାଣ୍ଟ ଶ୍ରୀ ଏମ୍ କେ ପାଠକ ଏବଂ ମିଲ୍ସ, ଆରସିଏଲ, ପିପିସିର ବହୁ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିପି ଏଣ୍ଡ ସି ବିଭାଗର ଏଜିଏମ୍ ସୁଶ୍ରୀ ଗ୍ଲୋରିଆ ପଣ୍ଡା କାଷ୍ଟର – ୪ର କମିଶନିଂ ଭଳି ସଦ୍ୟତମ ବିକାଶ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଏହା ସହିତ ଶ୍ରୀ ସରକାର, ଗ୍ରାହକମାନଙ୍କର ସମସ୍ୟା ଉପରେ ଆଲୋଚନା କରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେ ଆଉ ମଧ ଚଳିତ ଆର୍ଥିକ ବର୍ଷରେ ମାସିକ ୧,୦୦,୦୦୦ ଟନ୍ ପ୍ରେରଣ ଲକ୍ଷ୍ୟ ହାସେଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ରାଉରକେଲା ସ୍ଥିତ ସିଏମଓର ଏସଆରଏମ ଶ୍ରୀ ଏସ୍ ବାନାର୍ଜୀ ଗ୍ରାହକମାନଙ୍କୁ ସିଏମଓ ପକ୍ଷରୁ ସମସ୍ତ ପ୍ରକାରର ଆବଶ୍ୟକୀୟ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ମଧ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆରସିଏଲ ର ମ୍ୟାନେଜର ଶ୍ରୀ ବି କେ ଗିରି ସଂଯୋଜନା କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida